RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI
♦VOLUME- 43 ♦ISSUE-350 ♦THURSDAY ♦18 JUNE 2026 ♦PAGE-12 ♦₹ 7.00
♦ବର୍ଷ-୪୩ ♦ସଂଖ୍ୟା-୩୫୦ ♦ଗୁରୁବାର ♦୧୮ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



## ମେସି ମ୍ୟାଜିକ୍

### କ୍ୟାରିୟରର ୨୦୦ ତମ ମ୍ୟାଚ୍‌ରେ ପୁଣି ହ୍ୟାଟ୍ରିକ୍

■ କନସାସ୍, ୧୭।୬ (ଏଜେନ୍ସି): ଫୁଟବଲର ଭଗବାନ କୁହାଯାଉଥିବା ଲିଓନେଲ ମେସି ପୁଣିଥରେ ବିଶ୍ୱକପ୍‌ରେ ତାଙ୍କ ମ୍ୟାଜିକ୍ ଦେଖାଇଛନ୍ତି। ଅନ୍ତର୍ଜାତୀୟ ଫୁଟବଲ୍‌ରେ ୨୦୦ତମ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିବା ମେସି ଚଳିତ ଫିଫା ବିଶ୍ୱକପ୍‌ରେ ଆଲ୍‌ଜେରିଆ ବିପକ୍ଷ ଆଜିର ମୁକାବିଲାରେ ହ୍ୟାଟ୍ରିକ ଗୋଲ୍ ଦେଇ ପୁଣି ଥରେ ତାଙ୍କ ଅସଂଖ୍ୟ ପ୍ରଶଂସକଙ୍କ ମନ ଜିଣିଛନ୍ତି।

ଆଲ୍‌ଜେରିଆ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଅଧିନାୟକ ମେସିଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଦଳ ୩-୦ରେ ବିଜୟୀ ହୋଇ ତା'ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି। ଚଳିତ ବିଶ୍ୱକପ୍‌ର ପ୍ରଥମ ଖେଳାଳି ଭାବେ ମେସି କେବଳ ହ୍ୟାଟ୍ରିକ ଗୋଲ୍ ଦେଇନାହାନ୍ତି; ଏହି ମ୍ୟାଚ୍‌ରେ ସେ ନିଜ ନାମରେ ଏକାଧିକ ବିଶ୍ୱ ରେକର୍ଡ ଯୋଡ଼ିଛନ୍ତି।

୨୧ ବର୍ଷ ତଳେ ମାତ୍ର ୧୮ ବର୍ଷ ବୟସରେ ହଙ୍ଗେରୀ ବିପକ୍ଷ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ ଫୁଟ୍‌ବଲରେ ପାଦ ଥାପିଥିଲେ। ୩୮ ବର୍ଷ ୩୫୭ ଦିନ ବୟସରେ ପଦାର୍ପଣ କରିଥିବା ବିଶ୍ୱର ଏହି କିମ୍ବଦନ୍ତୀ ଫୁଟ୍‌ବଲର୍ ଇତିମଧ୍ୟରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବିଶ୍ୱ ଫୁଟବଲ ଜଗତରେ ପ୍ରଭୁତ୍ୱ ଜାରି ରଖିଛନ୍ତି। କ୍ୟାରିୟରର ଶେଷ ବିଶ୍ୱକପ୍ ଖେଳୁଥିବା ମେସି ବିଶ୍ୱକପ୍ ଇତିହାସର ବୟୋଜ୍ୟେଷ୍ଠ ହ୍ୟାଟ୍ରିକ ଗୋଲ୍ ସ୍କୋରର୍ ହେବା ସହ ଫିଫା ବିଶ୍ୱକପ୍ ଇତିହାସରେ ସର୍ବାଧିକ ଗୋଲ୍ ଦେବାରେ ଜର୍ମାନୀର ମିରୋସ୍ଲାଭ କ୍ଲୋଜ୍‌ଙ୍କ ରେକର୍ଡ ସହ ସମକକ୍ଷ ▶ପୃଷ୍ଠା-୭

# ବହିରେ ତ୍ରୁଟି: ମାଙ୍କଡ଼ ହାତରେ ଶାଳଗ୍ରାମ

■ ଭୁବନେଶ୍ୱର, ୧୭।୬ (ସମିସ): ଠିକ୍ ସମୟରେ ସ୍କୁଲ ପିଲାଙ୍କୁ ବହି ମିଳିଲା ନାହିଁ। ଅଭିଭାବକଙ୍କ ଅସନ୍ତୋଷ, ଶିକ୍ଷକ ସଂଘର ଚାପ ଓ ଗଣମାଧ୍ୟମରେ ସମାଲୋଚନା ପରେ ଯେଉଁ ବହି ମିଳିଲା; ସେଥିରେ ଶହଶହ ନୁହେଁ, ହଜାର ହଜାର ଭୁଲ। ସାଧାରଣ କାଣ୍ଡଜ୍ଞାନ ଥିବା କୌଣସି ଶିକ୍ଷକ ବା ଶିକ୍ଷାବିତ୍ ଏହି ବହିକୁ ଗ୍ରହଣ କରି ପାରିବ ନାହିଁ। ୮ଟି ଶ୍ରେଣୀର ପିଲାଙ୍କ ପାଇଁ କୋଟି କୋଟି ବହି ଛପାଗଲା, ତାହାକୁ ବନ୍ଧେଇ କରି ସ୍କୁଲକୁ ପଠାଗଲା; ମାତ୍ର ବହି ଛପାଇବା ଦାୟିତ୍ୱରେ ଥିବା ଅଧିକାରୀମାନେ ଥରଟିଏ ଏହାକୁ ଦେଖିଲେ ନାହିଁ। ଫଳରେ ପିଲାଙ୍କ ପାଖରେ ପହଞ୍ଚିଲା ଯାବତୀୟ ଭୁଲ ଥିବା ବହି। ବିଭାଗୀୟ ମନ୍ତ୍ରୀ ଏହାକୁ ଅତି ସାଧାରଣ କଥା ମନେ କଲେ, ଓଡ଼ିଆ ବୁଝୁ ନ ଥିବା ଅଣଓଡ଼ିଆ ଅଫିସରମାନେ ଏହାକୁ ହେୟଜ୍ଞାନ କଲେ; ଶେଷରେ ବ୍ରହ୍ମପୁର ଗୋଟେ ଜିଲ୍ଲା ହୋଇଗଲା। ଓଡ଼ିଶା ବିଧାନସଭା ସ୍ଥାନରେ କର୍ଣ୍ଣାଟକ ଫଟୋ ବସିଲା। ନିର୍ବାଚନ ପୂର୍ବରୁ କଥା କଥାରେ ଓଡ଼ିଆ ▶ପୃଷ୍ଠା-୭

### ତ୍ରୁଟି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୭ ଦିନରେ ରିପୋର୍ଟ ନିର୍ଦ୍ଦେଶ

■ ଭୁବନେଶ୍ୱର, ୧୭।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠ୍ୟପୁସ୍ତକରେ ଅସଂଖ୍ୟ ତ୍ରୁଟି ଘଟଣାର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ସଚିବ ଓ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ଘଟଣାର ବିସ୍ତୃତ ଆଲୋଚନା କରିଛନ୍ତି। ସମଗ୍ର ଘଟଣାର ତଦନ୍ତ ନିମନ୍ତେ ଉନ୍ନୟନ କମିଶନଙ୍କ ନିର୍ଦ୍ଦେଶରେ ଏକ ୩ ଜଣିଆ କମିଟି ଗଠନ କରାଯାଇଛି ଓ ଏହି କମିଟି ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ତ୍ରୁଟି ▶ପୃଷ୍ଠା-୭



**ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ତଦନ୍ତ କମିଟି**

## ଦାୟିତ୍ୱହୀନ, ଖାମଖିଆଲି ମନୋଭାବ: ନବୀନ

■ ଭୁବନେଶ୍ୱର, ୧୭।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ଶହଶହ ତ୍ରୁଟି ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି ଯେ ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ବାହାରିବା ବିଜେପି ସରକାରର ଅତ୍ୟନ୍ତ ଦାୟିତ୍ୱହୀନ ତଥା ଖାମଖିଆଲି ମନୋଭାବକୁ ଦର୍ଶାଉଛି। ପିଲାମାନଙ୍କୁ ରାଜ୍ୟ ସରକାର ଠିକ୍ ▶ପୃଷ୍ଠା-୭



**'ଓଡ଼ିଆ ଅସ୍ମିତା' ନାରା ଦେଇ କ୍ଷମତା ହାସଲ ପରେ ଓଡ଼ିଆ ଭାଷା ଓ ଲିପିକୁ ସର୍ବାଧିକ କଦର୍ଥ କରାଯାଇଛି**

### ସୀମା ଟପିଲାଣି ୧୮ ରାଜ୍ୟର ବିତ୍ତୀୟ ନିଅଣ୍ଟ

# ୧୦ ବର୍ଷରେ ୩ ଗୁଣା ଋଣ

■ ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ବଢ଼ି ବଢ଼ି ଚାଲିଛି ରାଜ୍ୟଗୁଡିକର ଋଣ ଭାର। ବର୍ଷକୁ ବର୍ଷ ରାଜସ୍ୱ ନିଅଣ୍ଟିଆ ସ୍ଥିତି ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାସ୍ଥ୍ୟକୁ ରୁଗ୍‌ଣ କରିବାରେ ଲାଗିଛି। ବର୍ତ୍ତମାନ ଦେଶର ୨୮ଟି ରାଜ୍ୟର ମୋଟ ଋଣ ଭାର ଗତ ୧୦ ବର୍ଷ ମଧ୍ୟରେ ପାଖାପାଖି ତିନିଗୁଣ ହୋଇଛି। ୨୦୧୫-୧୬ ଆର୍ଥିକ ବର୍ଷରେ ରାଜ୍ୟଗୁଡ଼ିକର ଋଣଭାର ୩୧.୨୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇ ୯୦.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏହାମଧ୍ୟରୁ ୧୮ଟି ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ ଅତି ସଙ୍କଟାପନ୍ନ; ଏହି ରାଜ୍ୟଗୁଡ଼ିକ ବିତ୍ତୀୟ ନିଅଣ୍ଟର ୩% ସୀମା ଅତିକ୍ରମ କରିଛନ୍ତି। ଓଡ଼ିଶା ମଧ ଏଥିରୁ ବାଦ ପଡ଼ିନାହିଁ। ମାତ୍ର ବର୍ଷକ ମଧ୍ୟରେ ଓଡ଼ିଶାର ବିତ୍ତୀୟ ନିଅଣ୍ଟ ୨୫% ଅଧିକ ବୃଦ୍ଧି ଘଟିଛି। ମହାଲେଖା ନିୟନ୍ତ୍ରକ ଏବଂ ମହା ସମୀକ୍ଷକ (ସିଏଜି)ଙ୍କ ଦ୍ୱାରା ଜାରି ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତିର ତୃତୀୟ ବାର୍ଷିକ ସମୀକ୍ଷାରେ ସ୍ଥାନ ପାଇଛି ଏପରି ଚିନ୍ତାଜନକ ତଥ୍ୟ।

ରିପୋର୍ଟ ଅନୁସାରେ ମେଘାଳୟର ରାଜସ୍ୱ କ୍ଷତି ଦେଶରେ ସର୍ବାଧିକ ଏହାର ରାଜସ୍ୱ କ୍ଷତି ସମ୍ପୃକ୍ତ ରାଜ୍ୟର ଜିଏସଡିପି ଠାରୁ ୮.୬୯% ଅଧିକ। ଏହା ପଛକୁ ନାଗାଲାଣ୍ଡରେ ୬.୧୪ ପ୍ରତିଶତ ଏବଂ ସିକିମରେ ୫.୫୯ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ଓଡ଼ିଶା, ଗୁଜରାଟ, କର୍ଣ୍ଣାଟକ, କେରଳ ଓ ମହାରାଷ୍ଟ୍ର ସମେତ ୧୪ଟି ପ୍ରମୁଖ ରାଜ୍ୟର ରାଜସ୍ୱ କ୍ଷତି ୨୦୨୩-୨୪ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୨୫ ପ୍ରତିଶତରୁ ଅଧିକ ବଢ଼ିଯାଇଛି। ସିଏଜିଙ୍କ ସମୀକ୍ଷାରେ ଅନ୍ୟ ଏକ ଚିନ୍ତାର ବିଷୟ ହେଉଛି ରାଜସ୍ୱ ବଳକା ଥିବା ରାଜ୍ୟଗୁଡିକ ହ୍ରାସ। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜସ୍ୱ ବଳକା ରାଜ୍ୟ ସଂଖ୍ୟା ୧୬ ଥିବାବେଳେ ୨୦୨୫-୨୬ରେ ଏହା ୧୩କୁ ହ୍ରାସ ପାଇଛି। ବର୍ଷକ ମଧ୍ୟରେ ବିହାର, ମିଜୋରାମ ଓ ତେଲେଙ୍ଗାନା ରାଜସ୍ୱ ବଳକା ରାଜ୍ୟରୁ ନିଅଣ୍ଟିଆ ରାଜ୍ୟରେ ପରିଣତ ହୋଇଛି।

ରିପୋର୍ଟରେ କୁହାଯାଇଛି ଯେ ଦେଶର ରାଜ୍ୟଗୁଡ଼ିକର ମୋଟ ସାର୍ବଜନୀନ ଋଣ ପ୍ରାୟ ୩ ଗୁଣ ବୃଦ୍ଧି ପାଇ ଜିଏସଡିପିର ୨୩%ରେ ପହଞ୍ଚିଛି। ଅନେକ ରାଜ୍ୟ ରାଜସ୍ୱ ଖର୍ଚ୍ଚ ପୂରଣ କରିବା ପାଇଁ ଋଣ କରିଛନ୍ତି। କିଛି ରାଜ୍ୟ କୌଣସି ସ୍ଥାୟୀ ସମ୍ପତ୍ତି ବା ଭିତ୍ତିଭୂମି ନିର୍ମାଣ କରିବା ▶ପୃଷ୍ଠା-୭

**ଦୈନନ୍ଦିନ ପ୍ରଶାସନିକ, ରାଜସ୍ୱ ଖର୍ଚ୍ଚ ପାଇଁ ଋଣ**

**ବର୍ଷକରେ ୨୫% ବଢ଼ିଛି ଓଡ଼ିଶାର ବିତ୍ତୀୟ ନିଅଣ୍ଟ**

# 'ସେନା' ଦୁଇଫାଳ, ଏବେ ସପା ଉପରେ ନଜର

■ ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି) ପୁଣି ବିଭାଜନ ଆଡକୁ ମୁହାଁଉଥିବା ବେଳେ ଏହାକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ଲୋକସଭାରେ ପାର୍ଟିର ୯ ଜଣ ସାଂସଦ ଥିବା ବେଳେ ସେମାନଙ୍କ ମଧ୍ୟରୁ ଆଜି ୬ ସାଂସଦ ବାଚସ୍ପତି ବିର୍ଲାଙ୍କୁ ଭେଟି ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ପାଇବା ଲାଗି ଦାବି କରିଛନ୍ତି। ମମତାଙ୍କ ଟିଏମସି ପରେ ଉଦ୍ଧବ ସେନାର ବିଭାଜନ ଜାତୀୟ ରାଜନୀତିରେ ଦ୍ୱିତୀୟ ଘଟଣା ହେବାକୁ ଯାଉଛି। ଏହାକୁ ନେଇ ଚର୍ଚ୍ଚା ଆଲୋଚନା ଚାଲିଥିବା ବେଳେ ଏବେ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଏହି ଦଳରେ ବିଭାଜନ ହେବ ବୋଲି ଉତ୍ତର ପ୍ରଦେଶର ଜଣେ ବିଜେପି ମନ୍ତ୍ରୀ କହିଛନ୍ତି। ଅଖିଳେଶ ଏହାକୁ ଖଣ୍ଡନ କରିଥିଲେ ମଧ ରାଜନୈତିକ ଅନିଶ୍ଚିତତା ଜାରି ରହିଛି। ଏଭଳି ବିଭାଜନ ଘଟିଲେ ଲୋକସଭାରେ ଏନଡିଏ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ପାଇବା ନିଶ୍ଚିତ। ଇତିମଧ୍ୟରେ ଉଦ୍ଧବ ସେନାର ବରିଷ୍ଠ ସାଂସଦ ସଂଜୟ ରାଉତ ଅଭିଯୋଗ କରିଚନ୍ତି ଯେ ତାଙ୍କ ଦଳର ସାଂସଦମାନଙ୍କୁ କିଣିବା ପାଇଁ ବଡ଼ ଧରଣର ଅର୍ଥ କାରବାର ଏବଂ ସ୍ୱତନ୍ତ୍ର ▶ପୃଷ୍ଠା-୭

**ବାଚସ୍ପତିଙ୍କୁ ଭେଟିଲେ ଉଦ୍ଧବ ସେନାର ୬ ସାଂସଦ**

**ବିଭାଜନ ଖବରକୁ ଅସ୍ୱୀକାର କଲେ ଅଖିଳେଶ**

### ହାଇକୋର୍ଟରେ ସରପଞ୍ଚ ଚାମେଲି ଓଝା ମାମଲା

## ଏସ୍‌ଆଇଟି ତଦନ୍ତ ଦାବିରେ ଜନସ୍ୱାର୍ଥ ମାମଲା

■ କଟକ, ୧୭।୬ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅନ୍ତର୍ଗତ ତିଖିରି ଗ୍ରାମପଞ୍ଚାୟତର ବହୁଚର୍ଚ୍ଚିତ ନିର୍ବାଚିତ ସରପଞ୍ଚ ଚାମେଲି ଓଝାଙ୍କ ଗିରଫଦାରୀ ଏବଂ ଥାନା ଭିତରେ ତାଙ୍କୁ ଆକ୍ରମଣ ଘଟଣାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାୟର ହୋଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାୟର କରାଯାଇଥିବା ଏହି ଆବେଦନରେ ଉପରୋକ୍ତ ଘଟଣାର ନିରପେକ୍ଷ ତଦନ୍ତ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଦ୍ୱାରା କରିବାକୁ ନିବେଦନ କରାଯାଇଛି। ସେହିଭଳି ସମ୍ବେଦନଶୀଳ ମାମଲାର ତଦନ୍ତ ପାଇଁ ସରକାର ଗାଇଡଲାଇନ ପ୍ରସ୍ତୁତ କରିବା ସହ ବିବାଦ ସମୟର ସିସିଟିଭି ଫୁଟେଜ ଓ ମେଡିକାଲ୍ ରିପୋର୍ଟ ସଂରକ୍ଷିତ ରଖିବାକୁ ମଧ ଆବେଦନକାରୀ ଦର୍ଶାଇଛନ୍ତି। ମାମଲାରୁ ପ୍ରକାଶ ଯେ ଚାମେଲି ନିଜ ପଞ୍ଚାୟତର ଉନ୍ନୟନ ମୂଳକ କାମ ସମ୍ପର୍କରେ ବିଡିଓଙ୍କୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ଓଲଟା ପୁଲିସ ଲଗାଇ ତାଙ୍କୁ ଆକ୍ରମଣ କରାଯାଇଥିଲା। ତେବେ ମହାକାଳପଡା ଥାନାର ଜଣେ ସବ୍‌ଇନ୍ସପେକ୍ଟର ଏବଂ ହୋମଗାର୍ଡ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗରେ ପୁଲିସ ତାଙ୍କୁ ଗିରଫ କରିଥିଲା। ଚାମେଲି ଓଝା ବର୍ତ୍ତମାନ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ନିକଟରେ ସ୍ଥାନୀୟ ଏସଡିଜେଏମ ▶ପୃଷ୍ଠା-୭

## ୩ ଜିଲ୍ଲାରେ ବଢ଼ିଲା ଛୁଟି

■ ଭୁବନେଶ୍ୱର, ୧୭।୬(ସମିସ): ଖରାଛୁଟି ସରିବା ପରେ ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଠାରୁ ରାଜ୍ୟରେ ପାଠପଢ଼ା ଆରମ୍ଭ ହେବ। ମାତ୍ର ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ୩ ଜିଲ୍ଲାରେ ଛୁଟି ଅବଧି ୨୦ ତାରିଖ ଯାଏଁ ବୃଦ୍ଧି ପାଇଛି ଓ ହୋଇଥିବାବେଳେ ୨ଟି ଜିଲ୍ଲାରେ ସକାଳୁଆ ସ୍କୁଲ ହେବ ବୋଲି ନିର୍ଦ୍ଦେଶ ଜାରି ହୋଇଛି। ମୌସୁମୀ ପହଞ୍ଚିଥିଲେ ମଧ ଅନେକ୍ ଜିଲ୍ଲାରେ ଆଶାନୁରୂପ ବର୍ଷା ହୋଇନାହିଁ। ଦିନର ତାପମାତ୍ରା ୪୦ ଡିଗ୍ରୀ ପାର କରୁଥିବାବେଳେ ଅଧିକ ଆର୍ଦ୍ରତା ପାଇଁ ଅସହ୍ୟ ଗୁଳୁଗୁଳି ହେଉଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ସୁବର୍ଣ୍ଣପୁର, ଗଞ୍ଜାମ ଓ ଅନୁଗୁଳ ଜିଲ୍ଲାରେ ୨୦ ତାରିଖ ଯାଏଁ ଖରାଛୁଟି ଅବଧିକୁ ବୃଦ୍ଧି କରିଛନ୍ତି। ୨୧ ତାରିଖ ରବିବାର ଥିବାରୁ ▶ପୃଷ୍ଠା-୭

**୨ ଜିଲ୍ଲାରେ ସକାଳୁଆ**

# ଅଟକିଛି ମୌସୁମୀ: ମେଘ ଉଭାନ୍

### ସାରା ଦେଶରେ ବର୍ଷାରେ ୪୦% ହ୍ରାସ; ଚିନ୍ତାରେ ଚାଷୀକୁଳ

■ ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଗତିପଥ ସମ୍ପୂର୍ଣ୍ଣ ଭାବେ ସ୍ଥାଣୁ ହୋଇପଡ଼ିଛି। ଭାରତୀୟ ପାଣିପାଗ ବିଭାଗର ସଦ୍ୟତମ ତଥ୍ୟ ଏବଂ କୃତ୍ରିମ ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ, କେନ୍ଦ୍ରୀୟ ଓ ପଶ୍ଚିମ ଭାରତର ଏକ ବଡ଼ ଅଞ୍ଚଳ ଏବେ ମେଘହୀନ ରହିଛି। ଜୁନ୍ ମାସ ଅଧା ହୋଇଯାଇଥିଲେ ମଧ ସ୍ୱାଭାବିକଠାରୁ ପ୍ରାୟ ୪୦ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି, ଯାହା ଚଳିତ ବର୍ଷର ଖରିଫ ଚାଷ ପାଇଁ ଏକ ବଡ଼ ସଙ୍କଟ ସୃଷ୍ଟି କରିଛି। ଇନ୍‌ସାଟ-୩ଡିଏସ୍ ଉପଗ୍ରହରୁ ମିଳିଥିବା ସଦ୍ୟତମ ଚିତ୍ର ଅନୁଯାୟୀ, ଦେଶର ମୁଖ୍ୟ କୃଷି ଭିତ୍ତିଭୂମି ସଦୃଶ ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ କର୍ଣ୍ଣାଟକର ଆଭ୍ୟନ୍ତରୀଣ ▶ପୃଷ୍ଠା-୭




| | |
|---|---|
| ଗୁଜରାଟ: | ୯୮% ନିଅଣ୍ଟିଆ ବର୍ଷା |
| ମେଘାଳୟ: | ୮୫% ନିଅଣ୍ଟିଆ ବର୍ଷା |
| ମହାରାଷ୍ଟ୍ର: | ୭୯% ନିଅଣ୍ଟିଆ ବର୍ଷା |
| ଝାଡ଼ଖଣ୍ଡ: | ୬୬% ନିଅଣ୍ଟିଆ ବର୍ଷା |
| ଛତିଶଗଡ଼: | ୬୫% ନିଅଣ୍ଟିଆ ବର୍ଷା |

## ୨୧ ଯାଏଁ ଗରମ, ଗୁଳୁଗୁଳି

■ ଭୁବନେଶ୍ୱର, ୧୭।୬ (ସମିସ): ବର୍ତ୍ତମାନ ସୁଦ୍ଧା ରାଜ୍ୟର ଅଧିକାଂଶ ଜିଲ୍ଲାକୁ ମୌସୁମୀ ଅଗ୍ରସର ହୋଇସାରିଥିବା ନେଇ ଆଇଏମ୍‌ଡି କହିଥିଲେ ମଧ ବର୍ଷାର ପରିମାଣ ଅପେକ୍ଷାକୃତ କମ୍ ରହୁଛି। ମାତ୍ର ଜୁନ୍ ଶେଷ ଆଡ଼କୁ ଏହି ସ୍ଥିତିରେ ପରିବର୍ତ୍ତନ ଆସିବ ଓ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୧୭-୨୧ ଜୁନ୍ ମଧ୍ୟରେ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ସହ ଅସହ୍ୟ ଗରମ ହେବ। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର ▶ପୃଷ୍ଠା-୭

**ମୌସୁମୀକୁ ଶକ୍ତିଶାଳୀ କରାଇବ ଲଘୁଚାପ**

**ମାସର ଶେଷ ଆଡ଼କୁ ବଢ଼ିବ ବର୍ଷା ପରିମାଣ**





# ତେଲଙ୍ଗାନାରେ ସରକାରୀ ବାବୁଙ୍କର ୧୦୦ କୋଟିର ସମ୍ପତ୍ତି



ହାଇଦରାବାଦ, ୧୭ ।୬(ଏଜେନ୍ସି): ତେଲଙ୍ଗାନାର ଭ୍ରଷ୍ଟାଚାର ବିରୋଧୀ ବ୍ୟୁରୋ (ଏସିବି) ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସର୍ଭେ ଏବଂ ଭୂ-ଅଭିଲେଖ ବିଭାଗର ଡେପୁଟି ଡାଇରେକ୍ଟର ସୁଙ୍କାରୀ ନରହରି ରାଓଙ୍କୁ ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କର ବାସଭବନ ସମେତ ୧୦ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ସରକାରୀ ରେକର୍ଡ ଅନୁଯାୟୀ ଉଦ୍ଧାର ହୋଇଥିବା ସମ୍ପତ୍ତିର ସରକାରୀ ମୂଲ୍ୟ ପ୍ରାୟ ୧୩.୦୫ କୋଟି ଟଙ୍କା ହୋଇଥିବାବେଳେ, ବର୍ତ୍ତମାନର ବଜାର ମୂଲ୍ୟ ଅନୁସାରେ ଏହା ୧୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। ତଦନ୍ତ ସମୟରେ ଅଧିକାରୀଙ୍କ ଘରୁ ପ୍ରାୟ ୧.୫୪ କୋଟି ଟଙ୍କା ନଗଦ, ୨.୨୯ କୋଟି ଟଙ୍କାର ବ୍ୟାଙ୍କ ବାଲାନ୍ସ, ୫.୦୪ କୋଟି ଟଙ୍କାର ଫିକ୍ସଡ୍ ଡିପୋଜିଟ୍, ୧.୩ କିଲୋଗ୍ରାମ ସୁନା ଏବଂ ୮ କିଲୋଗ୍ରାମ ରୁପା ଜବତ କରାଯାଇଛି। ଏହା ବ୍ୟତୀତ ରଙ୍ଗାରେଡ୍ଡୀ ଜିଲ୍ଲାରେ ୫ଟି ପ୍ଲଟ୍, ମହେଶ୍ୱରମଠାରେ ୧.୨୪ ଏକର ଚାଷ ଜମି, ପୁପ୍ପାଲାଗୁଡା, ନରସିଙ୍ଗି ଏବଂ ରାଜେନ୍ଦ୍ର ନଗରରେ ଏକାଧିକ ସୁଦୃଶ୍ୟ ଫ୍ଲାଟ୍ ଏବଂ ଗାଚିବୋଲିରେ ଏକ ୪ ମହଲା ବିଶିଷ୍ଟ କୋଠା ଭଳି ଅନେକ ସ୍ଥାବର ସମ୍ପତ୍ତିର ଦଲିଲ ମିଳିଛି। ତାଙ୍କ ପତ୍ନୀଙ୍କ ନାମରେ ଥିବା ଦୁଇଟି ବ୍ୟାଙ୍କ ଲକରକୁ ଏପର୍ଯ୍ୟନ୍ତ ଖୋଲାଯାଇ ନାହିଁ, ଯାହାର ଯାଞ୍ଚ ଚାଲିଛି। ଅଭିଯୁକ୍ତ ଅଧିକାରୀଙ୍କୁ ନାମପଲ୍ଲୀର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

# ଆଇ ଲଭ୍ ୟୁ ମମି-ପାପା



ଡେରାଡୁନ, ୧୭ ।୬(ଏଜେନ୍ସି): ଉତ୍ତରାଖଣ୍ଡର ଡେରାଡୁନରେ ଜଣେ ୨୩ ବର୍ଷୀୟା ଯୁବତୀ ନିଜ ବାସଭବନରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବତୀ ଜଣକ ହେଉଛନ୍ତି ରିୟା କୁମାରୀ ଥାପା, ଯିଏକି ୧୯୯୯ କାର୍ଗିଲ ଯୁଦ୍ଧର ଜଣେ ବୀର ଯବାନଙ୍କ ଝିଅ। ରିୟା ଦ୍ୱାଦଶ ଶ୍ରେଣୀରେ ୯୭ ପ୍ରତିଶତ ନମ୍ବର ରଖି ନିଜ ବିଦ୍ୟାଳୟରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ସେ ଆସନ୍ତା ଜୁନ୍ ୨୧ ତାରିଖରେ ହେବାକୁ ଥିବା ଜାତୀୟ ପ୍ରବେଶିକା ପରୀକ୍ଷା (ନିଟ୍- ୟୁଜି)ର ପୁନଃ-ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ପରୀକ୍ଷା ଓ ପଢ଼ାପଢ଼ିରେ ସଫଳତା ନମିଳିବା ଯୋଗୁଁ ମାନସିକ ଚାପ ଓ ନିରାଶା ଏହି ଚରମ ନିଷ୍ପତ୍ତି ପଛର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରୁ ଏକ ହାତଲେଖା ଚିଠି ଜବତ କରାଯାଇଛି। ସେଥିରେ ସେ ହିନ୍ଦୀ ଭାଷାରେ ନିଜ ପିତାମାତାଙ୍କୁ ଭଲପାଇବା ବ୍ୟକ୍ତ କରି ଲେଖିଛନ୍ତି- 'ଆଇ ଲଭ୍ ୟୁ ମମି, ପାପା। ଏଥିପାଇଁ କାହାରି ଦୋଷ ନାହିଁ।' ଚିଠିରେ ସେ ନିଜକୁ ଅଯୋଗ୍ୟ ବୋଲି ଦର୍ଶାଇଛନ୍ତି।

# ଭାରତର ଭୁଲ୍ ମାନଚିତ୍ର ଦେଖାଇଲା ଆମେରିକା

## ପାକ୍ ଅଧିକୃତ କାଶ୍ମୀରକୁ ପାକିସ୍ତାନର ଦର୍ଶାଇଲା

ୱାସିଂଟନ, ୧୭ ।୬(ଏଜେନ୍ସି): ଆମେରିକା ରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି କ୍ରମେ 'ଇଣ୍ଡୋ-ପାସିଫିକ କମାଣ୍ଡ'ର ନାମକୁ ବଦଳାଇ ପୁନର୍ବାର ପୁରୁଣା ନାମ 'ପାସିଫିକ କମାଣ୍ଡ' ବା ପ୍ରଶାନ୍ତ ମହାସାଗରୀୟ କମାଣ୍ଡ ଭାବେ ଘୋଷଣା କରାଯାଇଛି। ଏହି ନାମ ପରିବର୍ତ୍ତନ ସହିତ ଆମେରିକା ସେନା ସଂଗଠନର ଆଧିକାରିକ ୱେବସାଇଟରେ ଭାରତର ଏକ ଭୁଲ ମାନଚିତ୍ର ପ୍ରଦର୍ଶିତ ହେବା ପରେ ଏହାକୁ ନେଇ ଏବେ ନୂଆ ବିବାଦ ମଧ୍ୟ ମୁଣ୍ଡ ଟେକିଛି। ଏହି ମାନଚିତ୍ରରେ ପାକିସ୍ତାନ ଅଧିକୃତ କାଶ୍ମୀରକୁ ପାକିସ୍ତାନର ଅଂଶ ଭାବେ ଦର୍ଶାଯାଇଛି, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଆମେରିକା ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ ଏହି ସାମରିକ କମାଣ୍ଡର ଐତିହାସିକ ପରିଚୟ ଏବଂ ପରମ୍ପରାକୁ ବଜାୟ ରଖିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୨୦୧୮ ମସିହାରେ ଏହି କମାଣ୍ଡର ନାମରେ 'ଇଣ୍ଡୋ' ବା ଭାରତ ମହାସାଗରୀୟ ଅଞ୍ଚଳର ରଣନୀତିକ ଗୁରୁତ୍ୱକୁ ଯୋଡ଼ାଯାଇଥିଲା। ତେବେ ବର୍ତ୍ତମାନର ଏହି ପରିବର୍ତ୍ତନ କେବଳ ନାମକରଣ ମଧ୍ୟରେ ସୀମିତ ରହିବ ଏବଂ ଏହା ଦ୍ୱାରା ଏହାର କାର୍ଯ୍ୟକ୍ଷେତ୍ର, ରଣନୀତିକ ଲକ୍ଷ୍ୟ

**ୟୁଏସ୍ ପ୍ରଶାନ୍ତ ମହାସାଗରୀୟ କମାଣ୍ଡ ନାମରୁ ହଟାଇଲା ଇଣ୍ଡୋ ଶବ୍ଦ**

କିମ୍ବା ଭୌଗଳିକ ସୀମାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ପ୍ରଶାନ୍ତ ମହାସାଗରଠାରୁ ଆରମ୍ଭ କରି ଭାରତର ପଶ୍ଚିମ ସୀମା ପର୍ଯ୍ୟନ୍ତ ଏହାର ଦାୟିତ୍ୱ ପୂର୍ବଭଳି ବଜାୟ ରହିବ। ୧୯୪୭ ମସିହାରେ ସ୍ଥାପିତ ହୋଇଥିବା ଏହି କମାଣ୍ଡ ଆମେରିକା ସେନାର ସବୁଠାରୁ ପୁରୁଣା ଏବଂ ବୃହତ ସାମରିକ ବାହିନୀ ଅଟେ। ଏହା ଭାରତ ସହିତ ମିଳିତ ସାମରିକ ଅଭ୍ୟାସ ଏବଂ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ତେବେ ନାମରୁ 'ଇଣ୍ଡୋ' ଶବ୍ଦ ହଟାଇବା ପରେ ଭାରତୀୟ ରାଜନୈତିକ ମହଲରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି। ସାଂସଦ ଶଶି ଥରୁର ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଯେ, ଏହା ଚତୁର୍ଦ୍ଦେଶୀୟ ସୁରକ୍ଷା ସଂଗଠନର ଭବିଷ୍ୟତ ପ୍ରତି ଏକ ନକାରାତ୍ମକ ସଙ୍କେତ କି? ଆମେରିକା ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇଛି ଯେ ସହଯୋଗୀ ରାଷ୍ଟ୍ରମାନଙ୍କ ସହ ସମ୍ପର୍କ ଏବଂ ମୁକ୍ତ ସାମୁଦ୍ରିକ ଯାତାୟାତ ସୁରକ୍ଷା ପାଇଁ ସେମାନଙ୍କର ପ୍ରତିବଦ୍ଧତା ଅପରିବର୍ତ୍ତିତ ରହିବ। ତଥାପି, ପ୍ରତୀକାତ୍ମକ ଭାବେ ନାମ ପରିବର୍ତ୍ତନ ଏବଂ ଭାରତର ଭୁଲ ମାନଚିତ୍ର ପ୍ରଦର୍ଶନ ଆଗାମୀ ଦିନରେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇ ରହିବ।

# ପଶ୍ଚିମବଙ୍ଗ ପୂର୍ବତନ ମନ୍ତ୍ରୀ ଉଦୟନ ଗୁହା ଗିରଫ

କୋଲକାତା, ୧୭ ।୬(ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବତନ ଉତ୍ତର ବଙ୍ଗଳା ବିକାଶ ମନ୍ତ୍ରୀ ତଥା ପ୍ରଭାବଶାଳୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଉଦୟନ ଗୁହାଙ୍କୁ ବୁଧବାର କୋଲକାତାର ଫୁଲବାଗାନ ଅଞ୍ଚଳରେ ଥିବା ତାଙ୍କ ବାସଭବନରୁ ଗିରଫ କରାଯାଇଛି। ଦିନହାଟା ସବ୍-ଡିଭିଜନାଲ ହସ୍ପିଟାଲରେ ଶିଶୁ ସେବା ୟୁନିଟ୍ (ପିଆଇସିଆଇ) ନିର୍ମାଣ ସମୟରେ ଏକ ସ୍ୱେଚ୍ଛାସେବୀ ସଂଗଠନ (ଏନ୍‌ଜିଓ) ନାମରେ ବେଆଇନ ଭାବେ ଚାନ୍ଦା ଆଦାୟ କରିବା ଅଭିଯୋଗରେ କୁଚବିହାର ଜିଲ୍ଲା ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗତ ଜୁନ୍ ୧୨ ତାରିଖରେ ଏହି ମାମଲା ରୁଜୁ ହୋଇଥିଲା। ପୁଲିସ ସୂଚନା ଅନୁଯାୟୀ, ଉଦୟନ ଗୁହାଙ୍କ ନାମରେ ହତ୍ୟାକାଣ୍ଡ, ନିର୍ବାଚନ ପରବର୍ତ୍ତୀ ହିଂସା ଏବଂ ଗୃହ ନିର୍ମାଣ ଯୋଜନାରେ ଦୁର୍ନୀତି ସହ ଜଡ଼ିତ ପ୍ରାୟ ୬ଟି ମାମଲା ରହିଛି। ପୁଲିସ ତାଙ୍କୁ ସିଆଲଦା କୋର୍ଟରେ ହାଜର କରି ଅଧିକ ତଦନ୍ତ ପାଇଁ ଟ୍ରାଞ୍ଜିଟ୍ ରିମାଣ୍ଡରେ କୁଚବିହାର ନେବାକୁ ପ୍ରସ୍ତୁତି ଚଳାଇଛି। ଅନ୍ୟପଟେ, ବିଜେପି ବିଧାୟକ ଅଜୟ ରାୟ ଏହି ଗିରଫଦାରୀକୁ ସ୍ୱାଗତ କରିଥିବା ବେଳେ ଉଦୟନ ଗୁହା ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। ରାଜ୍ୟରେ ରାଜନୈତିକ ପରିବର୍ତ୍ତନ ପରେ ପୂର୍ବତନ ଶାସକ ଦଳର ନେତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

# ଆମେରିକାରେ ବିମାନ ଦୁର୍ଘଟଣା; ଭାରତୀୟଙ୍କ ସହ ୧୨ ମୃତ

ୱାସିଂଟନ୍, ୧୭ ।୬(ଏଜେନ୍ସି): ଆମେରିକାର ମିଜୋରୀରେ ଏକ ସ୍କାଏଡାଇଭିଂ (ଆକାଶରୁ ପାରାଚୁଟ୍ ସାହାଯ୍ୟରେ ଡେଇଁବା ଖେଳ) ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଜଣେ ୨୪ ବର୍ଷୀୟ ଭାରତୀୟ ସଫ୍ଟୱେର୍ ଇଞ୍ଜିନିୟରଙ୍କ ସମେତ ସମସ୍ତ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତ ଭାରତୀୟ ଯୁବକ ଜଣକ ହେଉଛନ୍ତି ସାଇ କାର୍ତ୍ତିକ ବର୍ମା ଦାତ୍ଲା। ସେ ସେଣ୍ଟ୍ରାଲ୍ ମିଜୋରୀ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ କାନ୍ସାସ୍ ସିଟି ଅଞ୍ଚଳରେ ଏକ ସ୍ୱାସ୍ଥ୍ୟ ସେବା ପ୍ରଯୁକ୍ତିବିଦ୍ୟା ସଂସ୍ଥାରେ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ, ବଟଲର୍ ମେମୋରିଆଲ୍ ବିମାନବନ୍ଦରରୁ ଉଡ଼ାଣ ଭରିବାର କିଛି ସମୟ ପରେ ଏହି ସିଙ୍ଗଲ୍-ଇଞ୍ଜିନ ବିମାନଟି ନିୟନ୍ତ୍ରଣ ହରାଇ ଏକ ପଡ଼ିଆରେ କ୍ରାସ୍ ହୋଇଥିଲା ଏବଂ ସେଥିରେ ନିଆଁ ଲାଗିଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଭୂମିଠାରୁ ମାତ୍ର ୧୦୦ ଫୁଟ୍ ଉଚ୍ଚତାରେ ଥିବାବେଳେ ବିମାନଟି ହଠାତ୍ ବାମପଟକୁ ବୁଲି ପଡ଼ିଥିଲା ଏବଂ ଏହାର ଇଞ୍ଜିନ ପ୍ରଭାବିତ ହୋଇଥିଲା। ବିମାନରେ ଜଣେ ପାଇଲଟ୍ ଏବଂ ସାଇ କାର୍ତ୍ତିକଙ୍କ ସମେତ ୧୧ ଜଣ ଅଭିଜ୍ଞ ସ୍କାଏଡାଇଭର୍ ଥିଲେ। ଏହି ଦୁର୍ଘଟଣାରେ ଆମେରିକା ପାରାଚୁଟ୍ ଆସୋସିଏସନର ବୈଷୟିକ ନିର୍ଦ୍ଦେଶକ ଜେନ୍ ଶାର୍ପଙ୍କର ମଧ୍ୟ ମୃତ୍ୟୁ ହୋଇଛି। ବିମାନରେ କୌଣସି ବ୍ଲାକ୍ ବକ୍ସ ନଥିବାରୁ ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଆମେରିକାର ଜାତୀୟ ପରିବହନ ସୁରକ୍ଷା ବୋର୍ଡ ବିଭିନ୍ନ ପ୍ରମାଣ ଓ ଭିଡିଓ ଆଧାରରେ ତଦନ୍ତ ଚଳାଇଛି।

# ସେପ୍ଟେମ୍ବର ୧୪ରେ ଅନ୍ନାମଲାଇଙ୍କ ନୂଆ ଦଳ

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ତାମିଲନାଡୁ ବିଜେପିର ପୂର୍ବତନ ସଭାପତି ତଥା ପୂର୍ବତନ ଆଇପିଏସ୍ ଅଧିକାରୀ କେ ଅନ୍ନାମଲାଇ ଆସନ୍ତା ସେପ୍ଟେମ୍ବର ୧୪ ତାରିଖରେ ନିଜର ଏକ ନୂଆ ରାଜନୈତିକ ଦଳ ଗଠନ କରିବାକୁ ଯାଉଛନ୍ତି। ଯୁବପିଢ଼ିଙ୍କୁ ଏକାଠି କରିବା ପାଇଁ ସେ 'ୱି ଦି ଲିଡର' ଅଭିଯାନ ଆରମ୍ଭ କରିଛନ୍ତି। ଏହି ନୂଆ ଦଳର ଜିଲ୍ଲା ସଂଯୋଜକ ପଦ ପାଇଁ କେବଳ ୫୦ ବର୍ଷରୁ କମ୍ ବୟସ୍କ ବ୍ୟକ୍ତିମାନଙ୍କୁ ହିଁ ସାମିଲ କରାଯିବ। ଅନ୍ନାମଲାଇଙ୍କ ଏହି ନୂଆ ଦଳ ମୁଖ୍ୟତଃ ଓବିସି, ଏମବିସି (ମୋଷ୍ଟ ବ୍ୟାକ୍‌ୱାର୍ଡ କ୍ଲାସ୍) ଏବଂ କଙ୍ଗୁ ଅଞ୍ଚଳର ମଧ୍ୟବିତ୍ତ ଚାଷୀ ଓ ବ୍ୟବସାୟୀଙ୍କ ଉପରେ ଫୋକସ୍ କରିବ। ସେ ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି ଯେ ତାଙ୍କ ଦଳ ୨୦୩୧ ତାମିଲନାଡୁ ବିଧାନସଭା ନିର୍ବାଚନ ଲଢ଼ିବ। ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୨ ତାରିଖରେ ଅନ୍ନାମଲାଇ ବିଜେପିରୁ ଇସ୍ତଫା ଦେଇଥିଲେ। ବିଗତ ୧୮ ମାସ ହେବ ଦଳର ଶୀର୍ଷ ନେତୃତ୍ୱଙ୍କ ସହ କେତେକ ଆଦର୍ଶଗତ ମତଭେଦ ଯୋଗୁଁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୨୦୨୬ ନିର୍ବାଚନରେ ବିଜେପି ମାତ୍ର ୧ଟି ସିଟ୍ ଜିତିଥିବା ବେଳେ ଅଭିନେତା ବିଜୟଙ୍କ ନୂଆ ଦଳ ଟିଭିକେ ୧୦୮ ଟି ଆସନ ଜିତିଛି।

# ଭାରତ ଉପରେ ଆକ୍ରମଣ ହେଲେ ଆମେରିକା ସାହାଯ୍ୟ କରିବ: ଟ୍ରମ୍ପ



ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ସମ୍ମିଳନୀ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ଉପରେ ସର୍ବାଧିକ ଶୁଳ୍କ, ହର୍ମୁଜରେ ଜାହଜ ଉପରେ ଆକ୍ରମଣ କରି ଭାରତୀୟଙ୍କ ପ୍ରାଣହାନୀ, ଏସିଆ ବିରୋଧୀ ମନ୍ତବ୍ୟ ଭଳି ଟ୍ରମ୍ପଙ୍କ ଭାରତ ବିରୋଧୀ ନୀତି ପରେ ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ କୋଣଠେସା ହୋଇଥିଲା। ପ୍ରାୟ ୧୬ ମାସ ପରେ ଏହି ଦୁଇ ନେତାଙ୍କ ମଧ୍ୟରେ ପ୍ରଥମ ମୁହାଁମୁହିଁ ଆଲୋଚନା ନେଇ ସମଗ୍ର ବିଶ୍ୱର ଦୃଷ୍ଟି ରହିଥିଲା। ଏପରିସ୍ଥଳେ ଉଭୟ ଦେଶ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କକୁ ପୁନଃ ସୁଦୃଢ଼ ହେବା ନେଇ ସକାରାତ୍ମକ ସଙ୍କେତ ମିଳିଛି।

ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଉପସାଗରୀୟ ଅଞ୍ଚଳରେ ଭାରତୀୟ ନାବିକମାନଙ୍କ ସୁରକ୍ଷା ପ୍ରସଙ୍ଗକୁ ଗୁରୁତ୍ୱର ସହ ଉଠାଇଥିଲେ। ନିକଟରେ ଆମେରିକାର ସାମରିକ ଆକ୍ରମଣରେ ୩ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ଘଟଣା ନେଇ ମୋଦୀ ଉଦ୍‌ବେଗ ପ୍ରକାଶ କରିଥିଲେ। ସମୁଦ୍ରରେ ନାବିକମାନଙ୍କ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ। ଏହାର ପ୍ରତ୍ୟୁତ୍ତରରେ ଟ୍ରମ୍ପ ଏହି ଦୁଃଖଦ ଘଟଣା ପାଇଁ ଶୋକ ପ୍ରକାଶ କରିବା ସହ ଏ ଦିଗରେ ଭାରତ ସହ ମିଶି କାମ କରିବାକୁ ପ୍ରତଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଇରାନ ସହ ହୋଇଥିବା ଶାନ୍ତି ଚୁକ୍ତି ଏବଂ ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ଟ୍ରମ୍ପଙ୍କ ନେତୃତ୍ୱକୁ ଅଭିନନ୍ଦନ ଜଣାଇଥିଲେ। ଏହାର ଉତ୍ତରରେ ଟ୍ରମ୍ପ ଭାରତ ପ୍ରତି ଆମେରିକାର ସମର୍ଥନକୁ ପ୍ରଦର୍ଶିତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଭାରତର ନେତୃତ୍ୱ ନେଉଥିବା ଯାଏଁ, ଭାରତ ଉପରେ କୌଣସି ଆକ୍ରମଣ ହେଲେ ଆମେରିକା ସହାୟତା ପାଇଁ ସର୍ବଦା ଛିଡ଼ା ହେବ ବୋଲି ସେ ପ୍ରତିଶ୍ରୁତି ଭରା ଶବ୍ଦ କହିଥିଲେ।

# ପୁଣି ପଲଟିଲେ ଟ୍ରମ୍ପ୍

ଏଭିଆନ, ୧୭।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ହେବାକୁ ଥିବା ସମ୍ଭାବ୍ୟ ଶାନ୍ତି ଚୁକ୍ତିକୁ ନେଇ ଚେତାବନୀ ଦେଇଛନ୍ତି। ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଅବସରରେ ଟ୍ରମ୍ପ କହିଛନ୍ତି ଯେ ଇରାନ ସହ ସ୍ୱାକ୍ଷରିତ ହେବାକୁ ଥିବା ବୁଝାମଣା ପତ୍ର ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। କିନ୍ତୁ ଯଦି ସେ ଏହି ଚୁକ୍ତିର ସର୍ତ୍ତାବଳୀରେ ସନ୍ତୁଷ୍ଟ ନହୁଅନ୍ତି, ତେବେ ଆମେରିକା ପୁଣି ଥରେ ଇରାନ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବ। ଏହାପରେ ୧୦୦ ଦିନରୁ ଉର୍ଦ୍ଧ୍ୱ ପରେ ହୋଇଥିବା ଶାନ୍ତି ବୁଝାମଣାର ସ୍ଥାୟୀତ୍ୱ ଉପରେ ପୁଣି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ମିଶରର ରାଷ୍ଟ୍ରପତି ଅବଦେଲ ଫତେହ ଅଲ-ସିସିଙ୍କ ସହ ଆଲୋଚନା ସମୟରେ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଏହି ଚୁକ୍ତି କେବଳ ଏକ ବୁଝାମଣା ପତ୍ର ମାତ୍ର। ଇରାନ ଚୁକ୍ତି ଅନୁସାରେ ଉପଯୁକ୍ତ ଆଚରଣ ନକଲେ, ଆମେରିକା ପୁଣି ଥରେ ଇରାନ ଉପରେ ଆକ୍ରମଣ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାରୁ ରୋକିବା ଏବଂ ସେମାନଙ୍କର ସମୃଦ୍ଧ ୟୁରାନିୟମ ଭଣ୍ଡାର ଉପରେ କଠୋର ନିୟନ୍ତ୍ରଣ ରଖିବା ଏହି ପ୍ରସ୍ତାବିତ ଚୁକ୍ତିର ମୁଖ୍ୟ ଲକ୍ଷ୍ୟ ରହିଛି। ସେପଟେ ଇରାନ ଦାବି କରିଛି ଯେ ସେମାନଙ୍କର ପରମାଣୁ କାର୍ଯ୍ୟକ୍ରମ ବେସାମରିକ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ। ତେବେ ଆମେରିକା ଏହା ଉପରେ କଡ଼ା ନଜର ରଖିବା ପାଇଁ ଜିଦ୍ ଧରିଛି। ଯଦି ଏହି ଚୁକ୍ତିରେ ଇରାନ ସହମତି ନହୁଏ, ତେବେ ଏହା ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ସୃଷ୍ଟି କରିପାରେ ବୋଲି ଆମେରିକା କହିଛି। ଏହି ଅବସରରେ ଟ୍ରମ୍ପ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ୨୦୧୫ର ପରମାଣୁ ଚୁକ୍ତିକୁ କଡ଼ା ସମାଲୋଚନା କରିଛନ୍ତି। ଓବାମା ଇରାନକୁ ୧.୭ ବିଲିୟନ ଡଲାର ନଗଦ ପ୍ରଦାନ କରି ଏକ ପ୍ରକାର ଲାଞ୍ଚ ଦେବାକୁ ଚେଷ୍ଟା କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

**ଇରାନ୍ ବୁଝାମଣା ଚୂଡ଼ାନ୍ତ ନୁହେଁ, ପସନ୍ଦ ନହେଲେ ଆକ୍ରମଣ ହେବ**

# ଜନଗଣନା ପାଇଁ ଆଗୁଆ ହେବନି ନିର୍ବାଚନ

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ମଣିପୁର ଏବଂ ଗୋଆ ଭଳି ୫ଟି ରାଜ୍ୟରେ ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ଆଗୁଆ ହେବ ନାହିଁ। ଦେଶରେ ଚାଲିବାକୁ ଥିବା ଜନଗଣନା କାର୍ଯ୍ୟକ୍ରମ ଏବଂ ହରିଦ୍ୱାର ମହାକୁମ୍ଭ ମେଳା ଯୋଗୁଁ ନିର୍ବାଚନ ସମୟ ସୀମା ବଦଳିବା ନେଇ ଚାଲିଥିବା ଚର୍ଚ୍ଚା ଉପରେ ସରକାରୀ ସୂତ୍ରରୁ ସ୍ପଷ୍ଟୀକରଣ ମିଳିଛି। ନିର୍ବାଚନ ଆଗୁଆ କରିବା ପରିବର୍ତ୍ତେ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକୁ ସାମାନ୍ୟ ପୂର୍ବରୁ ଶେଷ କରାଯିବ, ଯେପରି ସରକାରୀ କର୍ମଚାରୀମାନେ ନିର୍ବାଚନ ଦାୟିତ୍ୱ ସଠିକ୍ ଭାବେ ତୁଲାଇପାରିବେ। କେତେକ ରାଜନୈତିକ ଦଳ ଆଶଙ୍କା ପ୍ରକାଶ କରିଥିଲେ ଯେ ଫେବୃଆରୀ ମାସରେ ହେବାକୁ ଥିବା ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ (ଯେଉଁଥିରେ ବ୍ୟକ୍ତିଗତ ବିବରଣୀ ଓ ଜାତିଭିତ୍ତିକ ଗଣନା କରାଯିବ) ଯୋଗୁଁ କର୍ମଚାରୀମାନେ ବ୍ୟସ୍ତ ରହିବେ, ତେଣୁ ନିର୍ବାଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇପାରେ। ସେହିପରି ୨୦୨୭ ଜାନୁଆରୀ ୧୪ରୁ ଏପ୍ରିଲ୍ ପର୍ଯ୍ୟନ୍ତ ଉତ୍ତରାଖଣ୍ଡରେ କୁମ୍ଭମେଳା ଥିବାରୁ ମଧ୍ୟ ନିର୍ବାଚନ ତାରିଖ ବଦଳିବା ନେଇ ଗୁଜବ ସୃଷ୍ଟି ହୋଇଥିଲା। ମାତ୍ର ସରକାରୀ ସୂତ୍ର ଅନୁଯାୟୀ, ଆସନ୍ତା ବର୍ଷ ଫେବୃଆରୀରେ ହିଁ ନିର୍ଦ୍ଧାରିତ ସୂଚୀ ଅନୁସାରେ ଭୋଟ୍ ଗ୍ରହଣ ହେବ। କୁମ୍ଭମେଳା ବ୍ୟବସ୍ଥାରେ ଯେପରି କୌଣସି ଅସୁବିଧା ନହୁଏ, ସେଥିପାଇଁ ଉତ୍ତରାଖଣ୍ଡରେ ସଭାରେ ଶେଷ ପର୍ଯ୍ୟାୟରେ ମତଦାନ କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯାଇପାରେ।



**ନିଯୁକ୍ତି ପାଇବେ ୧୦୦୦ରୁ ଅଧିକ ଗୋର୍ଖା ଯୁବକ**

# ପୁଣି ଫେରିବ ୨୫୦ ବର୍ଷର 'ଇଷ୍ଟର୍ଣ୍ଣ ଫ୍ରଣ୍ଟିୟର ରାଇଫଲ୍ସ'

କୋଲକାତା, ୧୭ ।୬ (ଏଜେନ୍ସି): ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରାଜ୍ୟର ପ୍ରାୟ ୨୫୦ ବର୍ଷ ପୁରୁଣା ଐତିହାସିକ ସାମରିକ ବାହିନୀ 'ଇଷ୍ଟର୍ଣ୍ଣ ଫ୍ରଣ୍ଟିୟର ରାଇଫଲ୍ସ' (ଇଏଫ୍‌ଆର)ର ପୁନରୁଦ୍ଧାର ପାଇଁ ଘୋଷଣା କରିଛନ୍ତି। ଦାର୍ଜିଲିଂର କୁର୍ସିଅଙ୍ଗଠାରେ ଆୟୋଜିତ ଏକ ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗାମୀ କିଛି ମାସ ମଧ୍ୟରେ ଇଏଫ୍‌ଆରରେ ୧୦୦୦ରୁ ଅଧିକ ଗୋର୍ଖା ଯୁବକଙ୍କୁ ନିଯୁକ୍ତି ଦିଆଯିବ ଏବଂ ସରକାରୀ ଚାକିରିରେ ମହିଳାଙ୍କ ପାଇଁ ୩୦% ସଂରକ୍ଷଣ ବ୍ୟବସ୍ଥା କରାଯିବ। ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ସୀମା ସୁରକ୍ଷା ପାଇଁ ଗଠିତ ଏହି ବାହିନୀ ୧୯୨୦ ମସିହାରୁ ବର୍ତ୍ତମାନର ନାମରେ ଜଣାଶୁଣା। ଦେଶ ବିଭାଜନ ସମୟରେ ଏହାର ଗୋଟିଏ ଅଂଶ ପୂର୍ବ ପାକିସ୍ତାନ ରାଇଫଲ୍ସ (ବର୍ତ୍ତମାନର ବର୍ଡର ଗାର୍ଡ ବାଂଲାଦେଶ) ଭାବେ ଅଲଗା ହୋଇଥିଲା। ବିଶ୍ୱଯୁଦ୍ଧ, ୧୯୬୫ର ପାକିସ୍ତାନ ଯୁଦ୍ଧ, ୧୯୭୧ର ବାଂଲାଦେଶ ମୁକ୍ତି ସଂଗ୍ରାମ ଏବଂ ପଶ୍ଚିମବଙ୍ଗରେ ନକ୍ସଲ ବିରୋଧୀ ଅପରେସନରେ ଏହି ବାହିନୀର ବହୁ ଯୋଗଦାନ ରହିଛି। ପୂର୍ବତନ ମମତା ବାନାର୍ଜୀଙ୍କ ସରକାର ୨୦୧୦ରୁ ଏହି ବାହିନୀରେ ନିଯୁକ୍ତି ବନ୍ଦ କରି ଏହାକୁ କେବଳ ଦୁଇଟି ବାଟାଲିୟନରେ ସୀମିତ କରିଦେଇଥିଲେ। ବର୍ତ୍ତମାନର ବିଜେପି ସରକାର ଏହି ବୀର ସୈନିକମାନଙ୍କ ଗୌରବମୟ ଇତିହାସକୁ ଫେରାଇ ଆଣିବା ସହ ଶୂନ୍ୟପଦ ପୂରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ୧୬ ମାସ ପରେ ଭେଟିଲେ, କିନ୍ତୁ...



ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ଫ୍ରାନ୍ସରେ ଚାଲିଥିବା ଜି-୭ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଦେଖାଯାଇଥିବା ଦୂରତା ଏବେ ବିଶ୍ୱ ରଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘ ୧୬ ମାସ ପରେ ଦୁଇ ନେତା ପରସ୍ପରକୁ ଭେଟିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ପୂର୍ବର ସେହି ଆନ୍ତରିକତା କିମ୍ବା ପାରମ୍ପରିକ ଆଲିଙ୍ଗନ ଦେଖିବାକୁ ମିଳିନଥିଲା। କେବଳ ଏକ ଆନୁଷ୍ଠାନିକ କରମର୍ଦ୍ଦନ ମଧ୍ୟରେ ଦୁଇ ନେତାଙ୍କ ସାକ୍ଷାତ ସୀମିତ ରହିଥିଲା, ଯାହା ଦୁଇ ଦେଶ ମଧ୍ୟରେ ବଢୁଥିବା ତିକ୍ତତାକୁ ସ୍ପଷ୍ଟ କରୁଛି। ବିଗତ କିଛି ସମୟ ହେବ ଭାରତ ଏବଂ ଆମେରିକା ମଧ୍ୟରେ ରଣନୀତିକ ଏବଂ ଅର୍ଥନୈତିକ ସମ୍ପର୍କରେ ଅନେକ ବାଧା ସୃଷ୍ଟି ହୋଇଛି। ଆମେରିକା ଦ୍ୱାରା ଭାରତୀୟ ସାମଗ୍ରୀ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରିବା, ଓମାନ ଉପସାଗରରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଭାରତୀୟ ନାବିକମାନଙ୍କର ପ୍ରାଣହାନି ଏବଂ ନିଜର ସାମରିକ କମାଣ୍ଡ ନାମରୁ ଆମେରିକା 'ଇଣ୍ଡୋ' ଶବ୍ଦ ହଟାଇଦେବା ଭଳି ଘଟଣା ଭାରତକୁ ବ୍ୟଥିତ କରିଛି। ସମ୍ମିଳନୀରେ ଟ୍ରମ୍ପଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବର୍ତ୍ତମାନ ବିଶ୍ୱରେ ସମ୍ପଦର ନୁହେଁ ବରଂ 'ବିଶ୍ୱାସର ଅଭାବ' ରହିଛି। ଏହା ସହିତ ସେ ସାମୁଦ୍ରିକ ମାର୍ଗର ସୁରକ୍ଷା ଏବଂ ନାବିକମାନଙ୍କ ଜୀବନରକ୍ଷା ଉପରେ ଗୁରୁତ୍ୱ ଦେଇ ପରୋକ୍ଷରେ ଆମେରିକାକୁ ନିଜର ଅସନ୍ତୋଷ ଜଣାଇଛନ୍ତି। ବାଣିଜ୍ୟିକ ଚୁକ୍ତି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ସହଯୋଗ ମନ୍ଥର ହୋଇଯାଇଛି। ଏହି ସମସ୍ତ ବିବାଦ ଓ ମନୋମାଳିନ୍ୟ ସତ୍ତ୍ୱେ, ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ଦ୍ୱିପାକ୍ଷିକ ବୈଠକ ଉପରେ ସମସ୍ତଙ୍କ ନଜର ରହିଛି। ଏହି ସାକ୍ଷାତକାର ଦୁଇ ଦେଶର ବ୍ୟକ୍ତିଗତ କେମେଷ୍ଟ୍ରି ଏବଂ ରଣନୀତିକ ସମ୍ପର୍କକୁ ପୁଣିଥରେ ସୁଦୃଢ଼ କରିପାରୁଛି କି ନାହିଁ, ତାହା ଆଗାମୀ ସମୟ କହିବ।

# କଟକଣା ବିରୋଧରେ ଦିଲ୍ଲୀ ହାଇକୋର୍ଟରେ 'ଟେଲିଗ୍ରାମ୍'

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ନିଟ୍ (ନିଟ୍ ୟୁଜି) ପୁନଃ-ପରୀକ୍ଷା ପୂର୍ବରୁ ସାରା ଦେଶରେ ଟେଲିଗ୍ରାମ୍ ଆପ୍ ଉପରେ କେନ୍ଦ୍ର ସରକାରଙ୍କ ଅସ୍ଥାୟୀ ନିଷେଧାଦେଶକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ଟେଲିଗ୍ରାମ୍। ଜଷ୍ଟିସ୍ ତେଜସ କାରିଆଙ୍କ ଖଣ୍ଡପୀଠ ଏହି ମାମଲାର ଜରୁରୀ ଶୁଣାଣି ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଆସନ୍ତା ଜୁନ୍ ୨୧ ରେ ହେବାକୁ ଥିବା ନିଟ୍ ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବା ପାଇଁ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ସୂଚନା ପ୍ରଯୁକ୍ତି ଅଧିନିୟମର ଧାରା ୬୯ଇ ଅନୁଯାୟୀ ଏହି କଟକଣା ଜାରି କରିଛି, ଯାହା ଜୁନ୍ ୨୨, ୨୦୨୬ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହା ସହିତ ଭାରତରେ ଜୁନ୍ ୩୦ ପର୍ଯ୍ୟନ୍ତ ଟେଲିଗ୍ରାମର 'ମେସେଜ୍-ଏଡିଟିଂ' (ପଠାଯାଇଥିବା ବାର୍ତ୍ତା ସଂଶୋଧନ) ଫିଚରକୁ ମଧ୍ୟ ଅଚଳ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଟେଲିଗ୍ରାମ୍ ସିଇଓ ପାଭେଲ୍ ଦୁରୋଭ୍ ସରକାରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରି କହିଛନ୍ତି ଯେ, କିଛି ଉପଭୋକ୍ତା ପ୍ରଶ୍ନପତ୍ର ଲିକ୍‌ର ଗୁଜବ ପ୍ରଚାର କରିଥିବା ଅଭିଯୋଗରେ ସାରା ଦେଶରେ ଆପ୍ ବ୍ୟାନ୍ କରିବା ଦ୍ୱାରା କୋଟି କୋଟି ବ୍ୟବହାରକାରୀ ଅଯଥାରେ ପ୍ରଭାବିତ ହେଉଛନ୍ତି। ଜାତୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ) ଅନୁଯାୟୀ, କେତେକ ଅସାମାଜିକ ବ୍ୟକ୍ତି ପରୀକ୍ଷା ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିବା ପାଇଁ ଟେଲିଗ୍ରାମ୍‌ରେ ମିଥ୍ୟା ପ୍ରମାଣ ସୃଷ୍ଟି କରୁଥିଲେ।

■ ବଦଳି ଲାଗି ଉପବାଚସ୍ପତିଙ୍କ ଦସ୍ତଖତ ଜାଲ୍

## କେନ୍ଦୁଝରରୁ ଧରାପଡ଼ିଲେ ସହକାରୀ ନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର ୧୭।୬ (ସମିସ): ଓଡ଼ିଆ ବିଧାନସଭାର ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ କରି ବଦଳି ହେବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଲାଗି ମହଙ୍ଗା ପଡ଼ିଛି। ଅଭିଯୋଗ ପାଇବା ପରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି, ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ବଡ଼ଗୋବରା ଗାଁର ଲକ୍ଷ୍ମଣ ହେମ୍ବ୍ରମ (୩୧)।

ପୁଲିସ ସୂଚନାନୁସାରେ, କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ମୋନାଲିସା ବେହେରା ଓ ହରିଚନ୍ଦନପୁର ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ ସୁନ୍ଦରଗଡ଼ ବରଗାଁ ଓ ସଦର ବ୍ଲକ୍‌କୁ ବଦଳି ହେବା ପାଇଁ ଯୋଜନା କରିଥିଲେ। ଦୁଇ ଯନ୍ତ୍ରୀ ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ପ୍ୟାଡର ନକଲ୍ ପ୍ରସ୍ତୁତ କରି ବଦଳି ପାଇଁ ନିଜ ନାମ ଲେଖିଥିଲେ। ଖାଲି ସେତିକି ନୁହେଁ, ଉପବାଚସ୍ପତିଙ୍କ ଦସ୍ତଖତ ମଧ୍ୟ ଜାଲିଆତି କରିଥିଲେ। ଏହାପରେ ଉକ୍ତ ସୁପାରିଶ ପତ୍ରକୁ ନେଇ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ଦାଖଲ କରିଥିଲେ। ପଞ୍ଚାୟତିରାଜ ବିଭାଗ ମଧ୍ୟ ଏହି ପତ୍ରକୁ ସତ୍ୟ ବୋଲି ବିଶ୍ୱାସ କରିଥିଲା। ସୁପାରିଶ ପତ୍ର ଅନୁସାରେ ଗତ ୮ ତାରିଖ ଦିନ ମୋନାଲିସା ଓ ଲକ୍ଷ୍ମଣଙ୍କୁ ସୁନ୍ଦରଗଡ଼ ଜିଲ୍ଲାର ସଂପୃକ୍ତ ବ୍ଲକକୁ ବଦଳି କରାଯାଇଥିଲା। ତେବେ ଉପବାଚସ୍ପତିଙ୍କ ପକ୍ଷରୁ ସେଭଳି କୌଣସି ସୁପାରିଶ କରାଯାଇନଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା। ଏଭଳି କାରନାମା ପଦାକୁ ଆସିବା ପରେ ଉପବାଚସ୍ପତିଙ୍କ



ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ଶା କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିଲା। ଗତକାଲି ରାତିରେ କେନ୍ଦୁଝରରେ ଚଢ଼ଉ କରି ଲକ୍ଷ୍ମଣଙ୍କୁ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି।

**ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ହ୍ରାସ**

## ଡବଲ ଇଞ୍ଜିନ ସରକାରଙ୍କ ଡବଲ ଧୋକା: ବିଜେଡି

ଭୁବନେଶ୍ୱର,୧୭।୬(ସମିସ): ଷୋଡ଼ଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ କମିବା ଉଦବେଗଜନକ। ଡବଲ ଇଞ୍ଜିନ ସରକାରରେ ଅନୁଦାନ ବୃଦ୍ଧି ପାଇବା ପରିବର୍ତ୍ତେ କମୁଥିବାରୁ ମୁଖ୍ୟମନ୍ତ୍ରୀ ଏ ବାବଦରେ କେନ୍ଦ୍ର ସରକାରଙ୍କ ନିକଟରେ ମୁହଁ ଖୋଲନ୍ତୁ ଦାବି କରିଛି ବିଜୁ ଜନତା ଦଳ।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରୁଣ ସାହୁ କହିଥିଲେ ଯେ ସରକାରକୁ ଆସିବା ପୂର୍ବରୁ କେନ୍ଦ୍ରୀୟ ଅନୁଦାନ ବୃଦ୍ଧି କରି ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ କରିବ ବୋଲି କହିଥିଲା ବିଜେପି। କିନ୍ତୁ ପଞ୍ଚଦଶ ଅର୍ଥ କମିଶନ (୨୦୨୧-୨୬)ଙ୍କ ସୁପାରିଶ କ୍ରମେ ଓଡ଼ିଶାକୁ ୪.୫୩ ପ୍ରତିଶତ ଅର୍ଥ ମିଳିଥିବା ବେଳେ ଷୋଡ଼ଶ ଅର୍ଥ କମିଶନ (୨୦୨୬-୩୧)ଙ୍କ ସୁପାରିଶରେ ତାହା ୪.୪୨ ପ୍ରତିଶତକୁ ହ୍ରାସ ପାଇଛି। ଏହାଦ୍ୱାରା ଓଡ଼ିଶା ପ୍ରଭୂତ କ୍ଷତି ସହିବ। ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫,୮୦୦ କୋଟି ଟଙ୍କାର ଅନୁଦାନ ମିଳିବାକୁ ଥିବାବେଳେ ଟଙ୍କାଟିଏ ବି ଅନୁଦାନ ମିଳିଲାନି। ୨୦୨୫-୨୬ ଆର୍ଥିକ ବର୍ଷରେ ମଧ୍ୟ ଏହି ଯୋଜନାରେ ଓଡ଼ିଶା ଅନୁଦାନ ପାଇବାରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ହେଲା। ସେହିପରି ଜଳ ଜୀବନ ମିଶନ ଯୋଜନାରେ ବାର୍ଷିକ ୬ ହଜାର କୋଟି ଟଙ୍କା ଅନୁଦାନ ମିଳିବାକୁ ଥିବାବେଳେ ଗତ ୨ ବର୍ଷ ମଧ୍ୟରେ ଟଙ୍କାଟିଏ ବି ଅନୁଦାନ ଓଡ଼ିଶାକୁ ମିଳିଲା ନାହିଁ। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ଓଡ଼ିଶା ହକରୁ ବଞ୍ଚିତ ହେଲା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ନିକଟରେ ମୁହଁ ଖୋଲିବା ପାଇଁ ସାହାସ ଜୁଟାଇ ପାରୁନାହାନ୍ତି। ଡ. ସାହୁ ଆହୁରି କହିଥିଲେ ଯେ, ଗତ ୨ ବର୍ଷ ମଧ୍ୟରେ ରାଜ୍ୟ ସରକାର ବଜେଟରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ ନ କରିପାରିବାରୁ କେନ୍ଦ୍ର ଅନୁଦାନ କାଟିଦେଉଛି ଏବଂ ଯାହାବି ଅନୁଦାନ ରାଜ୍ୟକୁ ମିଳୁଛି, ତାହା ଆର୍ଥିକ ବର୍ଷ ଶେଷରେ ମିଳୁଥିବାରୁ ଖର୍ଚ୍ଚ ହୋଇପାରୁ ନାହିଁ। ରାଜ୍ୟ ବିଜେପି ସରକାରଙ୍କ ଅପାରଗତା ଲାଗି ଗ୍ରାମାଞ୍ଚଳରେ ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ଜଳ ଜୀବନ ମିଶନ ଯୋଜନାରେ କେନ୍ଦ୍ରୀୟ ଅନୁଦାନ ମିଳୁନଥିବାରୁ ଗ୍ରାମାଞ୍ଚଳରେ ପିଇବା ପାଇଁ ପାଣି ମିଳୁନାହିଁ। ଏହାସହ ଷୋଡ଼ଶ ଅର୍ଥ କମିଶନଙ୍କ ନୂଆ ଫର୍ମୁଲା ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଗତ ୨ ବର୍ଷ ଧରି କେନ୍ଦ୍ରୀୟ ଅନୁଦାନ କମିବା ଏବଂ ରାଜ୍ୟ ବଜେଟରେ ବରାଦ ଅର୍ଥ ଖର୍ଚ୍ଚ ହୋଇନପାରିବା ଫଳରେ ବିକାଶ ବାଧାପ୍ରାପ୍ତ ହୋଇଛି। ପୂର୍ବ ବିଜେଡି ସରକାରରେ ଆର୍ଥିକ ପରିଚାଳନାରେ ଦେଶରେ ୧ ନମ୍ବର ସ୍ଥାନରେ ଥିବା ଓଡ଼ିଶାର ଆର୍ଥିକ ସ୍ଥିତି ଆଜି ବିଗିଡ଼ି ଯାଇଛି। ପ୍ରଚାର ସର୍ବସ୍ୱ ବିଜେପି ସରକାର ଓଡ଼ିଶାବାସୀଙ୍କ ନାଯ୍ୟ ଦାବିକୁ କେନ୍ଦ୍ର ନିକଟରେ ଉପସ୍ଥାପିତ କରି ରାଜ୍ୟ ପାଇଁ ଅଧିକ ଅନୁଦାନ ଆଣନ୍ତୁ, ନଚେତ୍ ଓଡ଼ିଶାବାସୀ କେବେ କ୍ଷମା ଦେବେ ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଉପସ୍ଥିତ ଥିଲେ।




■ ଚଳିତ ବର୍ଷ କମିବ ୫୩୦ କୋଟି ଟଙ୍କାର ଅନୁଦାନ
■ ଦୁଇ ବର୍ଷରେ ୨ ଯୋଜନାକୁ କେନ୍ଦ୍ରୀୟ ଅନୁଦାନ ଶୂନ

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସିଙ୍ଗାପୁର ହାଇକମିଶନର**

## ଅଧିକ ସୁଦୃଢ଼ ହେବ ଓଡ଼ିଶା-ସିଙ୍ଗାପୁର ସହଭାଗିତା

ଭୁବନେଶ୍ୱର,୧୭।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ବୁଧବାର ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ୍ ୱଙ୍ଗଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ବୈଠକରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଉଭୟେ ଆଲୋଚନା କରିଥିବା ଜଣାପଡ଼ିଛି।

ଏହି ବୈଠକ ଦ୍ୱାରା ଉଭୟ ଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଓ ବୈଷୟିକ ସମ୍ଭାବନାକୁ ବାସ୍ତବ ରୂପ

**ଓଡ଼ିଶାରେ ସିଙ୍ଗାପୁର'ର ନିବେଶ ପ୍ରସ୍ତାବ ଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଗଠନ ହେବ ଏକ ସୁବ୍ୟବସ୍ଥିତ ମେକାନିଜିମ୍**

ଦେବା ଦିଗରେ ଏକ ଦୃଢ଼ ପଦକ୍ଷେପ ନିଆଯାଇଛି। ଏହି ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସିଙ୍ଗାପୁରର ସହରୀ ଯୋଜନା, ସ୍ୱଚ୍ଛ ଶକ୍ତି, ବନ୍ଦର ପରିଚାଳନା, ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଥିବା ଦକ୍ଷତା ଓଡ଼ିଶାର ବିକାଶମୂଳକ ଲକ୍ଷ୍ୟ ହାସଲ ଦିଗରେ ଖୁବ୍ ସହାୟକ ହେବ। ବିଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି। 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲ ଦିଗରେ ସିଙ୍ଗାପୁର ଏକ ସ୍ୱାଭାବିକ ପାର୍ଟନର୍ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ କହିଛନ୍ତି।



ଓଡ଼ିଶାର ସମୃଦ୍ଧ ପୁଞ୍ଜିନିବେଶ ଅନୁକୂଳ ପରିବେଶ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ନିବେଶକମାନଙ୍କୁ ସମ୍ପୂର୍ଣ୍ଣ ସହାୟତା, ସିଙ୍ଗଲ୍-ୱିଣ୍ଡୋ ବ୍ୟବସ୍ଥା ଏବଂ ନିବେଶ ପ୍ରସ୍ତାବ ଉପରେ ତୁରନ୍ତ ନିଷ୍ପତ୍ତି ଗ୍ରହଣର ପ୍ରତିଶ୍ରୁତି ଦେଇଥିଲେ। ଜାନୁଆରୀ ୨୦୨୫ରେ ସିଙ୍ଗାପୁରର ରାଷ୍ଟ୍ରପତି ଡକ୍ଟର ଥରମାନ ସନମୁଗରତ୍ନମଙ୍କ ଓଡ଼ିଶା ଗସ୍ତ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଗସ୍ତ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ସହଯୋଗକୁ ସୁଦୃଢ଼ କରିଥିଲା। ଏହି ସମୟରେ ରାଜ୍ୟର ୫ଟି ପ୍ରମୁଖ ବିଭାଗ ମଧ୍ୟରେ ୮ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ୮ଟି ଏମଓୟୁ ଅଗ୍ରଗତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇ ଓଡ଼ିଶାରେ ସିଙ୍ଗାପୁର'ର ନିବେଶ ତଥା ବିଭିନ୍ନ ପାର୍ଟନରସିପ୍'ର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଏକ ସୁ-ବ୍ୟବସ୍ଥିତ ମେକାନିଜିମ୍ ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ସେ ଗ୍ରୀନ୍ ଏନର୍ଜି, ସହରୀ ବିକାଶ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିଙ୍ଗାପୁରର ବ୍ୟବସାୟିକ ପ୍ରତିନିଧି ଦଳକୁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ। ଓଡ଼ିଶାରେ ହୋଇଥିବା 'ବ୍ଲାକ୍ ସ୍ୱାନ୍ ସମିଟ୍' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ଯୁବବର୍ଗଙ୍କୁ ଫିନ୍‌ଟେକ୍ ଓ ଇନ୍‌ସିଓରଟେକ୍ କ୍ଷେତ୍ରରେ ଦକ୍ଷ କରିବା ପାଇଁ ପଦକ୍ଷେପ ନିଆଯାଇଛି। ସିଙ୍ଗାପୁର'ର ସହଯୋଗରେ ଓଡ଼ିଶାରେ ଫିନ୍‌ଟେକ୍ ଓ ଇନ୍‌ସିଓର୍‌ଟେକ୍ କ୍ଷେତ୍ରରେ ଉଦ୍ୟମକୁ ଆହୁରି ସୁଦୃଢ଼ କରାଯିବ ବୋଲି ସେ କହିଥିଲେ। ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ ୱଙ୍ଗ ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂରଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାର ବିକାଶ ପ୍ରକ୍ରିୟାରେ ସିଙ୍ଗାପୁର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେବା ସହ ଆଗାମୀ ଦିନରେ ରାଜ୍ୟର ପ୍ରଗତି ଏବଂ ଅଭିବୃଦ୍ଧି ଯାତ୍ରାରେ ସେମାନେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ୱଙ୍ଗ ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

**ମତ୍ସ୍ୟ ବିଭାଗରେ ଏଏଫ୍‌ଓ ପଦୋନ୍ନତି ମାମଲା**

## ୨ ସପ୍ତାହରେ ନିଷ୍ପତ୍ତି ନେବେ ସରକାର

କଟକ,୧୭।୬(ସମିସ): ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗରେ ପଦୋନ୍ନତି ବିବାଦକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ (ସିନିଅର ଫିସରି ଟେକ୍ନିକାଲ ଆସିଷ୍ଟାଣ୍ଟ) ପଦରୁ ସହକାରୀ ମତ୍ସ୍ୟ ଅଧିକାରୀ (ଏଏଫଓ) ପଦକୁ ପଦୋନ୍ନତି ଦେବା ସମ୍ପର୍କିତ ସୁପାରିସ ଉପରେ ଆସନ୍ତା ୨ ସପ୍ତାହ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମନୋରଞ୍ଜନ ମାଝୀ ଓ ଅନ୍ୟ ୧୯ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୬ ଜାନୁଆରୀ ୨୭ରେ ଅନୁଷ୍ଠିତ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବୈଠକରେ ଆବେଦନକାରୀ ସିନିଅର ଫିସରି ଟେକ୍ନିକାଲ ଆସିଷ୍ଟାଣ୍ଟଙ୍କୁ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ମାତ୍ର ସରକାରଙ୍କ ଅବହେଳା ଓ ବିଳମ୍ବ ଯୋଗୁଁ ସେମାନଙ୍କୁ ଏ ପର୍ଯ୍ୟନ୍ତ ପଦୋନ୍ନତିପତ୍ର ମିଳିପାରି ନାହିଁ। ଏଥିସହିତ ବିଭାଗରେ ପ୍ରାୟ ୬୦ଟି ସହକାରୀ ମତ୍ସ୍ୟ ଅଧିକାରୀ ପଦ ଖାଲି ପଡ଼ିଥିବା ମଧ୍ୟ ଆବେଦନରେ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ପୂର୍ବରୁ ଗତ ମେ ୨୧ ରେ ହାଇକୋର୍ଟ ଦେଇଥିବା ଏକ ନିର୍ଦ୍ଦେଶ ଆଧାରରେ ଗତ ଜୁନ ୧୫ରେ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ସେହି ବିଜ୍ଞପ୍ତି ଅନୁସାରେ ସହକାରୀ ମତ୍ସ୍ୟ ଅଧିକାରୀ (ଏଏଫଓ) ମାନଙ୍କୁ ଜିଲ୍ଲା ମତ୍ସ୍ୟ ଅଧିକାରୀ (ଡିଏଫଓ) ଭାବେ ଗ୍ରୁପ୍-ଏକୁ ପଦୋନ୍ନତି ମିଳିସାରିଛି। ମାତ୍ର ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକଙ୍କ କ୍ଷେତ୍ରରେ ସମାନ ନିଷ୍ପତ୍ତି ନିଆଯାଉ ନାହିଁ, ଯାହାଫଳରେ ଯୋଗ୍ୟ କର୍ମଚାରୀମାନେ ହଇରାଣ ହେଉଛନ୍ତି। ଅଦାଲତ ମାମଲାର ବିଭିନ୍ନ ଦିଗକୁ ତର୍ଜମା କରି ଗତ ଜାନୁଆରୀ ୨୭ର ଡିପିସି ସୁପାରିଶ ଆଧାରରେ ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ପଦରୁ ସହକାରୀ ମତ୍ସ୍ୟ ଅଧିକାରୀ ପଦବୀକୁ ପଦୋନ୍ନତି ଦେବା ପ୍ରକ୍ରିୟା ଉପରେ ତୁରନ୍ତ ବିଚାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶନାମା ମିଳିବାର ୨ ସପ୍ତାହ ମଧ୍ୟରେ ବିଭାଗ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ। ନିଷ୍ପତ୍ତି ନେବା ସମୟରେ, ଗତ ଜୁନ ୧୫ରେ ଏହି ସମାନ ଡିପିସି ଆଧାରରେ ଅନ୍ୟ ଅଧିକାରୀଙ୍କୁ ଦିଆଯାଇଥିବା ପଦୋନ୍ନତିର ପ୍ରାସଙ୍ଗିକତାକୁ ମଧ୍ୟ ବିଚାରକୁ ନିଆଯିବ ବୋଲି ଅଦାଲତ କହିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। କୋର୍ଟଙ୍କ ଏହି ଆଦେଶ ପରେ ମତ୍ସ୍ୟ ବିଭାଗର କର୍ମଚାରୀଙ୍କ ମଧ୍ୟରେ ପଦୋନ୍ନତି ପାଇବା ନେଇ ଆଶା ସଞ୍ଚାର ହୋଇଛି।

## ଜୁଲାଇରେ ଆସିବେ ୮ମ ବେତନ କମିସନ ସଦସ୍ୟ

ଭୁବନେଶ୍ୱର,୧୭।୬(ସମିସ): ଅଷ୍ଟମ ବେତନ କମିସନ ନିଜର ଚୂଡ଼ାନ୍ତ ସୁପାରିସ ପ୍ରସ୍ତୁତ କରିବା ପୂର୍ବରୁ ବିଭିନ୍ନ କର୍ମଚାରୀ ସଂଗଠନ, ୟୁନିଅନ ଏବଂ ସମ୍ପୃକ୍ତ ଅଂଶୀଦାରମାନଙ୍କ ମତାମତ ସଂଗ୍ରହ କରିବା ପାଇଁ ବ୍ୟାପକ ରାଜ୍ୟ ଗସ୍ତ ଆରମ୍ଭ କରିଛନ୍ତି। ଏହି ପ୍ୟାନେଲ୍ ଉତ୍ତର ପ୍ରଦେଶ, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଆଦି ପ୍ରମୁଖ ରାଜ୍ୟଗୁଡ଼ିକୁ ଗସ୍ତ କରି ସେଠାକାର ପ୍ରତିନିଧିମାନଙ୍କୁ ଭେଟିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି। ଏହିକ୍ରମରେ ଆସନ୍ତା ଜୁଲାଇ ମାସରେ ବେତନ କମିଶନର ସଦସ୍ୟମାନେ ଓଡ଼ିଶା ଆସିବେ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ ଆସନ୍ତା ଜୁଲାଇ ୬ ଏବଂ ୭ ତାରିଖ (ସୋମବାର ଏବଂ ମଙ୍ଗଳବାର) ଦୁଇ ଦିନ ପାଇଁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଗସ୍ତ କରିବେ। ଏହି ଅବସରରେ ସେମାନେ ବିଭିନ୍ନ ଅଂଶୀଦାରମାନଙ୍କ ସହ ବିସ୍ତୃତ ଆଲୋଚନା କରିବେ। ଏହି ବୈଠକରେ ଭାଗ ନେବା ଏବଂ ନିଜର ମତାମତ ପ୍ରଦାନ ପାଇଁ ଅନୁରୋଧ ଦାଖଲ କରିବାର ସମୟସୀମା ଗତ ୧୫ ତାରିଖ ସୁଦ୍ଧା ଶେଷ ହୋଇସାରିଛି। ଗତ ମାର୍ଚ୍ଚ ୫ ତାରିଖରୁ ଆନୁଷ୍ଠାନିକ ଭାବେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପ୍ରଥମେ ଏପ୍ରିଲ ୩୦ ଏବଂ ପରେ ମଇ ୩୧ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ କର୍ମଚାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହାକୁ ଦ୍ୱିତୀୟ ଥର ପାଇଁ ଜୁନ୍ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସୂଚନାଯୋଗ୍ୟ ଯେ ଏହି କମିଶନରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇ ଅଧକ୍ଷତା କରୁଛନ୍ତି। ତାଙ୍କ ବ୍ୟତୀତ ପୂର୍ବତନ ଆଇଏଏସ୍ ଅଧିକାରୀ ପଙ୍କଜ ଜୈନ ଏହାର ସଦସ୍ୟ-ସଚିବ ଅଛନ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ସଦସ୍ୟ ପୁଲକ ଘୋଷ ଏହି କମିଶନର ସଦସ୍ୟ ଭାବରେ ଦାୟିତ୍ୱ ତୁଲାଉଛନ୍ତି।

**୬ ଓ ୭ ତାରିଖରେ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା**

## ପୁଅକୁ ହତ୍ୟା କଲା ବାପା

ନୟାଗଡ଼,୧୭।୬(ସମିସ): ପୁଅକୁ ହତ୍ୟା କରିଛି ବାପା। ନୟାଗଡ଼ ଜିଲ୍ଲା ରଣପୁର ଥାନା ପୁଲିସ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ରଣପୁର ଥାନା ରାଜସୁନାଖଳା ଫାଣ୍ଡି ଅନ୍ତର୍ଗତ ଗଡ଼ବାଣିକିଲୋ ନୂଆସାହି ନିକଟ ରାସ୍ତା କଡ଼ରୁ ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଗଡ଼ବାଣିକିଲୋ ନୂଆସାହିର ହରିବନ୍ଧୁ ମାର୍ଥାଙ୍କ ପୁଅ ବିଜୟ କୁମାର ମାର୍ଥା। ବିଜୟ ଦୁଇବର୍ଷ ହେବ ବଳଭଦ୍ରପୁର ପଞ୍ଚାୟତ ନନ୍ଦପୁରରେ ବିବାହ କରିଥିଲେ। ତାଙ୍କର ଏକବର୍ଷର ପୁଅ ଅଛି। ପାରିବାରିକ ଅଶାନ୍ତି ଯୋଗୁଁ ବିଜୟଙ୍କ ସ୍ତ୍ରୀ ମଞ୍ଜୁଲତା ମାର୍ଥା ଓ ପୁଅ ନନ୍ଦପୁର ଶଶୁର ଘରେ ରହୁଥିବା ବେଳେ ବିଜୟ ଗଡ଼ବାଣିକିଲୋରେ ଏକ ଭଡ଼ା ଘରେ ରହୁଥିଲେ। ଅଧିକାଂଶ ସମୟ ସେ କେରଳରେ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଇଥାନ୍ତି। ସକାଳେ କୌଣସି କାମରେ ରଣପୁର ଯାଇ ନିଜ ଘରକୁ ଯାଇଥିଲେ। ଅପରାହ୍ନରେ ବିଜୟଙ୍କ ମୃତଦେହ ଘର ନିକଟ ରାସ୍ତା କଡ଼ରେ ଦେଖିବାକୁ ମିଳିଥିଲା। ରଣପୁର ଥାନା ଆଇଆଇସି ଆଶିଷଦେବ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବିଜୟଙ୍କୁ ବାପା ଓ ଭାଇ ମିଶି ହତ୍ୟା କରିଥିବା ତାଙ୍କ ସ୍ତ୍ରୀ ମଞ୍ଜୁଲତା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ବିଜୟଙ୍କ ବାପା ହରିବନ୍ଧୁଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ବିଜୟଙ୍କ ସାନଭାଇ ଅଜୟ ମାର୍ଥା ଫେରାର ଥିବା ଜଣାପଡ଼ିଛି। ପୁଲିସ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ବିଦ୍ୟୁତ୍ ଆଘାତରେ ୨ ଯାଆଙ୍କ ମୃତ୍ୟୁ

ହିନ୍ଦୋଳ/ଖଜୁରିଆକଟା,୧୭।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମିଥାନା ଅନ୍ତର୍ଗତ ରଞ୍ଜାଗୋଳ ଗ୍ରାମରେ ବିଦ୍ୟୁତ ଆଘାତରେ ଦୁଇ ଯାଆଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଗୌର ଦେହୁରୀଙ୍କ ସ୍ତ୍ରୀ ମନୀଷା ଦେହୁରୀ (୪୫) ଓ ବିଭୂତି ଦେହୁରୀଙ୍କ ସ୍ତ୍ରୀ ରଞ୍ଜୁ ଦେହୁରୀ (୪୭)। ମଙ୍ଗଳବାର ରାତିରେ କାଳବୈଶାଖୀ ପବନରେ ଘର ଅଗଣାରେ ଜୀବନ୍ତ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା। ବୁଧବାର ଭୋର ସମୟରେ ମନିଷା ଓ ରଞ୍ଜୁ ଅଗଣା ଓଳାଉଥିବା ସମୟରେ ପ୍ରଥମେ ରଞ୍ଜୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସେ ଚିତ୍କାର କରିବାରୁ ମନୀଷା ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଖଜୁରିଆକଟା ପରେ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ତେବେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବତନ ସାଂସଦ ମହେଶ ସାହୁ ଗଭୀର ଶୋକପ୍ରକାଶ କରି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

## କମିବା ପରିବର୍ତ୍ତେ ବଢ଼ୁଛି ସଡ଼କ ଦୁର୍ଘଟଣା ମୃତ୍ୟୁ

**ପରିବହନ ବିଭାଗର ମୋଟା ଅଙ୍କର ଟଙ୍କା ଖର୍ଚ୍ଚ; ଫଳ ଶୂନ୍**

ଭୁବନେଶ୍ୱର,୧୭।୬(ସମିସ): ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ରାଜ୍ୟରେ ବ୍ୟବସ୍ଥା ପରେ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ନୂତନ ନିୟମ ସାଙ୍ଗକୁ ବିଭିନ୍ନ ସଂସ୍ଥାର ସହଯୋଗ ନେଇ ସରକାର ପାଣି ଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ସଡ଼କ ଦୁର୍ଘଟଣା ହ୍ରାସ ପାଇବା ବଦଳରେ ପ୍ରତ୍ୟେକ ଦିନ ଦୁର୍ଘଟଣାର ହାର ବଢ଼ି ଚାଲିଛି। ଭୁବନେଶ୍ୱରରେ ଗୋଟିଏ ଦିନରେ ଦୁର୍ଘଟଣା ଯୋଗୁଁ ୩ ଜଣଙ୍କର ଜୀବନ ଯାଇଛି। ସହର ଭିତରେ ସ୍ଥିତି ଏମିତି ଥିବା ବେଳେ ରାଜପଥଗୁଡ଼ିକରେ ଏହା ଆହୁରି ସମ୍ବେଦନଶୀଳ ଅବସ୍ଥା ସୃଷ୍ଟି କରୁଛି। ଅନ୍ୟପଟେ ଦୁର୍ଘଟଣା ବୃଦ୍ଧି ଓ ଜୀବନହାନୀ ମଧ୍ୟରେ ରାଜ୍ୟରେ ସଡ଼କ ସୁରକ୍ଷା ନାଁରେ ଆଇଆଇଟ ମାଡ୍ରାସକୁ ପାଣି ଭଳି ଟଙ୍କା ଗଣାଯାଉଥିବା ବେଳେ ଏହି ସଂସ୍ଥା ଦ୍ୱାରା ଓଡ଼ିଶା କେତେ ସୁଫଳ ପାଇଛି ତାକୁ ନେଇ ପ୍ରଶ୍ନ ଉଠିଛି।

ରାଜ୍ୟରେ ବର୍ତ୍ତମାନ ଦୈନିକ ହାରାହାରି ୧୮ରୁ ଅଧିକ ଲୋକ ସଡ଼କ ଦୁର୍ଘଟଣା ଯୋଗୁଁ ପ୍ରାଣ ହରାଉଛନ୍ତି। ଏହା ଛଡ଼ା ଆହତଙ୍କ ସଂଖ୍ୟା ୪୦-୫୦ ରହୁଛି। ଏଭଳି ପରିସ୍ଥିତିରେ ଗବେଷଣା ନାଁରେ ଆଇଆଇଟି ମାଡ୍ରାସ ବ୍ୟାପକ ଅର୍ଥ ନେଉଥିଲେ ମଧ୍ୟ ଏହି ସଂସ୍ଥାର କାର୍ଯ୍ୟ କେବଳ ପୋଷ୍ଟର ବ୍ୟାନରେ ସୀମିତ ରହିଯାଉଛି। କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ଦେଇ ବହୁ ସଂଖ୍ୟକ ଧଳାହାତୀ ଆଇଆଇଟି ମାଡ୍ରାସ ଦ୍ୱାରା ପୋଷାଯାଉଥିଲେ ମଧ୍ୟ ଏହି ସଂସ୍ଥା କରୁଥିବା କାର୍ଯ୍ୟର ସରକାର କାହିଁକି ସମୀକ୍ଷା କରୁନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଏହା ବ୍ୟତିତ ଏହି ସଂସ୍ଥା ପକ୍ଷରୁ ରାଜ୍ୟରେ ଦୁର୍ଘଟଣା ହାର ବୃଦ୍ଧିର କାରଣ ଖୋଜାଯିବା ସହ

■ ରିସର୍ଚ୍ଚ ନାଁରେ ମଉଜ କରୁଛି ଆଇଆଇଟି ମାଡ୍ରାସ
■ ଅଧିକାରୀଙ୍କ ବଦଳି ପରେ ଜିଲ୍ଲାରେ ବସୁନି ସଡ଼କ ସୁରକ୍ଷା ସମିତି ବୈଠକ

ଏହାର ନିରାକରଣ ପାଇଁ ସୁପାରିସ କରିବ ବୋଲି ଚୁକ୍ତି କରାଯାଇଥିଲା। ହେଲେ ଏହି ସଂସ୍ଥା କେଉଁ ସୁପାରିସ କରିଛି ଓ ଏହାଦ୍ୱାରା କେଉଁ ପଦକ୍ଷେପ ନିଆଯାଇଛି ତାହାର ମଧ୍ୟ କୌଣସି ହିସାବ ନାହିଁ।

ଅନ୍ୟ ଏକ ଘଟଣା ଭାବେ ପୂର୍ବରୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରତ୍ୟେକ ଜିଲ୍ଲାରେ ପ୍ରତି ମାସରେ ସଡ଼କ ସୁରକ୍ଷା ସମିତି ବୈଠକ ବସିବ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। ଜିଲ୍ଲାପାଳମାନଙ୍କୁ ସଡ଼କ ସୁରକ୍ଷା ସମିତିର ବୈଠକ କରିବାକୁ ସେ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଧିକାଂଶ ଜିଲ୍ଲାରେ ସଡ଼କ ସୁରକ୍ଷା ସମିତିର ବୈଠକ ବର୍ଷକୁ ଥରେ ମଧ୍ୟ ଅନୁଷ୍ଠିତ ହେଉ ନାହିଁ। କେବଳ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଏହି ବୈଠକ ଅନୁଷ୍ଠିତ ହେଉଛି। ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶନାମାକୁ କୌଣସି ଜିଲ୍ଲାର ଜିଲ୍ଲାପାଳମାନେ କାର୍ଯ୍ୟକାରୀ କରୁନାହାଁନ୍ତି। ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା କମିଟିର ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ଦୁର୍ଘଟଣାର ତଦନ୍ତ କରିବା ଓ ଦୁର୍ଘଟଣାର ନିରାକାରଣ ପାଇଁ ବିହିତ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏହାକୁ ମଧ୍ୟ ଜିଲ୍ଲା ସ୍ତରରେ ଅନୁପାଳନ କରାଯାଉ ନାହିଁ। ଏହି ଘଟଣାକୁ ନେଇ ସଡ଼କ ସୁରକ୍ଷା ବିଶେଷଜ୍ଞ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ ନନ୍ଦ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିବା ସହ ଆଇଆଇଟି ମାଡ୍ରାସ ସହ ସରକାର କରିଥିବା ଚୁକ୍ତିକୁ ତୁରନ୍ତ ରଦ୍ଦ କରାଯିବା ଉଚିତ ବୋଲି କହିଛନ୍ତି। ଏ ସମ୍ପର୍କରେ ଶ୍ରୀ ନନ୍ଦ ପତ୍ର ମାଧ୍ୟମରେ ମୁଖ୍ୟଶାସନ ସଚିବଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ସହ ଖୋର୍ଦ୍ଧା ଜିଲ୍ଲାର ଦୁର୍ଘଟଣା ହାର ଅନ୍ୟ ଜିଲ୍ଲା ଅପେକ୍ଷା ସର୍ବାଧିକ ହୋଇଥିବାରୁ ଏହି ଜିଲ୍ଲାରେ ଦୁର୍ଘଟଣା ନିରାକାରଣ ପାଇଁ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଭିତରେ ସମନ୍ୱୟ ରକ୍ଷା କରିବା ଓ ଜିଲ୍ଲା ସ୍ତରୀୟ କମିଟିକୁ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି।

## ବିଜେପି ବିଧାୟକଙ୍କ ପ୍ରୋତ୍ସାହନରେ ଟିଟିଲାଗଡ଼ରେ ଆତଙ୍କରାଜ: ବିଜେଡି

ଭୁବନେଶ୍ୱର,୧୭।୬(ସମିସ): ବିଜେଡି ନେତା ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ହତ୍ୟା ଘଟଣାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ଆସାମୀ ଜାମିନରେ ଆସି ପୁଣି ଗୁଣ୍ଡାଗର୍ଦ୍ଦି ଚଲାଇଛନ୍ତି। ସର୍ତ୍ତମୂଳକ ଜାମିନରେ ଆସି ସ୍ଥାନୀୟ ବିଜେପି ବିଧାୟକଙ୍କ ପ୍ରୋତ୍ସାହନରେ ଟିଟିଲାଗଡରେ ଆତଙ୍କରାଜ ଚାଲିଛି। ଟିଟିଲାଗଡ଼ ପୁଲିସ ଥାନା ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳୀ ପାଲଟିଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି।

ବୁଧବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦିକ ଟୁକୁନି ସାହୁ



କହିଥିଲେ ଯେ ବିଜେଡି ନେତା ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଦଣ୍ଡିତ ଆସାମୀ, ସର୍ବୋଚ୍ଚ ନ୍ୟାୟାଳୟରୁ ସର୍ତ୍ତମୂଳକ ଜାମିନରେ ଆସି ଟିଟିଲାଗଡରେ ପୁଣି କ୍ରାଇମ ସିଣ୍ଡିକେଟ ଚଲାଇଛନ୍ତି। ଜେଲ ଫେରନ୍ତା ଆସାମୀମାନଙ୍କର ଦୌରାତ୍ମ୍ୟ କାରଣରୁ ସାଧାରଣ ଲୋକେ ଥାନାରେ ମାମଲା ଦାୟର କରିବା ପାଇଁ ଭୟ କରୁଛନ୍ତି। ସେହିପରି ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଥିଲେ ଯେ ଟିଟିଲାଗଡରେ ଘଟୁଥିବା ଏହି ଆତଙ୍କରାଜ ପାଇଁ ସ୍ଥାନୀୟ ବିଜେପି ବିଧାୟକ ଦାୟୀ। ତାଙ୍କର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଟିଟିଲାଗଡରେ ଗୁଣ୍ଡାଗର୍ଦ୍ଦି, ବଟି ଆଦାୟ ଓ ଜମି ହଡପ ଚାଲିଛି। ବିଜେଡି ନେତା ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇ ସର୍ବୋଚ୍ଚ ଅଦାଲତରୁ ସର୍ତ୍ତମୂଳକ ଜାମିନରେ ଆସିଥିବା ଦୁଇ ଜଣ ଅପରାଧୀକୁ କ୍ରାଇମ ସିଣ୍ଡିକେଟ ଚଲାଇବାରେ ସ୍ଥାନୀୟ ବିଜେପି ବିଧାୟକ ସହାୟତା ଦେଉଛନ୍ତି। ଅଦାଲତର ସର୍ତ୍ତ ମୁତାବକ ଟିଟିଲାଗଡ ସହରକୁ ପ୍ରବେଶ ମନା ଥିଲେ ମଧ୍ୟ ଦୁଇ ଆସାମୀ ଗତ ଏକ ବର୍ଷ ଧରି ଟିଟିଲାଗଡରେ ରହି ଆତଙ୍କରାଜ ଚଲାଇ ଆସୁଛନ୍ତି। ଏଥିରେ ସ୍ଥାନୀୟ ପୁଲିସ

■ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ପରେ ଜାମିନରେ ଆସି ଚଲାଇଛନ୍ତି କ୍ରାଇମ ସିଣ୍ଡିକେଟ୍
■ ଯୋଜନାବଦ୍ଧ ଭାବେ ବଟି ଆଦାୟ ଓ ହଡପ୍ ହେଉଛି ଆଦିବାସୀ ଓ ଦଳିତଙ୍କ ଜମି
■ ଏତଲା ଦାୟର ନକରିବାକୁ ପୁଲିସକୁ ଧମକାଉଛନ୍ତି ସ୍ଥାନୀୟ ବିଜେପି ବିଧାୟକ

ନିରବଦ୍ରଷ୍ଟା ସାଜିଛି। ଗତକାଲି ବଲାଙ୍ଗିର ଏସ୍ପି ବ୍ୟକ୍ତିଗତ ଭାବେ ଏହି ମାମଲା ହସ୍ତକ୍ଷେପ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ତେଣୁ ବଲାଙ୍ଗୀର ଜିଲ୍ଲା ଦାୟିତ୍ୱରେ ଥିବା ବରିଷ୍ଠ ଆଇପିଏସ୍ ଅଧିକାରୀ ଏବଂ ପଶ୍ଚିମାଞ୍ଚଳ ଆଇଜି ତୁରନ୍ତ ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସର୍ତ୍ତ ଖିଲାପ ଅଭିଯୋଗରେ ଦୁଇ ଆସାମୀଙ୍କ ଜାମିନ ବାତିଲ କରିବା ପାଇଁ ପଦକ୍ଷେପ ନେବା ସହ ପୀଡିତଙ୍କୁ ଥାନାରେ ଏତଲା ଦାୟର ନକରିବାକୁ ଧମକାଇବା ଅଭିଯୋଗରେ ସ୍ଥାନୀୟ ବିଧାୟକଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ବିଜେଡି ଦାବି କରିଛି।

● ମଧ୍ୟାହ୍ନଭୋଜନ ଚାଉଳରେ କୀଟନାଶକ ମିଶାଯିବା ଘଟଣା

# ଏବିଇଓଙ୍କୁ ଘେରିଲେ କଳମଚୁଆ ଗ୍ରାମବାସୀ

**ଖଇରା, ୧୭ ।୬(ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ କଳମଚୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଦାମରେ ଗଚ୍ଛିତ ରଖାଯାଇଥିବା ଚାଉଳରେ ବିଷ ମିଶାଯିବାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି । ବୁଧବାର ଉତ୍ତ୍ୟକ୍ତ ଗ୍ରାମବାସୀ ଘଟଣାର ତଦନ୍ତ କରି ପରିଚାଳନା କମିଟି ସଭାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେବା ସହ ଅତିରିକ୍ତ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କୁ ୨ ଘଣ୍ଟା ଧରି ଘେରାଉ କରି ରଖିଥିଲେ । ପରେ ଏବିଇଓ ଘଟଣାରେ ସଂପୃକ୍ତ ଥିବା କମିଟି ସଭାପତିଙ୍କୁ ଗୁରୁବାର ନୋଟିସ କରି ଡାକିବାକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେବା ପରେ ଗ୍ରାମବାସୀ ଏବିଇଓଙ୍କୁ ଛାଡିଥିଲେ । ସ୍କୁଲରେ ଗଛିତ ଥିବା ପାଖାପାଖି ୬ କୁଇଣ୍ଟାଲ ଚାଉଳକୁ ପୋକରୁ ରକ୍ଷା କରିବାକୁ କମିଟି ସଭାପତି ରୋଷେଇ ଦାୟିତ୍ୱରେ ଥିବା ସହାୟିକାଙ୍କୁ କୀଟନାଶକ ମିଶାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏଭଳି ସ୍ପର୍ଶକାତର ବିଷୟରେ ରୋଷେଇ କରୁଥିବା ସହାୟିକା ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଶିକ୍ଷାବିଭାଗକୁ ଜଣାଇବା ସହ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିରହିଥିଲେ । ଏ ସମ୍ପର୍କରେ ଏବିଇଓଙ୍କ ପ୍ରତିକ୍ରିୟା ନିଆଯିବାରେ ଗ୍ରାମବାସୀ କମିଟି ସଭାପତିଙ୍କୁ ବିଦ୍ୟାଳୟରେ ହାଜର ହୋଇ ସମସ୍ତ ଘଟଣା ପ୍ରକାଶ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ ଦେବା ପରେ ସଭାପତିଙ୍କୁ ଗୁରୁବାର ବିଦ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନୋଟିସ କରାଯାଇଥିବା କହିଛନ୍ତି ।



# ଚଉମୁଖ ଓ ଉଗରାକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକାଶ ଦାବିରେ ଗଣଧାରଣା

**ବାଲେଶ୍ୱର,୧୭।୬ (ସମିସ)**

୧୯୯୮ ମସିହା ଠାରୁ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବାଲିଆପାଳର ଚଉମୁଖ-ଉଗରାକୁ ପର୍ଯ୍ୟଟନ କ୍ଷେତ୍ର ରୂପେ ତୁରନ୍ତ ବିକାଶ କରାଯାଉ ବୋଲି ଦାବିକରି ସେଇ ଅଞ୍ଚଳର ଶତାଧିକ ନରନାରୀ ବୁଧବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ । ଏହି ଧାରଣାସ୍ଥଳ ସଭାରେ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ସଭାପତି ସୁବାସ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ । ଉକ୍ତ ଗଣଧାରଣା ସ୍ଥଳରେ ବିଭିନ୍ନ ରାଜନୈତିକ ଦଳ ତଥା ଗଣ ସଂଗଠନର ନେତୃବୃନ୍ଦ ଉଦ୍‌ବୋଧନ ଦେଇ କହିଥିଲେ କି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚିଠି ନଂ ୨୦୪୦/୭୫ ତା ୨୬-୦୨-୧୯୯୮ ରିଖ ମାଧ୍ୟମରେ ଚଉମୁଖ-ଉଗରା ବେଳାଭୂମିକୁ ଏକ ପର୍ଯ୍ୟଟନ କ୍ଷେତ୍ରଭାବେ ସ୍ୱୀକୃତି ଦେଇଥିଲାବେଳେ ଦୀର୍ଘବର୍ଷ ଧରି ଏଥିପାଇଁ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ବକ୍ତାମାନେ ଗଭୀର କ୍ଷୋଭପ୍ରକାଶକରିଥିଲେ । ବିସ୍ତୀର୍ଣ୍ଣବେଳାଭୂମି, ଝାଉଁ ଓ ହେନ୍ତାଳ ବଣର ମନୋରମ ପ୍ରାକୃତିକ ସବୁଜିମା, ଜୈବ ବିବିଧତା, ନାଲି ଓ ନୀଳରକ୍ତ କଙ୍କଡ଼ାର ଚାରଣଭୂଇଁ ଏବଂ ବିରଳ ଅଲିଭ୍ ରିଡ୍‌ଲେ କଇଁଚଙ୍କ ଅଣ୍ଡାଦେବା ସ୍ଥଳୀ ହୋଇଥିବାରୁ ଏହି ଅଞ୍ଚଳ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । କିନ୍ତୁ ଅତୀତ ଓ ବର୍ତ୍ତମାନର ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ପାଇଁ ଦୀର୍ଘବର୍ଷ ଧରି ଏହା ଅବହେଳିତ ହୋଇ ଏବଂ ଘୋଷଣା ସର୍ବସ୍ୱ ହୋଇ ରହିଛି । ଏହି ଅଞ୍ଚଳର ବିକାଶ ହେଲେ ସ୍ଥାନୀୟ ଅଧିବାସୀ ଓ ରାଜ୍ୟ ସରକାରଙ୍କର ଆର୍ଥିକ ସମ୍ବଳ ବୃଦ୍ଧି ପାଇବ ବୋଲି ସେମାନେ କହିଥିଲେ । ଗତ ୨୦୨୪ ଡିସେମ୍ବର ୧୭ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା ଜନଶୁଣାଣିର ବିବରଣୀ ପ୍ରକାଶ ପାଇଁ ସେମାନେ ଦାବି କରିଥିଲେ । ଧାରଣା ସ୍ଥଳରୁ ଅନୁଜ ମହାପାତ୍ର, ନାରାୟଣ ଖଟୁଆ, ଅନୁପ ମହାନ୍ତି, କନକଲତା ଦେ, କୁନି ମଣ୍ଡଳ, ଜୟନ୍ତୀ ଖଟୁଆ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧ ଦଳ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ସାକ୍ଷାତ କରି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଚଉମୁଖ-ଉଗରା ଅଞ୍ଚଳକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ପର୍ଯ୍ୟଟନ କ୍ଷେତ୍ରଭାବେ ବିକାଶ କରିବାକୁ ସେମାନେ ଦାବି କରିଥିଲେ । ଏତଦ୍‌ଭିନ୍ନ ସୁବର୍ଣ୍ଣରେଖା ନଦୀଗର୍ଭରେ ଲୀନ ହୋଇଯାଉଥିବା ଅଞ୍ଚଳକୁ ରକ୍ଷା କରିବା ପାଇଁ ପଥରବନ୍ଧ ପାଇଁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ଏହି ଗଣଧାରଣାରେ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ଉପସଭାପତି ରମଣୀ ରଞ୍ଜନ ମଣ୍ଡଳ ଓ ଲକ୍ଷ୍ମୀକାନ୍ତ ଖଟୁଆ, କମିଟିର ଆବାହକ ଅରୁଣ ଜେନା, ଚଉମୁଖ ଗ୍ରାମବାସୀଙ୍କ ପକ୍ଷରୁ ରାଜେଶ ଚୌଧୁରୀ ଓ କୁଶଧ୍ୱଜ ଜେନା ପ୍ରମୁଖଙ୍କ ସମେତ ସି.ପି. ଆଇର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ସି.ପି.ଆଇ(ଏମ୍)ର ଜିଲ୍ଲା ସଂପାଦକ ଶିଶିର ହୁଇ ଓ ନିର୍ମଳ ନାୟକ, ଏସ୍.ୟୁ.ସି.ଆଇର ଯୁବନେତା ପ୍ରଶାନ୍ତ ଦାସ, କଂଗ୍ରେସର ନେତା ବିଜନ ନାୟକ, ବିଜେଡ଼ି ନେତା ମନ୍ମଥ ଗିରି, ଅଲ୍ ଇଣ୍ଡିଆ ଫରୱାଡ୍ ବ୍ଲକ୍‌ର ଜିଲ୍ଲା ସଂପାଦକ ଲକ୍ଷ୍ମୀଧର ଗିରି, ଜେ.ଏମ୍.ଏମ୍ ଜିଲ୍ଲା ସଭାପତି କମଳଲୋଚନ ବାରିକ, ବାଲେଶ୍?ର ଓକିଲ ସଂଘର ସଭାପତି ମନୋଜ ନାୟକ, ଆଇନଜୀବୀ ନିରଞ୍ଜନ ପରିଡ଼ା, ସେକ୍ ଇସ୍‌ଲାମ୍ ଓ ତୁଷାରକାନ୍ତି ମହାପାତ୍ର, ବାମପନ୍ଥୀ ନେତା ଗୌରାଙ୍ଗ ପାଣିଗ୍ରାହୀ, ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ସାମାଜିକ କର୍ମୀ ସାଧୁ ମଲ୍ଲିକ୍, କମଳାକାନ୍ତ ଜେନା, ବିନୋଦ କର, ତପନ ଜେନା, କାର୍ତ୍ତିକ ପାତ୍ର, କାହ୍ନୁଚରଣ ବିଶ୍ୱାଳ ଓ ଶୁକଦେବ ମଣ୍ଡଳ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ଥାନୀୟ ଅଞ୍ଚଳର ବିକାଶ ଦିଗରେ ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ ।



# ରଜ ମହୋତ୍ସବ ଓ ଦୁଇଦିନିଆ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

**କାଳିପଦା, ୧୭।୬ (ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ମାରାଙ୍ଗ ବୁରୁ ସାଉଁତା ସୁସାର ସେମିଲେଡ କ୍ଲବର ୪୨ ତମ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ରଜ ମହୋତ୍ସବ ଓ ଦୁଇ ଦୁନିଆ ରାଜ୍ଯ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ସନ୍ଧ୍ୟାରେ ଉଦଯାପିତ ହୋଇ ଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଟି ଟିମ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ଖେଳ କିସ୍କୁ ବ୍ରଦର୍ସ ଟିମ ମୟୂରଭଞ୍ଜ ଓ ଫ୍ରେଣ୍ଡସ ୟୁନାଇଟେଡ ଟିମ ପଶ୍ଚିମବଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ଫ୍ରେଣ୍ଡସ ୟୁନାଇଟେଡ ଟିମ ପଶ୍ଚିମବଙ୍ଗ କିସ୍କୁ ବ୍ରଦର୍ସ ଟିମ ମୟୂରଭଞ୍ଜକୁ ୨-୦ ଗୋଲରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା । ଏହି ଉଦଯାପନ ଉତ୍ସବର ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସମ୍ମାନୀତ ଅତିଥି ଭାବରେ ବସ୍ତା ନିର୍ବାଚନ ମଣ୍ଡଳୀୟ କଂଗ୍ରେସ ନେତା ବିଜନ ନାୟକ,ଦେଉଳା ସରପଞ୍ଚ ସରୋଜ କୁମାର ପିଲା, ବାଲିଆପାଳ ବ୍ଲକ କଂଗ୍ରେସ ସଭାପତି ମୂରଲୀ ମୋହନ ସାହୁ, ବଡ଼ାଶ ସରପଞ୍ଚ ଜଗନ୍ନାଥ ବିଶ୍ୱାଳ, ଦେଉଳା ପଞ୍ଚାୟତର ସମିତି ସଦସ୍ୟ ଦିଲ୍ଲିପ ଦାସ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଟିମ ଓ ରନର୍ସ ଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ । କ୍ଲବର ସଭାପତି ଖଗେନ୍ଦ୍ର ମୁର୍ମୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପସଭାପତି ସପନ ମାର୍ଣ୍ଡି , ସମ୍ପାଦକ ବସନ୍ତ ମୁର୍ମୁ, ସହସମ୍ପାଦକ ଅରବିନ୍ଦ ମୁର୍ମୁ, ଉପଦେଷ୍ଟା ଗୋପାଳ ମାର୍ଣ୍ଡି ଙ୍କ ସହିତ କ୍ଲବର ସଦସ୍ୟ ପ୍ରୀତମ ମାଝୀ, ଟୁରିଆ କିସ୍କୁ, ଗୋବିନ୍ଦ ରାଏ, ରଘୁନାଥ ମୁର୍ମୁ, ଅନନ୍ତ ମୁର୍ମୁ, ଶ୍ୟାମ ହାଁସଦା, ପାତ୍ର ଟୁଡୁଙ୍କ ସହିତ ସମସ୍ତ ସଦସ୍ୟ କାର୍ଯ୍ୟ ପରିଚାଳନରେ ସହଯୋଗ କରିଥିଲେ । ମନୋଜ କୁମାର ପାତ୍ର ଓ ପରମେଶ୍ୱର ବାସ୍କେଙ୍କ ଧାରା ବିବରଣୀ ଦର୍ଶକଙ୍କୁ ପଡ଼ିଆରେ ବାନ୍ଧି ରଖିବା ସହିତ ଖେଳାଳିଙ୍କୁ ଖୁବ ଉତ୍ସାହିତ କରିଥିଲା ।



# ସୁନ୍ଦରପୁର ରଜ ମହୋତ୍ସବ ଉଦ୍‌ଯାପିତ



**ଖଇରା, ୧୭।୬ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ସୁନ୍ଦରପୁର ହାଇସ୍କୁଲ ପଡିଆରେ ୪ଦିନ ଧରି ଚାଲିଥିବା ସୁନ୍ଦରପୁର ରଜ ମହୋତ୍ସବ ମଙ୍ଗଳବାର ସଂଧ୍ୟାରେ ନୃତ୍ୟ ସଙ୍ଗୀତର ଆସର ଭିତରେ ଉଦ୍‌ଯାପିତ ହୋଇ ଯାଇଛି । ଚଳିତ ୨୦୨୬ରେ ରଜକୁଇନ ଭାବେ ସବଜୁନିଅରରେ ଦିବ୍ୟାଂଶୀ ମଲ୍ଲିକ, ଜୁନିଅରରେ ବିଷ୍ଣୁପ୍ରିୟା ପ୍ରଧାନ ଓ ସିନିଅରରେ କଲ୍ୟାଣୀ ପ୍ରଧାନଙ୍କୁ ରୁପା ମୁକୁଟ ପ୍ରଦାନ କରାଯାଇଛି । ଏହା ବ୍ୟତିତ ବିଭିନ୍ନ ବିଭାଗରେ ରନର୍ସ ଅପ ଭାବେ ଦିପାଂଶୀ ବେହେରା, ଏଲଏନଭି ପ୍ରଧାନ, ତନିଷ୍କା ବେହେରା, ସାଇ ଦିବ୍ୟାଂଶୀ ନାୟକ, ଶୁଭସ୍ମିତା ପାତ୍ର,ସାଇପ୍ରିୟା ଘଡେଇ,ସୋମାଲିନ ଜେନା,ସୁବାସିନୀ ଜେନା, ମନିଷା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ରଜ ମହୋତ୍ସବ କମିଟି ସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଆର୍ମି ଅଧିକାରୀ ଅଭିମନ୍ୟୁ ରାଉତ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ପାଣି, ସୁକାନ୍ତ କୁମାର ଜେନା, ଡା ହରେକୃଷ୍ଣ ରାଉତ, ନନ୍ଦ କିଶୋର ସାହୁ, ପୀତବାସ ମୁଖୀ, ନିଲମ ରାଉତ, ସୁଲୋଚନା ଭୋଳ, ସୁରେନ୍ଦ୍ର ପ୍ରସାଦ ସାହୁ, ବାଲ୍ମିକୀ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗାୟିକା ସଞ୍ଜୁ ମହାନ୍ତିଙ୍କ ଦ୍ୱାରା ପରିବେଷିତ ସଙ୍ଗୀତକୁ ଦର୍ଶକ ମନଭରି ଉପଭୋଗ କରିଥିଲେ । ରଜ ମହୋତ୍ସବ କମିଟିର ସମସ୍ତ ସଭ୍ୟ ୪ଦିନିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନ୍ୟାୟ ଦାବିରେ ନୀଳଗିରି ଥାନା ଆଗରେ ଧାରଣା




**ନୀଳଗିରି, ୧୭।୬ (ସମିସ) :** ଅନ୍ୟାୟ ଭାବେ ପୁତ୍ର ଓ ପୁତୁରାଙ୍କୁ ଗିରଫ ପ୍ରତିବାଦରେ ଧାରଣା, ଘଟଣାର ସମ୍ପୂର୍ଣ୍ଣ ନିରପେକ୍ଷ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର । ନୀଳଗିରି ଉପଖଣ୍ଡ ଅଧିନ ଦକ୍ଷିଣ ନରସିଂହପୁର ପଞ୍ଚାୟତ ପ୍ରତାପଡ଼ା ଗ୍ରାମରେ ଗତ ୧୦/୬ ବୁଧବାର ଅପରାହ୍ନ ସମୟରେ ହଠାତ୍ ପ୍ରବଳ ବେଗରେ ପବନ ବୋହିବା ସହିତ ବର୍ଷା ହୋଇଥିବା ବେଳେ ଉକ୍ତ ଗ୍ରାମର ସୁବାସିନୀ ରାଉତ, ସ୍ୱାମୀ ଶ୍ରୀଧର ରାଉତ ଙ୍କ ବାଡିରେ ଉକ୍ତ ପ୍ରତାପଡ଼ା ଗ୍ରାମର ମଙ୍ଗ ଓରଫ ମନୋରଞ୍ଜନ ମହାନ୍ତିଙ୍କ ବାଡ଼ିର ଥିବା ପୁରୁଣା ନିଦ୍ରାବତୀ ଗଛଟି ଶ୍ରୀଧର ରାଉତଙ୍କ ଘର ଛାତ ଉପରେ ପଡ଼ି ଯିବାରୁ ଛାତ କ୍ଷତିଗ୍ରସ୍ତ ହୋଇଥିଲା । ଏହାକୁ ନେଇ ମନୋରଞ୍ଜନ ଓ ଶ୍ରୀଧରଙ୍କ ମଧ୍ୟରେ ପ୍ରଥମେ ଯୁକ୍ତି ତର୍କ, ପାଟିତୁଣ୍ଡ ଓ ପିଟାପିଟି ହୋଇଥିଲା । ଏ ବାବଦରେ ନୀଳଗିରି ଥାନାରେ ଦୁଇଟି ମାମଲା ତଥା ଶ୍ରୀ ମନୋରଞ୍ଜନ ଙ୍କୁ ଆକ୍ରଣ ଅଭିଯୋଗ ରେ ୨୬୨/୨୬ ମାମଲା ରୁଜୁହୋଇ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଜାଇଥିଲା ବେଳେ ଶ୍ରୀଧରଙ୍କ ସ୍ତ୍ରୀ ସୁବାସିନୀ ରାଉତଙ୍କୁ ମନୋଜ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିବା ନେଇ ଏକ ଅଭିଯୋଗ ମୂଳେ ୨୬୩/୨୬ ନମ୍ବର ମାମଲା ରୁଜୁ କରି ନୀଳଗିରି ପୋଲିସ ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ ମନୋରଞ୍ଜନ କୁ ନୀଳଗିରି ମେଡ଼ିକାଲ ରେ ଚିକିତ୍ସା ହେଉଥିବା ବେଳ ଗୁରୁତର ଦର୍ଶାଇ ରେମୁଣା ମେଡିକାଲ କଲେଜ କୁ ସ୍ଥାନାନ୍ତରିତ କରି ଦେଇଥିଲେ । ତେବେ ଅନ୍ୟାୟ ଭାବେ ପୁତ୍ର ଓ ପୁତୁରା ଙ୍କୁ ଗିରଫ ଏବଂ ସୁବାସିନୀ ରାଉତ ଙ୍କ ପ୍ରଦତ୍ତ ଏତଲା କାର୍ଯ୍ୟକାରୀ କରିନଥିଲେ । ଏହାର ପ୍ରତିବାଦରେ ବୁଧବାର ନୀଳଗିରି ଥାନା ସମ୍ମୁଖରେ ସମ୍ପୂର୍ଣ୍ଣ ନିରପେକ୍ଷ ତଦନ୍ତ ଦାବିରେ ସୁବାସିନୀ ରାଉତଙ୍କ ସମେତ ତାଙ୍କ ପରିବାରର ଲୋକେ ଧାରଣାରେ ବସିଥିଲେ । ନୀଳଗିରି ଆଇଆଇସିଙ୍କ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଏହି ଧାରଣାକୁ ସମର୍ଥନ ଜଣାଇ ନୀଳଗିରି ବିଜେଡି, ଜାତୀୟ କଂଗ୍ରେସ, ସିପିଆଇ ଦଳର ନେତୃ ମଣ୍ଡଳୀ ଧାରଣ ସ୍ଥଳରେ ଉପସ୍ଥିତ ରହିଥିଲେ । ପରେ ବାଲେଶ୍ୱର ଆଡ଼ିସନାଲ୍ ଏସ୍.ପି ନିରଞ୍ଜନ ବେହେରା, ଡି.ଏସ.ପି. ତପସ୍ୱିନୀ କୁହଁର ଧାରଣ ସ୍ଥଳରେ ପହଞ୍ଚି ଧାରଣାକାରୀ ଙ୍କ ସହ ଆଲୋଚନା କରିଥିଲେ । ଉଭୟ ମାମଲାର ନୀରପକ୍ଷ ତଦନ୍ତ କରାଯିବ, ସୁବାସିନୀ ରାଉତ ଲିଖିତ ଅଭିଯୋଗକୁ ରୁଜୁ କରାଯିବା ସହ କ୍ଷତି ଗ୍ରସ୍ତ ହୋଇଥିବା ବାସ ଗୃହ ନିର୍ମାଣ ରେ ଜିଲ୍ଲାପାଳଙ୍କୁ ଅବଗତ କରାଇ ସହାୟତା ରାଶି ପ୍ରଦାନ ଏବଂ ଖୁବ୍ ଶୀଘ୍ର ଚାର୍ଜସିଟ୍ ଦେବା ପାଇଁ ଅତିରିକ୍ତ ଏସ୍.ପି ନିର୍ଦ୍ଦେଶ ଦେଇଥିଲେ । ଏହି ସବୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ଧାରଣାରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ସିପିଆଇ ଦଳର ବରିଷ୍ଠ ନେତା ନିରଞ୍ଜନ ବାରିକ, କଂଗ୍ରେସ ଦଳର ତପନ କୁମାର ରାଉତ, ଯଶୋଦା ନନ୍ଦନ ସିଂହ, ଯୋଗେଶ୍ୱର ବେହେରା, ଆଇନଜୀବୀ ଅଜୟ ପଟନାୟକ ସମେତ ୫୦ରୁ ଉର୍ଦ୍ଧ ସମର୍ଥକ ସାମିଲ ଥିଲେ । ଘଟଣା ପରଦିନ ମନୋରଞ୍ଜନ ମହାନ୍ତିଙ୍କୁ ମେଡ଼ିକାଲରେ ନୁହଁ ନିଜ ଗ୍ରାମରେ ବୁଲୁଥିବା ବେଳେ ନୀଳଗିରି ମେଡିକାଲର ଡାକ୍ତର କିପରି ଅବସ୍ଥା ଗୁରୁତର ଥିବାର ପ୍ରକାଶ କଲେ ବୋଲି ସାଧାରଣରେ ଶୁଣିବାକୁ ମିଳୁଛି ।

# ମଧୁପୁରା ଖାଦାନକୁ ସଂଯୋଗ କରୁଥିବା ୪ ବେଆଇନ ରାସ୍ତା କାଟିଲା ଖଣି ବିଭାଗ




**ରାଜଘାଟ, ୧୭।୬ (ସମିସ):** ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁରା ଖାଦାନରୁ ବେଆଇନ ବାଲି ଚାଲାଣ ନେଇ 'ସକାଳ'ରେ ଖବର ପ୍ରସାରଣ ପରେ ବ୍ଲକ ଖଣି ବିଭାଗ ଆକ୍ସନ ମୁଡକୁ ଆସିଛି । ବୁଧବାର ବସ୍ତା ବ୍ଲକ ଖଣି ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ମଧୁପୁରା ଖାଦାନରେ ଚଢାଉ କରି ବେଆଇନ ଚାଲାଣ ପାଇଁ ବ୍ୟବହୃତ ୪ଟି କଚ୍ଚା ରାସ୍ତାକୁ ଜେସିବି ଲଗାଇ କାଟି ଦେଇଛି । ମଧୁପୁରା ଖାଦାନରୁ ରାତିଅଧିଆ ବେଆଇନ ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ଆସିବା ପରେ ଖବର ପ୍ରସାରିତ ହୋଇଥିଲା । ଏହାପରେ ବାଲେଶ୍ୱର ଜିଲ୍ଲା ଖଣି ଅଧିକାରୀଙ୍କ ନିର୍ଦ୍ଦେଶରେ ବସ୍ତା ବ୍ଲକ ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା, ବସ୍ତା ଅତିରିକ୍ତ ତହସିଲଦାର ପିଜ୍ୟୁସ କାନ୍ତ ପ୍ରଧାନ, ଗୁଡିଖାଳ ରାଜସ୍ୱ ନିରୀକ୍ଷକ ମନୋଜ ସେଠି ଓ ସିଂଲା ପୋଲିସକୁ ନେଇ ଗଠିତ ମିଳିତ ଟିମ ଅପରାହ୍ନ ୪ଟାରେ ଖାଦାନରେ ପହଞ୍ଚିଥିଲେ । ଯାଞ୍ଚ ବେଳେ ଖାଦାନର ମୁଖ୍ୟ ପ୍ରବେଶ ପଥ ବ୍ୟତୀତ ଆଖପାଖ ବିଲ ଦେଇ ୪ଟି ଅସ୍ଥାୟୀ କଚ୍ଚା ରାସ୍ତା ତିଆରି ହୋଇ ବାଲି ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା । ଖଣି ବିଭାଗ ତୁରନ୍ତ ଜେସିବି ମେସିନ ଲଗାଇ ସେହି ୪ଟି ରାସ୍ତାକୁ ଖୋଳି କାଟି ଦେଇଛି, ଯାହାଫଳରେ ଟ୍ରାକ୍ଟର ଓ ହାଇୱା ଚଳାଚଳ ବନ୍ଦ ହୋଇଛି । ପ୍ରକାଶ ଥାଉକି ଉକ୍ତ ଖାଦାନରୁ ଜିଲ୍ଲାର ଜଣେ ବିଡ଼ିଓଙ୍କ ପୁତୁରା କହି ଜଣେ ଯୁବକ ପ୍ରାୟ ୨ଶହ କୋଟି ରୁ ଉର୍ଦ୍ଧ ଟଙ୍କାର ବାଲି ଚୋରି କରି ସୁବର୍ଣରେଖା ର ଏକ ଶାଖା ନଦୀ ଖୋଳିଥିବାର ପୂର୍ବରୁ ଅଭିଯୋଗ ହୋଇଥିଲା ।

# ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଅଟକ

**ଚନ୍ଦନେଶ୍ୱର, ୧୭।୬ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଶ୍ରଦ୍ଧାପୁର ପଞ୍ଚାୟତର ଏକ ଗ୍ରାମରେ ଜଣେ ଅବିବାହିତ ଭିନ୍ନକ୍ଷମ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଶ୍ରଦ୍ଧାପୁର ଗ୍ରାମର ଚନ୍ଦନ ନାୟକ ଓରଫ ବାବୁଙ୍କ ବିରୋଧରେ ଏହି ସଙ୍ଗୀନ ଅଭିଯୋଗ ଆସିଛି । ପୀଡ଼ିତା ଜଣକ ଭିନ୍ନକ୍ଷମ ହୋଇଥିବା ସହ ସ୍ପଷ୍ଟ ଭାବେ ନିଜ ମତ ପ୍ରକାଶ କରିବାରେ ଅସମର୍ଥ ବୋଲି ଜଣାପଡ଼ିଛି । ଏହି ଦୁର୍ବଳତାର ସୁଯୋଗ ନେଇ ତାଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ଉଠିଛି । ଘଟଣା ସମ୍ପର୍କରେ ଜାଣିବା ପରେ ପୀଡ଼ିତାଙ୍କ ପରିବାର ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ଫାଣ୍ଡି ଅଧିକାରୀ ବନବିହାରୀ ଶତପଥି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି । ଅଭିଯୁକ୍ତ ଯୁବକଙ୍କୁ ପଚରାଉଚରା ପାଇଁ ଭୋଗରାଇ ଥାନାକୁ ନିଆଯାଇଥିବା ବେଳେ ମାମଲାର ସମସ୍ତ ଦିଗକୁ ନେଇ ଖୋଳତାଡ଼ ଚାଲିଛି ।

# ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ଗର୍ଭବତୀ

**ନୀଳଗିରି, ୧୭।୬ (ସମିସ):** କଲେଜରେ ପଢୁଥିବା ବେଳେ ଉଭୟ ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ପ୍ରେମ ଆରମ୍ଭ ହୋଇଥିଲା । ଗ୍ରାମ ଠାକୁରାଣୀଙ୍କୁ ସାକ୍ଷୀ ରଖି ପ୍ରେମିକା ପିନ୍ଧିଥିଲେ ସିନ୍ଦୂର । ବେଶ୍ ସ୍ୱାମୀ ସ୍ତ୍ରୀ ଭାବେ କିଛି ମାସ ଖୁସିରେ ବିତିଲା । ସ୍ତ୍ରୀ ଯେତେବେଳେ ୪ମାସର ଗର୍ଭବତୀ ହେଲା ସ୍ୱାମୀ ଆରମ୍ଭ କଲା ଶାରୀରିକ ମାନସିକ ନିର୍ଯାତନା । ଗର୍ଭ ନଷ୍ଟ ପାଇଁ ବହୁ ଚେଷ୍ଟା କରୁଥିଲା । ସ୍ତ୍ରୀ ରାଜି ହେଲାନି । ଶେଷରେ ସ୍ୱାମୀ ପ୍ରଥମ ସ୍ତ୍ରୀ କୁ ଛାଡି ଅନ୍ୟତ୍ର ମହିଳାଙ୍କୁ ବିବାହ କରିଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ନୀଳଗିରି ଥାନା ଅନ୍ତର୍ଗତ ଜମୁଡ଼ିହ ଟିଂପୁର ଗ୍ରାମର ଜୟରାମ ସିଂ ର ପୁଅ ଯୋଗେଶ୍ୱର ଉକ୍ତ ଗ୍ରାମର ଚୈତନ୍ୟ ସିଂ ର ଝିଅ କବିତାକୁ ୨୦୨୩ ମସିହାରେ ଉଭୟ ନୀଳଗିରି କଲେଜରେ ପଢୁଥିବା ବେଳେ ଉଭୟ ଭଲ ପାଇ ବସିଥିଲେ । ପରେ ୨୦୨୪ ଡିସେମ୍ବର ମାସରେ ଗ୍ରାମ ଠାକୁରାଣୀ ନିକଟରେ ସିନ୍ଦୂର ଦେଇ ସ୍ୱାମୀ ସ୍ତ୍ରୀ ଭାବେ ପରିଚିତ ହୋଇଥିଲେ । କବିତା ଏହା ଭିତରେ ୪ ମାସର ଗର୍ଭବତୀ ଥିବା ବେଳେ ଏହାକୁ ନଷ୍ଟ କରିବା ପାଇଁ ଚାହୁ ଥିବା ନେଇ ସ୍ତ୍ରୀ ରାଜି ହେଲାନି । ଯୋଗେଶ୍ୱର ଚଣ୍ଡିଖୋଲ ଅଞ୍ଚଳରେ କାମ କରିବାକୁ ଯାଉଥାଏ । ପିଲା ନଷ୍ଟ ନ କରିବାରୁ ଆରମ୍ଭ ହୋଇଥଲା ଶାରୀରିକ ମାନସିକ ନିର୍ଯାତନା । ସ୍ତ୍ରୀକୁ ଅଣଦେଖା କଲା । ତାକୁ ଆଉ ରଖିବ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଲା ଯୋଗେଶ୍ୱର । ଏବେ ୯ ମାସର ପିଲାକୁ ପେଟରେ ଧରି ନ୍ୟାୟ ଭିକ୍ଷା ମାଗୁଛି ସ୍ତ୍ରୀ କବିତା । ସ୍ୱାମୀଙ୍କ ବିରୁଦ୍ଧରେ ଅଭିଯୋଗ କରିଥିବା ବେଳେ ପୋଲିସର ଆଶା ଭରସାକୁ ଚାହିଁ ବସିଛି କବିତା ।

# ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ ଦାବି

**ବାଲେଶ୍ୱର,୧୭ ।୬(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ତିଖିରି ପଂଚାୟତର ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ବିଡିଓ ଏବଂ ପୁଲିସର ଆଚରଣକୁ ବାଲେଶ୍ୱର ସିଭିଲ ସୋସାଇଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଏହି ଘଟଣାରେ ବିଚାର ବିଭାଗୀୟ ତଦନ୍ତ ପାଇଁ ସୋସାଇଟି ପକ୍ଷରୁ ଦାବି କରାଯାଇଛି । ସ୍ଥାନୀୟ ଉଠାଜଳ ସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ବୈଠକରେ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ସାଧାରଣସମ୍ପାଦକ ମନୋଜ ନାୟକ ପ୍ରସଙ୍ଗ ଉପରେ ଆଲୋକପାତ କରି ରାଜ୍ୟରେ ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି ବୋଲି କହିଥିଲେ । ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ଭରତ ଚନ୍ଦ୍ର ସେଠୀ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପୁରସ୍ତମ ବେହେରା ଧନ୍ୟବାଦ ଦେଇଥିଲେ ।

# ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ଆର୍ଥିକ ସହାୟତା ନିବେଦନ

**ବାଲେଶ୍ୱର,୧୭ ।୬(ସମିସ):** ନିଜାମପୁର ପଂଚାୟତ ଅର୍ନ୍ତଗତ ଦୁମୁଦା ଗ୍ରାମର ବାସିନ୍ଦାମାନେ ବିଶେଷ କରି କୃଷି କରି ସେମାନଙ୍କର ଜୀବନ ଯାପନ କରନ୍ତି । ସେମାନଙ୍କ ଗାଁ ବୁଢ଼ାବଳଙ୍ଗ ନଦୀ କୂଳରେ ଅବସ୍ଥିତ ଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟରେ ମଧ୍ୟ ସମ୍ମୁଖିନ ହୋଇଥାଆନ୍ତି । ଏପରିକି ସେମାନଙ୍କ ଗାଁରେ ଏକ ମନ୍ଦିର ନଥିବାରୁ ସେଠାକାର ଅଧିବାସୀମାନେ ପୂଜା କରିବା ପାଇଁ ଅନ୍ୟ ଏକ ଗାଁ ଉପରେ ନିର୍ଭର କରନ୍ତି । ଏହାକୁ ଦୃଷ୍ଟିରେ ରଖି ସମସ୍ତ ଗ୍ରାମବାସୀ ଏବଂ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଗ୍ରାମରେ ଏକ ମହାଦେବଙ୍କ ମନ୍ଦିର ନିର୍ମାଣ କରାଯାଇ ମୂର୍ତି ପ୍ରତିଷ୍ଠା କରାଯାଇଛି । ହେଲେ ଅର୍ଥର ଅଭାବ ହେତୁ ମନ୍ଦିରର ପୂର୍ଣ୍ଣାଙ୍ଗ କାର୍ଯ୍ୟ ହୋଇପାରୁ ନାହିଁ । ଏଣୁ ସରକାରୀ ସ୍ତରରେ ଆର୍ଥିକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ହିମାଂଶୁ ଦାସ, ଉମାକାନ୍ତ ବେହେରା, ଜଗନ୍ନାଥ ଦାସ, ପ୍ରମୋଦ ବେହେରା, ମଞ୍ଜୁଲତା ପରିଡା, ଶ୍ରୀନିବାସ ବେହେରା, ଉମାକାନ୍ତ ପରିଡା, ଚିତ୍ତରଞ୍ଜନ ଦାସ, ପରମେଶ୍ୱର ବେହେରା, ରବିନ୍ଦ୍ର ଜେନା, କବିତା ଜେନା, ସବିତା ମାହାଲ, ମଞ୍ଜୁଲତା ଯେନା, ଅନୁପମା ସାହୁ, ପଦ୍ମାବତୀ ମାହଲ ପ୍ରମୁଖଙ୍କ ସହ ଅନ୍ୟମାନେ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି ।

# ଜିଲ୍ଲାସ୍ତରୀୟ ମକ୍‌ଡ୍ରିଲ ଏବଂ ଟେବୁଲ ଟପ୍ ଏକ୍ସରସାଇଜ୍ ପ୍ରସ୍ତୁତି ବୈଠକ

**ବାଲେଶ୍ୱର,୧୭।୬ (ସମିସ)**

ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଆଜି ଟେବୁଲଟପ ଏକସରସାଇଜ ଏବଂ ମକ୍‌ଡ୍ରିଲ ପାଇଁ ଏକ ପ୍ରସ୍ତୁତି ବୈଠକ ଅଡିଟୋରିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ ସମ୍ଭାବ୍ୟ ବନ୍ୟା, ବତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ କିଭଳି ପୂର୍ବ ପ୍ରସ୍ତୁତି କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଉପକୂଳବର୍ତ୍ତୀ ବାଲେଶ୍ୱର ଜିଲ୍ଲାରେ ବାତ୍ୟା ଏବଂ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନେକ କ୍ଷୟକ୍ଷତି ହେଉଥିବା ବେଳେ ଉପଯୁକ୍ତ ଯୋଜନା ପ୍ରସ୍ତୁତି ଦ୍ୱାରା ଧନଜୀବନର ସୁରକ୍ଷା ହୋଇପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ପୂର୍ବ ବର୍ଷ ଭଳି ଜିଲ୍ଲାର ବନ୍ୟା ଓ ବାତ୍ୟାପ୍ରବଣ ଅଂଚଳର ଲୋକମାନଙ୍କୁ ବିପର୍ଯ୍ୟୟ ପ୍ରଶମନ ଓ ମୁକାବିଲାର ବିଭିନ୍ନ ଉପାୟ, ଅନୁସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା କାର୍ଯ୍ୟ ସମ୍ବନ୍ଧରେ ସଚେତନ କରିବା ପାଇଁ ଆସନ୍ତା ୧୯ ତାରିଖରେ ଏକ ମକଡ୍ରିଲ ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି । ୧୯ ତାରିଖରେ ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ରୁ ଧନ ଜୀବନ କୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା ଓ ଜିଲ୍ଲାର ବିଭିନ୍ନ ବ୍ଲକରେ ଅବସ୍ଥିତ ୧୪୪ ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବନ୍ୟା ଆଶ୍ରୟସ୍ଥଳୀରେ ଏହି ମକଡ୍ରିଲ ଅନୁଷ୍ଠିତ ହେବ । ସେହିପରି ରେଡକ୍ରସ ଦ୍ୱାରା ପରିଚାଳିତ ୧୨ଟି କେନ୍ଦ୍ରରେ ମଧ୍ୟ ଏହା ଅନୁଷ୍ଠିତ ହେବ । ମକଡ୍ରିଲ ପୂର୍ବରୁ ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ଅବସ୍ଥା, ସେଠାରେ ଥିବା ଯନ୍ତ୍ରପାତିଗୁଡ଼ିକୁ ପରୀକ୍ଷାନିରୀକ୍ଷା କରି ଆବଶ୍ୟକୀୟ ଜରୁରୀ ସରଞ୍ଜାମ ଠିକ ଅଛି କି ନାହିଁ, ସେ ବାବଦରେ ସ୍ଥାନୀୟ ବିଡିଓ କିମ୍ବା ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ ଆଶ୍ରୟସ୍ଥଳୀ ସେକ୍ରେଟାରୀ ଓ ଅଗ୍ନିଶମ ଅଧିକାରୀ ଅବଗତ କରାଇବାକୁ କୁହାଯାଇଛି । ବନ୍ୟା ଓ ବାତ୍ୟା ପରିସ୍ଥିତିରେ ପୀଡ଼ିତଙ୍କୁ ଉଦ୍ଧାର ଓ ଥଇଥାନ ନିମନ୍ତେ ଆଶ୍ରୟସ୍ଥଳୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବା, ଶୁଖିଲା ଏବଂ ରନ୍ଧା ଖାଦ୍ୟ ବ୍ୟବସ୍ଥା, ଔଷଧ ମହଜୁଦ, ନଦୀବନ୍ଧ ଓ ଘାଇ ମରାମତି, ପାଇପ୍ ଦ୍ୱାରା ବିଶୋଧିତ ଜଳ ଯୋଗାଣ, ନଳକୂପ ବିଶୋଧନ, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଔଷଧ, ହେଲୋଜନ ବଟିକା, ଓଆରଏସ, ବ୍ଲିଚିଙ୍ଗ ପାଉଡର, ପ୍ରାଣୀସମ୍ପଦର ସୁରକ୍ଷା ନିମନ୍ତେ ଟୀକା ଓ ଔଷଧ ସହ ପଦକ୍ଷେପ, ଦୁର୍ଗମ ଅଞ୍ଚଳରେ ଖାଦ୍ୟ ଶସ୍ୟ ମହଜୁଦ ରଖିବା ଆଦି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ନୀଳଗିରି ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ଜିଲ୍ଲା ମୁଖ୍ୟ ଚିକତ୍ସା ଅଧିକାରୀ ଦିଲ୍ଲୀପ କୁମାର ଜେନା, ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏନଡିଆରଏଫ ,ଓଡ୍ରାଫ ବାହିନୀ, ସ୍ୱେଚ୍ଛାସେବୀ ସଂଗଠନ, ଆପଦ ମିତ୍ର ସିଭିଲ ଡେଫେନ୍ସ, ଅଗ୍ନିଶମ ବିଭାଗ ଅଧିକାରୀ, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଏବଂ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକର ସଭାପତି ଓ ସମ୍ପାଦକ ମାନେ ଉପସ୍ଥିତ ଥିଲେ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ ।

# ଘରେ କେହି ନ ଥିବା ବେଳେ ଲକ୍ଷାଧିକ ଟଙ୍କାର ଗହଣା ଚୋରି

**ସୋର, ୧୭।୬ (ସମିସ):** ସୋର ଥାନା ମାଣିପୁର ପଞ୍ଚାୟତ ଗୁଲୁଣିଆ ଗ୍ରାମରେ ଘରେ କେହି ନ ଥିବା ବେଳେ ଘର ଏବଂ ଗଡ଼ରେଜ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଏହି ଗ୍ରାମର ଅର୍ଜୁନ ଘଡେଇ ୧୫ ତାରିଖ ସକାଳେ ପରିବାର ସହ ନିଜ ସଶ୍ରୁ ଘର ବେତଡା ଗ୍ରାମକୁ ଯାଇଥିଲେ । ଗତକାଲି ଅପରାହ୍ନରେ ଅର୍ଜୁନ ଘରକୁ ଫେରି ଘର ଖୋଲା ଥିବା ଦେଖି ଭିତରେ ପଶିଥିଲେ । ଘର ଭିତରେ ଥିବା ଗଡ଼ରେଜ ଚାବି ଭାଙ୍ଗି କେହି ଦୁର୍ବୃତ୍ତ ଗଡ଼ରେଜରେ ଥିବା ୭ଟି ସୁନାଚେନ, ରାଣି ହାର, ନେକଲେସ, ପାଉଁଜି ୩ ହଳ, ମୁଦି ୨ଟି ସମେତ ପ୍ରାୟ ୩୦ ଲକ୍ଷ ଟଙ୍କାର ସୁନା ରୁପା ଗହଣା ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ । ଏ ବାବଦରେ ଅର୍ଜୁନ ଆଜି ସକାଳେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ସରକାରଙ୍କ ସଫଳତା ବଖାଣିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

# ଅସମ୍ପୂର୍ଣ୍ଣ ପ୍ରକଳ୍ପ ସାରିବାକୁ ଗଣମାଧ୍ୟମ ପ୍ରତିନିଧିଙ୍କ ପରାମର୍ଶ

ଯାଜପୁର, ୧୭।୬(ସମିସ)




ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଯାଜପୁରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ବିକାଶର ଧାରା, ଓଡ଼ିଶା ସାରା' ସମ୍ପର୍କିତ ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଗତ ଦୁଇ ବର୍ଷରେ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା, ସଫଳତା ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ସୁରଜ ବିସ୍ତୃତ ଭାବେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା 'ପ୍ରଗତି ପ୍ରବାହ' ଏବଂ ସରକାରଙ୍କ ଯୋଜନା ସମ୍ବଳିତ ସୂଚନା ପତ୍ର ବଣ୍ଟନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଅତିରିକ୍ତ ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ଯାଜପୁର ଜିଲ୍ଲାରେ ରହିଥିବା ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡିକୁ ସାରିବାକୁ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନେ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ମଧ୍ୟ ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରି ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀ, ସମାଜ ସେବୀ ଦେବଯାନୀ ପ୍ରଧାନ, ସମାଜସେବୀ ଗୌତମ ରାୟ, ସମାଜସେବୀ ବବିତା ମଲ୍ଲିକ, ଉମେଶ ଜେନା ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାପାଳ ଅମ୍ବର କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

# ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଓ ବୁଦ୍ଧିଜୀବୀ ସମ୍ମିଳନୀ

ଯାଜପୁର, ୧୭।୬(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ 'ବିକାଶର ଧାରା, ଓଡ଼ିଶା ସାରା' ସମ୍ପର୍କିତ ଏକ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ସରକାରଙ୍କ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଏଥିରେ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ କ୍ରୀଡ଼ା, କଳା ସଂସ୍କୃତି, ସାହିତ୍ୟ କ୍ଷେତ୍ରରେ ଯାଜପୁରର ଏକ ସମୃଦ୍ଧ



ପରମ୍ପରା ରହିଛି। ସେହି ଉତ୍କୃଷ୍ଟ ଐତିହ୍ୟ ଏବଂ ବିକାଶର ଧାରାକୁ ସକାରାତ୍ମକ ଭାବେ ସାମାଜିକ ଗଣମାଧ୍ୟମରେ ପ୍ରସାର କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ପୂର୍ବରୁ ସୋସିଆଲ ମିଡିଆ ଏକ ପ୍ରୟୋଗ ଭାବେ ଆରମ୍ଭ ହୋଇଥିଲା, କିନ୍ତୁ ବର୍ତ୍ତମାନ ଏହାର ପ୍ରଭାବଶାଳୀ ଭୂମିକା ରହିଛି। ତେଣୁ ସମାଜକୁ ସକାରାତ୍ମକ ଭାବେ ପ୍ରଭାବିତ କରିବା ଉଚିତ ବୋଲି ମନ୍ତ୍ରୀ ମତ ବ୍ୟକ୍ତ କରିଥିଲେ। ସ୍ଥାନୀୟ ଅଞ୍ଚଳର ଲୁକ୍କାୟିତ ପ୍ରତିଭା, ଲୁକ୍କାୟିତ ପର୍ଯ୍ୟଟନ ସ୍ଥଳୀ, କଳାକୃତି, ସ୍ଥାନୀୟ ସମସ୍ୟା, ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଦିଗରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ବୁଦ୍ଧିଜୀବୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଥିଲେ। ଏହାସହ ମନ୍ତ୍ରୀଙ୍କ ସମେତ ବଡ଼ଚଣା ବିଧାୟକ, ଧର୍ମଶାଳା ବିଧାୟକ ଏବଂ ଜିଲ୍ଲାପାଳ ଯାଜପୁର ଜିଲ୍ଲାର ସାମଗ୍ରିକ ବିକାଶ, କ୍ରୀଡ଼ା ପ୍ରତିଭା, ଐତିହ୍ୟ ସଂସ୍କୃତିର ପ୍ରଚାର ପ୍ରସାରକୁ ନେଇ ବିଭିନ୍ନ ବିଷୟରେ ବୁଦ୍ଧିଜୀବୀ ଏବଂ କଣ୍ଟେଣ୍ଟ କ୍ରିଏଟରମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ଜିଲ୍ଲାର କଣ୍ଟେଣ୍ଟ କ୍ରିଏଟର, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱ, ସମାଜସେବୀ, ବୁଦ୍ଧିଜୀବୀ, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ

ଯାଜପୁର, ୧୭।୬(ସମିସ): ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ରସୁଲପୁର ବ୍ଲକ ଅନ୍ତର୍ଗତ ଜୟନ୍ତୀ ପାଠାଗାର ସହାୟତା ସଭାଗୃହରେ ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ପ୍ରାଧିକରଣ ସଚିବ ତଥା ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥି ଆଲୋଚକ ଭାବେ ସହକାରୀ ଜିଲ୍ଲାପାଳ ମିସ୍ ଆଦ୍ୟାଶା ରାଉତ, ଯାଜପୁର ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ରାଧାନାଥ ନାୟକ, ପୁଲିସ ଅପରାଧ ଶାଖା ଅଧିକାରୀ ସୌମ୍ୟରଞ୍ଜନ ନାଥ ଏହି ଦିବସର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ସଞ୍ଚାଳନ କରିଥିଲେ। ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ସନ୍ଧ୍ୟାରାଣୀ ସାହୁ ଓ ହେମଲତା ସେଠୀ। ଧନ୍ୟବାଦ ଅର୍ପଣ କରିଥିଲେ ଶରତ ଚନ୍ଦ୍ର ରାଉତ। କର୍ଯ୍ୟକ୍ରମ ପରିଚାଳନା ରେ ପାଠାଗାର ସଭାପତି ସତ୍ୟସୁନ୍ଦର ସାହୁ ସମ୍ପାଦକ ସରୋଜିନୀ ସାହୁ ସଦସ୍ୟଗଣ ଓ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ।

## ସିଂହପୁର ହାଇସ୍କୁଲରେ ଗୁରୁପୂଜନ କାର୍ଯ୍ୟକ୍ରମ

ସିଂହପୁର, ୧୭।୬(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯ ୯୫ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଶିକ୍ଷକ ନିର୍ମଳ ଚନ୍ଦ୍ର ସାମଲ, ବଟକୃଷ୍ଣ ମଲ୍ଲିକ, ସତ୍ୟ ନାରାୟଣ ପାତ୍ର, କଲ୍ୟାଣୀ ଧଳ, ପ୍ରହ୍ଲାଦ ପଣ୍ଡା, ନାରାୟଣ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଦୀର୍ଘ ୩୧ ବର୍ଷ ପରେ ସହପାଠୀମାନେ ବିଦ୍ୟାଳୟ ପରିସରରେ ଏକତ୍ରିତ ହୋଇ ପାଠପଢ଼ା ସମୟର କଥାକୁ ମନେ ପକାଇ ଥିଲେ। ସମସ୍ତ ସାଙ୍ଗ ମାନେ ପରିବାର ସହିତ ଖୁସି ମନାଇଥିଲେ। ପାଠ ପଢ଼ା ସମୟର ବନ୍ଧୁ ହିଁ ପ୍ରକୃତ ବନ୍ଧୁ। ସହପାଠୀ ମାନେ ଆଗାମୀ ଦିନରେ ନିଜ ନିଜ ଭିତରେ ଉତ୍ତମ ସମ୍ପର୍କ ରକ୍ଷା ପାଇଁ ମତ ବ୍ୟକ୍ତ କରିଥିଲେ। ସୁବାସ ଚନ୍ଦ୍ର ସାହୁ, ତପନ କୁମାର ଜେନା, ମମତା ଥାଟୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜିବ ଖିଲାର, ସୁନିଲ ଧଳ, ତୁଷାର ବେଉରିଆ, ସ୍ନେହାଶିଷ ପାଢ଼ୀ, ଅଜିତ ବେହେରା, ବିଜୟ ପ୍ରଧାନ, ସୁଧୀର ବିଶ୍ୱାଳ, ସନ୍ତୋଷୀ ଜେନା, ରଞ୍ଜିତା ଥାଟୋଇ, ମଳୟ ସାମଲଙ୍କ ସମେତ ଶତାଧିକ ବ୍ୟାଚର୍ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ମଚାରୀ ରବୀନ୍ଦ୍ର କୁମାର ନାୟକ, ମାୟାଧର ନାୟକ ଯୋଗ ଦେଇଥିଲେ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଜେନାପୁର, ୧୭।୬(ସମିସ): ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍ ଚଣ୍ଡିଖୋଲ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଥିବା ଜେନାପୁର ଶାଖାର ଅତିରିକ୍ତ ଶାଖା ପରିଚାଳକ ସାଗର ମହାରଣାଙ୍କୁ ଗୋମାତା ସେବା ସଙ୍ଗଠନ ତରଫରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସେବା ସଙ୍ଗଠନର ସମ୍ପାଦକ ନିଷ୍କାନ୍ତ ଖଟୁଆ ଓ ପ୍ରକାଶ କୁମାର ଗୋଚ୍ଛାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହି ଶ୍ରୀଯୁକ୍ତ ମହାରଣାଙ୍କୁ ଉତ୍ତରୀୟ ଓ ଗୋମାତାଙ୍କ ଫଟୋ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜେନାପୁର ଶାଖାରେ ୩ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟକରି ସେ ସମିଆଁ ଶାଖାକୁ ବଦଳି ହୋଇଛନ୍ତି ବୋଲି ଶାଖା ପରିଚାଳକ ବିଶ୍ୱଜିତ୍ ନାୟକ ସୂଚନା ଦେଇଛନ୍ତି। ତାଙ୍କ ସ୍ଥାନରେ ନୂତନ କର୍ମଚାରୀ ଭାବେ ଦେବାଶିଷ ସେଠୀ ଯୋଗଦେଇଛନ୍ତି।

## 'ବିପଦର ବନ୍ଧୁ' ପକ୍ଷରୁ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା

କୁଆଖିଆ, ୧୭।୬(ସମିସ): ରସୁଲପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରଭୁ ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କୁଳମଣୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈଦେହ୍ର ସାହୁ, ମୁଖ୍ୟବକ୍ତା ଭାବେ ଟ୍ରଷ୍ଟର ଉପାଧ୍ୟକ୍ଷ ତଥା ଯୁବ ସମାଜସେବୀ ଜନ୍ମେଜୟ ସାହୁ, ସମ୍ପାଦକ ଗୋପାଳ ପାତ୍ର, କୋଷାଧ୍ୟକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ସାଂଗଠନିକ ସମ୍ପାଦକ ଜ୍ଞାନ ରଞ୍ଜନ ରଥ, ସାଧାରଣ ସମ୍ପାଦକ ରବୀନ୍ଦ୍ର ମିଶ୍ର, ମନ୍ଦିର ପରିଚାଳନା କମିଟି ସଭାପତି କୈଳାଶ ଚନ୍ଦ୍ର ରାଉତ, ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା, ସୁଦାମ



ଚରଣ ଦାସ ଯୋଗଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଭାବେ ସାମ୍ବାଦିକ ଗଗନ ଦାସ, ଆଲୋକ ପହି, ପ୍ରଶାନ୍ତ ନାୟକ, ଶୁଭେନ୍ଦୁ ସାମଲ, ରଞ୍ଜିତ ରାଉତ, ବିଶ୍ୱପ୍ରକାଶ ଖୁଣ୍ଟିଆ, ଚିନ୍ମୟ ନାୟକ, ପ୍ରକାଶ ଚନ୍ଦ୍ର ସାହୁ, ସୁଶାନ୍ତ ଗୋଚ୍ଛାୟତ, କୈଳାଶ ମଲ୍ଲିକ, ଅମୂଲ୍ୟ ବରାଳ, ବିଶ୍ୱନାଥ ସ୍ୱାଇଁଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶିବାନନ୍ଦ ପଣ୍ଡା, ବିଶ୍ୱଜିତ୍ ଦାସ, ଦୈତାରି ଜେନା, ଶିଶିର ପଣ୍ଡା, ଯଶୋବନ୍ତ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଉପଦେଷ୍ଟା ଅରବିନ୍ଦ ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଟମକା ଅଞ୍ଚଳରେ ରଜ ଉତ୍ସବ ଉଦ୍‌ଯାପିତ

ଦାନଗଦି/ଟମକା, ୧୭।୬(ସମିସ): ଟମକା ଥାନା ଅଧୀନସ୍ଥ କିଆଝର, ଦେଉଳକଣ, ଓସ୍ତପାଳ, ବାଙ୍ଗର କୋଟା, ଚିତ୍ରୀ, ଗୋବର୍ଦ୍ଧନପୁର, ନଛିପୁରା ଓ ଉଛବାଲି ପଞ୍ଚାୟତରେ ରଜ ପର୍ବ ବହୁ ଆଡମ୍ବର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ବାଙ୍ଗରକୋଟା ପଞ୍ଚାୟତର



ଆମ୍ପୋର ଗ୍ରାମରେ ରଜ ମହୋତ୍ସବ ପ୍ରତି ସନ୍ଧ୍ୟାରେ ଖୋଲାମଞ୍ଚରେ ସ୍ଥାନୀୟ କୁନି, ଯୁବ କଳାକାରମାନଙ୍କ ଦ୍ୱାରା ନୃତ୍ୟ, ଗୀତ, ଅଭିନୟ ପରିବେଷଣ କରାଯାଇଥିଲା। କିଶୋରୀ, ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ଆଥ୍ଲେଟିକ୍ ପ୍ରତିଯୋଗିତା କରାଯାଇ ଯୁବକ ସଂଘ ତରଫରୁ ପୁରସ୍କାର ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ପ୍ରତ୍ୟେକ ଦିନ ହଜାର ହଜାର ଲୋକ ମହୋତ୍ସବ ପଡ଼ିଆରେ ଦୋଳି ଖେଳିବା ସହିତ ମୀନାବଜାର ବୁଲିବା ଓଡ଼ିଆର ପିଠା ଖାଇ ଭରପୁର ଆନନ୍ଦ ଉପଭୋଗ କରିଥିଲେ। ଏହି ଅବସରରେ ରଜକମିଟି ତରଫରୁ ଟମକା ମହାଗିରି ପ୍ରେସ୍ କ୍ଲବର ସଭାପତି ହରିହର ବାରିକ୍ ଓ ସମ୍ପାଦକ ଏସ୍‌କେ ଅବତାର ଅଲ୍ଲୀଙ୍କୁ ସାମ୍ବାଦିକ ଗୌରବରେ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନରୋତ୍ତମ ବେହେରା ସହ ସମ୍ପାଦକ ଅନିଲ୍ କୁମାର ଦାସ କୋଷାଧ୍ୟକ୍ଷ ଅଜୟ ଦେହୁରୀ ଟମକା ଥାନାର ଏଏସ୍‌ଆଇ ଦୀପ୍ତିକାନ୍ତ ଦାସଙ୍କୁ ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରୁଥିବାରୁ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ୍, ଭାଷ୍ୟକାର ତାରିଣୀ ପ୍ରସାଦ ପୁହାଣ ଓ ବାବାଜୀଚରଣ ଜେନା ମଞ୍ଚ ପରିଚାଳନା କରିଥିଲେ। ଯୁବକ ସଂଘର ସଭାପତି ଚନ୍ଦନ ପାଣି ସମ୍ପାଦକ ହାପି ମହାପାତ୍ର ବରିଷ୍ଠ ସଭ୍ୟ ଚଗୁଲୁ ବଳ, ଶରତ ବଳ ସମେତ ଗ୍ରାମବାସୀ ସମସ୍ତ ଯୁବକ ସଂଘର ସଦସ୍ୟ ସହଯୋଗ କରିଥିଲେ। ଟମକା ପୁଲିସ୍ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଟ୍ରୋଲିଂକୁ କଡ଼ାକଡି କରାଯାଇଥିଲା।

## ନଛିପୁରାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଦାନଗଦି, ୧୭।୬(ସମିସ): ଆଜି ଦାନଗଦି ବ୍ଲକ ଅନ୍ତର୍ଗତ ନଛିପୁରା ପଞ୍ଚାୟତରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଏଥିରେ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଅତିଥିଭାବେ ଯୋଗଦେଇଥିଲେ। ଖେଳ ପ୍ରତି ଯୁବମାନଙ୍କର ଆଗ୍ରହ, ଟିମ୍ ସ୍ପିରିଟ୍ ଓ ଜିତିବାର ଜୋସ୍ ପ୍ରଶଂସନୀୟ ବୋଲି ସେ କହିଥିଲେ। ଏହାସହ ଆଜିର ଜେନ୍-ଜେ କେବଳ ସୋସିଆଲ ମିଡ଼ିଆରେ ସୀମିତ ନୁହେଁ, ସେମାନେ ଖେଳ, ସମାଜ ଓ ନେତୃତ୍ୱରେ ମଧ୍ୟ ନୂଆ ପରିଚୟ ସୃଷ୍ଟି କରୁଛନ୍ତି ବୋଲି ଇଂ. ଘଡ଼ାଇ ମତପ୍ରକାଶ କରିଛନ୍ତି।



## ବିଜୟଙ୍କ ପରିବାରକୁ ଭେଟିଲେ ମୋକିମ

ବ୍ରହ୍ମବରଦା, ୧୭।୬(ସମିସ): ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ତଥା ବ୍ରହ୍ମବରଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିବଂଗତ ନେତା ବିଜୟ ଦାସଙ୍କ ପରଲୋକର ଅଷ୍ଟମ ଦିନରେ ଓଡ଼ିଶା ଜନତା କଂଗ୍ରେସ ଦଳର ସଭାପତି ମହମ୍ମଦ ମୋକିମ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ।

ଏହି ଅବସରରେ ଶ୍ରୀ ମୋକିମ ମୃତକଙ୍କ ପୁଅ ଓ ଝିଅ ଏବଂ ଅନ୍ୟାନ୍ୟ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ମୋକିମ୍‌ଙ୍କ ଗସ୍ତ ସମୟରେ ଦଳୀୟ ନେତା ବିଦ୍ୟାଧର ମହାନ୍ତି, ସୁଜିତି ସ୍ୱାଇଁ, ଭବାନୀ ଶଙ୍କର ନାୟକ, ଗୋବିନ୍ଦ ସାମଲ, ନିକୁଞ୍ଜ ପଶାୟତ, ସଞ୍ଜୟ ରାୟ, ବରୀ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଆବୁ ସାୟେମା, ବ୍ରହ୍ମବରଦା ବିଜେପି ଯୁବନେତା ରାକେଶ ଦେଓ, ଶ୍ରମିକ ନେତା ପ୍ରଦୀପ ଦାସ, ଅନ୍‌ୱର୍ ଖାନ୍ ଓ ଅଟଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବରୁଣେଶ୍ୱରରେ ଶିବ-ପାର୍ବତୀ ବିବାହ ପାଇଁ ପ୍ରସ୍ତୁତି

ବିଞ୍ଝାରପୁର, ୧୭।୬(ସମିସ): ଆସନ୍ତା ଜୁନ୍ ୧୯ ତାରିଖରେ ବିଞ୍ଝାରପୁରର ପ୍ରସିଦ୍ଧ ବାବା ବରୁଣେଶ୍ୱରଙ୍କ ଶିବ-ପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଆଉ ମାତ୍ର ଦୁଇ ଦିନ ପରେ ଦେବାଧିଦେବ ମହାଦେବ ବର ଏବଂ ମାତା ପାର୍ବତୀ କନ୍ୟା ରୂପେ ସାଜିବେ। ଏହି ପବିତ୍ର ଉତ୍ସବକୁ ନେଇ ଶିବ-ପାର୍ବତୀ ବିବାହ କମିଟି ଓ ସେବାୟତମାନଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ବିବାହ ଶୋଭାଯାତ୍ରାରେ ସଂକୀର୍ତ୍ତନ, ବୀରବାଦ୍ୟ ଓ ବିଭିନ୍ନ ଧାର୍ମିକ ଦଳ ସାମିଲ ହେବେ। ବରାନୁଗମନ ଶୋଭାଯାତ୍ରାରେ ସମଗ୍ର ବରୁଣେଶ୍ୱର କ୍ଷେତ୍ର ଉତ୍ସବମୁଖର ହୋଇଉଠିବ।



କାର୍ଯ୍ୟକ୍ରମ ଅନୁଯାୟୀ, ଜୁନ୍ ୧୯ ତାରିଖ ସକାଳେ ସୂର୍ଯ୍ୟପୂଜା, ପାର୍ଶ୍ୱଦେବତାଙ୍କ ପୂଜା, ଦେବୀଙ୍କ ମହାସ୍ନାନ ଓ ମଙ୍ଗନ କାର୍ଯ୍ୟ ଅନୁଷ୍ଠିତ ହେବ। ଏହା ସହ ମହାଦେବଙ୍କ ମହାରୁଦ୍ରାଭିଷେକ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହେବ। ସନ୍ଧ୍ୟା ୬ଟାରୁ ବରଯାତ୍ରୀଙ୍କ ଗହଣରେ ମହାଦେବଙ୍କ ନଗର ପରିକ୍ରମା ଆରମ୍ଭ ହୋଇ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବ। ରାତି ୧୦ଟା ୩୦ ମିନିଟରେ ବିବାହ କାର୍ଯ୍ୟ ଆରମ୍ଭ ହେବାର ସୂଚନା ମିଳିଛି। ଅନ୍ୟପକ୍ଷରେ ମାତା ପାର୍ବତୀଙ୍କ ପିତା ଭୂମିକାରେ ଥିବା ମିହିର କୁମାର ପଣ୍ଡାଙ୍କ ପରିବାର ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି ଚାଲିଛି। ଘର ଘର ବୁଲି ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଥିବା ବେଳେ ବିବାହ ପାଇଁ ଆବଶ୍ୟକ ଯାନି-ଯୌତୁକ, ଗହଣାଗାଣ୍ଠି ଓ ଲୁଗାପଟା କ୍ରୟ କାର୍ଯ୍ୟ ମଧ୍ୟ ଜୋରଦାର ଭାବେ ଚାଲିଛି। କନ୍ୟା ପିତା ଭାବେ ମିହିର କୁମାର ପଣ୍ଡା କହିଛନ୍ତି, ମୋ ଝିଅ ପାର୍ବତୀଙ୍କ ବିବାହ ଉତ୍ସବରେ ମହାଦେବଙ୍କ ପରି ଜ୍ୱାଇଁ ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ। ବରଯାତ୍ରୀ ଭାବେ ଆସୁଥିବା ସମସ୍ତ ଅତିଥିଙ୍କୁ ଯଥୋଚିତ ସମ୍ମାନ ଦେଇ ବିଦାୟ କରିବା ସହ ଏହି ବିବାହ ଉତ୍ସବକୁ ଧୁମଧାମରେ ପାଳନ କରିବା ପାଇଁ ସମସ୍ତ ପ୍ରସ୍ତୁତି ଜାରି ରହିଛି।

## ବଣମାଲ୍ଲୀ ମହୋତ୍ସବ ଉଦ୍‌ଯାପିତ

କବାଟବନ୍ଧ, ୧୭।୬(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ବୃନ୍ଦାଦେଇପୁରସ୍ଥ ଗଡ଼ଜାତ ସ୍ମାରକୀପୀଠଠାରେ ବଣମାଲ୍ଲୀ ମହୋତ୍ସବ ଉଦଯାପିତ ହୋଇଯାଇଛି। ଶେଷ ରଜ ସନ୍ଧ୍ୟାରେ ବଣମାଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ଆନୁକୂଲ୍ୟରେ ଏହି ଦ୍ୱାଦଶତମ ବଣମାଲ୍ଲୀ ମହୋତ୍ସବରେ ପାରମ୍ପାରିକ ଲୋକନୃତ୍ୟ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ସୁଶ୍ରୀ ରଶ୍ମିତା ବେହେରା ଏବଂ ଅନୁଷ୍ଠାନର ସଭାପତି ଡ଼. ଜୟଦେବ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ଡ. ପ୍ରଭାସ କୁମାର ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ତୁହିନାଂଶୁ ରଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରଫୁଲ୍ଲ କୁମାର ଦାସ, ଅଜୟ କୁମାର ଦାସ, ଅନୁଷ୍ଠାନର ଉପଦେଷ୍ଟା ପଦ୍ମନାଭ ଶତପଥୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁ, ବ୍ୟଙ୍ଗକବି ବାଇଧର ମାଝୀ, ଶିକ୍ଷାବିତ୍ ମନୋରଞ୍ଜନ ଶତପଥୀ, ସଭାର ସଭାପତି ଭାବରେ ଅନୁଷ୍ଠାନର ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସରୋଜ କାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ମହକ' ସମ୍ପାଦିକା ଦମୟନ୍ତୀ ପ୍ରଧାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ପ୍ରତିଭା ଦମୟନ୍ତୀ ପ୍ରଧାନ, ବବିତା ସ୍ୱାଇଁ, ଅନସୂୟା ମଲ୍ଲିକ, ଲୋପାମୁଦ୍ରା ବେହେରା, ପଙ୍କଜିନୀ ମଲ୍ଲିକ, ସୌମ୍ୟରଞ୍ଜନ ଖଟୁଆ, ରଚିତା ଦାସ, ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ସୁବ୍ରତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ କଳାହାଣ୍ଡି ଜିଲ୍ଲାର ମା ସରସ୍ୱତୀ ଯୁବ ଅନୁଷ୍ଠାନ ପକ୍ଷରୁ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା। ସ୍ଥାନୀୟ ପ୍ରତିଭାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରମୋଦ ଶତପଥୀ, ଲୋକନାଥ ପୁରୀ, ପ୍ରଦୀପ ଶତପଥୀ, ରାମଚନ୍ଦ୍ର ମହାନ୍ତି, ବୃନ୍ଦାବନ ଶତପଥୀ, ମାନସ ରଞ୍ଜନ ପ୍ରଧାନ, ଲାଲମୋହନ ଶତପଥୀ, ଅତୁଲ ସାହୁ, ସୁବ୍ରତ ସାହୁ, ତୀର୍ଥବାସି ଦଳାଇ, ମଧୁସ୍ମିତା ଖଟୁଆ ଓ ଅନୁଷ୍ଠାନର ଅନ୍ୟ ସମସ୍ତ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ସରୋଜ କାନ୍ତ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।



# ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ପୂଣ୍ୟତିଥି

ବରୀ, ୧୭।୬(ସମିସ)



ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୨୦ତମ ପୂଣ୍ୟତିଥି ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ବିଦଗ୍ଧା ଅନୁଷ୍ଠାନ ଦ୍ୱାରା କବିଙ୍କ ଶ୍ରାଦ୍ଧ ଦିବସକୁ ଭ୍ରାମ୍ୟମାଣ ଉତ୍ସବ ମାଧ୍ୟମରେ ପାଳିତ ହେଉଛି। ଏହି ଉତ୍ସବରେ କବିଙ୍କ ସମାଧୀ ପୀଠ ଅଭିମନ୍ୟୁ ବାଲିଆ ଠାରେ ତିଳତର୍ପଣ ଆଦି କାର୍ଯ୍ୟ ସମାପନ ପରେ କେବଳ ଯାଜପୁର ଜିଲ୍ଲା ମଧ୍ୟରେ ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠାନ ଦ୍ୱାରା ପାଳିତ ହେଉଥିଲା। ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲାର ନାଉଗାଁ ଅନ୍ତର୍ଗତ ଡାବର ଗ୍ରାମରେ ଡାବର ପାଲା କମିଟି ଓ ବିଦଗ୍ଧାର ମିଳିତ ଆନୁକୂଲ୍ୟରେ ପୂଣ୍ୟତିଥି ପାଳିତ ହୋଇଯାଇଛି। ବିଦଗ୍ଧାର ନିର୍ଦ୍ଦେଶକ କବି ଶରତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ଆସରରେ ମୁଖ୍ୟଅତିଥି ଭାବେ ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦଗ୍ଧ କବିଙ୍କ ସୃଷ୍ଟି ସମ୍ଭାର ଅନନ୍ୟ ଓ ଅତୁଳନୀୟ ଯାହା ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ପ୍ରଚାର ପ୍ରସାରର ସମୟ ଆସିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷାଧିକାରୀ କପିଳଚରଣ ସାମଲ ଅଭିମନ୍ୟୁ ସାହିତ୍ୟକୁ ପାଲା ସଂସ୍କୃତି ଆଜି ବଞ୍ଚାଇ ରଖିଛି। କବିଙ୍କ ମହାନ ସୃଷ୍ଟି ଯେତେ କ୍ଲିଷ୍ଟ ହେଲେ ବି ରସିକ ହୃଦୟ ପାଇଁ ଏହା ଅତ୍ୟନ୍ତ ସରଳ ଓ ତରଳ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ବିଶିଷ୍ଟ ସମାଜସେବୀ ତଥା ୱାଟକୋ, ଓଡ଼ିଶାର ପୂର୍ବତନ କାର୍ଯ୍ୟନିର୍ବାହୀ ପ୍ରଦୀପ କୁମାର ସ୍ୱାଇଁ, ଗୀତିକାର ଦିଲ୍ଲିପ୍ ଜେନା, ଚଳଚ୍ଚିତ୍ର ନାୟିକା ଜ୍ୟୋତିର୍ମୟୀ ମହାନ୍ତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାଜସେବୀ ବସନ୍ତ କୁମାର ଜେନା, ବାବୁଲି ପରିଡ଼ା, ସୁରେନ୍ଦ୍ର ଜେନା, ଶିବଚରଣ ପରିଡ଼ା, ଗେଛରାଙ୍ଗ ଚରଣ ସ୍ୱାଇଁ, ଅଦୈତ୍ୱ କୁମାର ପରିଡ଼ା ପ୍ରମୁଖ ଯୋଗଦାନ କରି ବିଦଗ୍ଧା ଅନୁଷ୍ଠାନର ଏତାଦୃଶ କାର୍ଯ୍ୟକ୍ରମର ପ୍ରଶଂଶା କରିଥିଲେଫ ବିଦଗ୍ଧା ଅନୁଷ୍ଠାନ ତରଫରୁ ଡାବର ପାଲା କମିଟିର ସଭାପତି ନରେନ୍ଦ୍ର ପରିଡ଼ା ଓ ସମ୍ପାଦକ ଗଦାଧର ପରିଡ଼ାଙ୍କୁ ବିଦଗ୍ଧା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦିବସରେ ବିଦଗ୍ଧା ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ବିଦଗ୍ଧା ରଜପରୀ -୨୦୨୬ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଚଳଚ୍ଚିତ୍ର ଅଭିନେତ୍ରୀ ଜ୍ୟୋତିର୍ମୟୀ ମହାନ୍ତି, ସୁଦିପ୍ତା କର, ଆକାଂକ୍ଷା ପ୍ରିୟଦର୍ଶିନୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତରାୟ, ଗୀତିକାର ଦିଲ୍ଲୀପ ଜେନା, ବିଶିଷ୍ଟ ମଞ୍ଚ ଉପସ୍ଥାପିକା ସୌଭାଗିନୀ ସାହୁ (ଲିଜା) ବସନ୍ତ କୁମାର ଜେନା ପ୍ରମୁଖ ବିଚାରପତି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠାନ ତରଫରୁ ସେମାନଙ୍କୁ ବିଦଗ୍ଧା ସମ୍ମାନ ପ୍ରଦାନ କରାଯାଇଥିଲା। ବିଦଗ୍ଧାର ଉପସଭାପତି ଜୟନ୍ତ କୁମାର ଜେନା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଯୁବ ସାଥୀ ମଙ୍ଗୁଳି ଚରଣ ପରିଡ଼ା, ସଞ୍ଜୟ ଫାରକ୍, ପ୍ରଭାତ ବାରିକ୍, ବିଜୟ ପରିଡ଼ା, ରାଜା ଜେନା, ସୌରଭ ସ୍ୱାଇଁ, ବାଦଲ ସ୍ୱାଇଁ, ଅଶୋକ ନାୟକ, ବାସୁଦେବ ନାୟକ, ରାକେଶ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଚଳିତ ବର୍ଷ ବିଦଗ୍ଧା ରଜପରୀ ଜୁନିଅର ଓ ସିନିଅର ଦୁଇଟି ବିଭାଗରେ ବଣ୍ଟନ କରାଯାଇଥିବା ବେଳେ ସମୁଦାୟ ୪୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଜୁନିଅର ରଜପରୀ ଇଶାନୀ ସ୍ୱାଇଁ ଓ ସିନିଅର ରଜପରୀ ଶୁଶ୍ରୀ ଶ୍ରୀୟା ଜେନା ବିଚାରପତିମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ। ଡାବର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଗୌରାଙ୍ଗ ଚରଣ ସ୍ୱାଇଁ ଧନ୍ୟବାଦ ଅପ୍ରଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଅର୍ଥନୀତିରେ କୃଷକ ଏକମାତ୍ର ବ୍ୟକ୍ତି, ଯିଏ ପାଇକାରୀ ଦରରେ ବିକେ, ଖାଉଟି ଦରରେ କିଣେ ଏବଂ ଉଭୟ ପାଇଁ ଟିକସ ଦିଏ
-ଜେ ଏଫ୍ କେନେଡ଼ି

## କଫ୍ ସିରପ୍ କଟକଣା

ଏଣିକି ଡାକ୍ତରଙ୍କ ସୁପାରିସ ବା ପ୍ରେସ୍କ୍ରିପ୍ସନ୍ ନଥିଲେ ଔଷଧ ଦୋକାନୀମାନେ କଫ୍ ସିରପ୍ ବା କାଶ ଉପଶମକାରୀ ଔଷଧ ବିକ୍ରି କରିପାରିବେ ନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଔଷଧ ନିୟନ୍ତ୍ରକଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମାକୁ କଡ଼ା କରିବାକୁ ବିଜ୍ଞପ୍ତି ଜାରି ହୋଇଛି। ତେବେ ଏଭଳି ନିର୍ଦ୍ଦେଶନାମା ବା କଟକଣା ନୂଆ ନୁହେଁ। କଫ୍ ସିରପ୍‌ରେ ମାଦକ ଦ୍ରବ୍ୟର ପରିମାଣ ଅଧିକ ରହୁଥିବାରୁ ନିଶାଡ଼ିମାନେ ବିପୁଳ ପରିମାଣରେ କଫ୍ ସିରପ୍ କିଣୁଥିବା ଅଭିଯୋଗ ଦୀର୍ଘଦିନ ଧରି ହେବା ପରେ କେତେକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର କଫ୍ ସିରପ୍‌ର ଅବାଧ ବିକ୍ରି ଉପରେ କଟକଣା ଲାଗୁ ହୋଇଥିଲା। କିନ୍ତୁ ତାହା କିଛିଦିନ ପରେ ପୁଣି ଅନ୍ୟ ନାମରେ ବଜାରକୁ ଆସିଲା ଏବଂ ଯଥାରୀତି ନିଶାଡ଼ିଙ୍କ ହାତକୁ ଗଲା। ସେହିପରି କଫ୍ ସିରପ୍ ଖାଇ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଶିଶୁ ମୃତ୍ୟୁ ଘଟଣା ପରେ କଫ୍ ସିରପ୍‌ର ଅବାଧ ବିକ୍ରି ଓ ସୁପାରିସ ଉପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କଟକଣା ଜାରି କରିଥିଲେ। କେବଳ କଫ୍ ସିରପ୍ ନୁହେଁ, ଅତ୍ୟାବଶ୍ୟକୀୟ ଗୁଣବତ୍ତା ନଥିବା କାରଣରୁ କେତେକ ନାମୀଦାମୀ କମ୍ପାନୀର ଜୀବନରକ୍ଷାକାରୀ ଓ ଦୀର୍ଘକାଳୀନ ରୋଗର ଉପଶମ ପାଇଁ ବ୍ୟବହୃତ ଔଷଧକୁ ମଝିରେ ମଝିରେ ନିଷେଧ କରାଯାଉଛି। ସେଗୁଡ଼ିକ ମଧ୍ୟରେ ରହିଛି ଜ୍ୱର ଓ ଥଣ୍ଡା, କାଶ ଉପଶମ ପାଇଁ ବହୁଳ ବ୍ୟବହୃତ ଔଷଧ, ଆଣ୍ଟିବାଓଟିକ୍, ମଲ୍ଟି ଭିଟାମିନ୍, ଉଚ୍ଚ ରକ୍ତଚାପ, ଯନ୍ତ୍ରଣା ଉପଶମକାରୀ ଔଷଧ ଇତ୍ୟାଦି। କିନ୍ତୁ କିଛିଦିନ ପରେ ସେଗୁଡ଼ିକ ଭିନ୍ନ ନାମରେ ପୁଣି ବଜାର ପ୍ରବେଶ କରୁଛି। କୌଣସି ନିର୍ଦ୍ଦିଷ୍ଟ ଘଟଣା ଘଟିବା ପରେ ଜନଆକ୍ରୋଶକୁ ଚପାଇ ଦେବା ପାଇଁ ଏଭଳି କଟକଣା ବା ନିର୍ଦ୍ଦେଶନାମାମାନ ପ୍ରକାଶ ପାଏ ଏବଂ କିଛିଦିନ ପରେ ତାହା ପୁଣି ଢିଲା ହୋଇଯିବା ଭାରତରେ ଏକ ସାଧାରଣ ଓ ସ୍ୱାଭାବିକ ଘଟଣା। ତେଣୁ ଏଭଳି ତାଲିପକା ଉଦ୍ୟମ ବଦଳରେ ସମସ୍ୟାର ମୂଳୋତ୍ପାଟନ ପ୍ରତି ଅଧିକ ମନୋନିବେଶ କରିବାର ଆବଶ୍ୟକତା ରହିଛି।

ଔଷଧ ସହିତ କେବଳ ଜୀବନଯାତ୍ରା ନୁହେଁ, ଏହାସହିତ ସଭ୍ୟତା ମଧ୍ୟ ଜଡ଼ିତ। ବ୍ୟାଧିର ଦୂରୀକରଣ ଓ ନିରାକରଣ ଉଭୟ କ୍ଷେତ୍ରରେ ଔଷଧ ଅପରିହାର୍ଯ୍ୟ। ଏଭଳି ସ୍ଥିତିରେ ଔଷଧର ଗୁଣ ଓ ମାନ ସହିତ କୌଣସି ସାଲିସ୍ କରାଯାଇ ନପାରେ। ଏଥିପାଇଁ ସରକାର ନିୟାମକ ସଂସ୍ଥା ଗଠନ କରିଛନ୍ତି ଏବଂ ନିୟମିତ ଭାବେ ବଜାରକୁ ଆସୁଥିବା ଔଷଧର ଗୁଣବତ୍ତା ଯାଞ୍ଚ କରାଯିବାର ବ୍ୟବସ୍ଥା ରହିଛି। କିନ୍ତୁ ସବୁ ପ୍ରତିକାର ଓ ନିୟନ୍ତ୍ରଣ ବ୍ୟବସ୍ଥା ସତ୍ତ୍ୱେ କିଛି ଅସାଧୁ ବ୍ୟବସାୟୀ ଓ ଉତ୍ପାଦନକାରୀ ନକଲି ଔଷଧ କାରବାର ଭଳି ଅମାନବୀୟ କାର୍ଯ୍ୟକଳାପରେ ଜଡ଼ିତ ଅଛନ୍ତି। ନକଲି ଔଷଧ ବିକ୍ରି ହେଉଥିବା ଜଣାପଡ଼ିବା ପରେ ଚିରାଚରିତ ଢଙ୍ଗରେ ଘଟଣାର ତଦନ୍ତ ହେଉଛି। କିନ୍ତୁ ଏହାର ଯେପରି ପୁନରାବୃତ୍ତି ନ ହେବ ସେ ଦିଗରେ ଦୃଢ଼ ପଦକ୍ଷେପ ନିଆ ନ ଯାଉଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି।

ଆମ ଦେଶର ଔଷଧ ବଜାର ଆକାର ଦୃଷ୍ଟିରୁ ବିଶ୍ୱରେ ତୃତୀୟ। ଏହାର ମୋଟ କାରବାର ବାର୍ଷିକ ପ୍ରାୟ ୫୦୦୦ କୋଟି ଡଲାର। ଭାରତ ମଧ୍ୟ ବିଶ୍ୱର ସର୍ବାଧିକ ଜେନେରିକ୍(ମୌଳିକ ଔଷଧ) ଔଷଧ ପ୍ରସ୍ତୁତ କରେ, ଯାହା ଆନ୍ତର୍ଜାତିକ ଆବଶ୍ୟକତାର ୨୦ ଶତାଂଶ। କଠୋର ନିୟାମକ ଓ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟରେ ଆମ ଦେଶରେ ଔଷଧ ଓ ଟିକା ଉତ୍ପାଦିତ ହୋଇଥାଏ। ଗୁଣାତ୍ମକମାନ ଦୃଷ୍ଟିରୁ ଉତ୍କୃଷ୍ଟ ଓ ମୂଲ୍ୟ ଦୃଷ୍ଟିରୁ ସୁଲଭ ରହୁଥିବାରୁ ବିଦେଶରେ ଭାରତୀୟ ଔଷଧ ଓ ଟିକାର ଚାହିଦା ଅଧିକ। ଆନ୍ତର୍ଜାତିକ ଔଷଧ ଗୁଣାତ୍ମକମାନ ନିୟନ୍ତ୍ରଣ ସଂସ୍ଥା ଏବଂ ବିଭିନ୍ନ ଦେଶର ସମ୍ପୃକ୍ତ ସଂଗଠନଗୁଡ଼ିକ ଦ୍ୱାରା ଭାରତୀୟ ଔଷଧର ଗୁଣ, ମାନ ଓ ନିରାପତ୍ତା ଅନୁମୋଦିତ। ଭାରତରେ ୩୦୦୦ରୁ ଅଧିକ ଔଷଧ କମ୍ପାନୀ ଓ ୧୦ ହଜାରରୁ ଊର୍ଦ୍ଧ୍ୱ ଔଷଧ ନିର୍ମାଣକାରୀ ସଂସ୍ଥା କାର୍ଯ୍ୟରତ। କୋଭିଡ୍, ଏଡ୍ସ ଓ ବିଭିନ୍ନ ଭୂତାଣୁଜନିତ ରୋଗ ସଂକ୍ରମଣ ପ୍ରତିରୋଧକାରୀ ଔଷଧ ଏବଂ ଟିକା ଉତ୍ପାଦନରେ ଭାରତ ବିଶ୍ୱରେ ଏକନମ୍ବର ମାନ୍ୟତା ହାସଲ କରିଛି। ଭାରତରେ ଉତ୍ପାଦିତ ଜେନେରିକ୍ ଔଷଧର ୪୦% ଆମେରିକା ଓ ୨୫% ବ୍ରିଟେନ୍‌କୁ ରପ୍ତାନି ହୁଏ। କିନ୍ତୁ ଯେତେବେଳେ ନାମୀଦାମୀ ବ୍ରାଣ୍ଡର ଉତ୍ପାଦ ନିମ୍ନମାନର କିମ୍ବା ବିଷାକ୍ତ ବୋଲି ଜଣାପଡୁଛି ଓ ଘୋଷଣା ହେଉଛି ସେତେବେଳେ ଭାରତର ପ୍ରତିଷ୍ଠା ଓ ଭରସା ଉପରେ ଆଞ୍ଚ ଆସୁଛି। ଥରେ ଭରସା ତୁଟିଲେ ସୁଧାର ଆଣିବା ସହଜ ନୁହେଁ।

ଆମ ଦେଶର ଉତ୍ପାଦର ମାନ ଓ ବିଶ୍ୱସନୀୟତାକୁ ସୁନିଶ୍ଚିତ କରିବା ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ନିଶ୍ଚୟ। ହୋଇପାରେ ବିଶାଳ ଦେଶ ଭାରତରେ ବହୁଳ ଉତ୍ପାଦନକାରୀ ସଂସ୍ଥାଙ୍କର ସବୁ ଉତ୍ପାଦକୁ ଦୈନିକ ପରୀକ୍ଷା କରିବା ସମ୍ଭବ ନୁହେଁ। ଏହାଛଡ଼ା ବଡ଼ ବଡ଼ ବ୍ରାଣ୍ଡର ନାମକୁ ବ୍ୟବହାର କରି ଅସାଧୁ ବ୍ୟକ୍ତି ଯଦି ନକଲି ଔଷଧ ବେପାର କରିବେ ତାହାକୁ ସନ୍ଦେହ କରିବା କଷ୍ଟକର। ଏହାସତ୍ତ୍ୱେ ସବୁ ଉତ୍ପାଦ ସନ୍ଦେହର ଊର୍ଦ୍ଧ୍ୱରେ ଯେପରି ରହିବ, ସେଥିପାଇଁ ସରକାରଙ୍କୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଉତ୍ପାଦନକାରୀ କମ୍ପାନୀଙ୍କୁ ସେମାନଙ୍କ ଔଷଧର ଗୁଣବତ୍ତା ପାଇଁ ଉତ୍ତରଦାୟୀ କରିବାର ଯେଉଁ ନିୟମ ଅଛି ତାହାକୁ ଯୁଗୋପଯୋଗୀ କରି ଦଣ୍ଡବିଧାନକୁ ଆହୁରି କଠୋର ଓ ଦୃଷ୍ଟାନ୍ତମୂଳକ କରିବା ଆବଶ୍ୟକ।

ଏହା ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ ଯେ ବିଶାଳ ଉପମହାଦେଶ ଭାରତରେ ଭେଷଜ ନିୟନ୍ତ୍ରଣ ବ୍ୟବସ୍ଥା ସେତେଟା ଦକ୍ଷ ଓ କ୍ରିୟାଶୀଳ ନୁହେଁ। ବ୍ୟବସ୍ଥାଗତ କୌଶଳ ଏବଂ ପଦ୍ଧତି ମଧ୍ୟ ଅସ୍ୱଚ୍ଛ ଓ ଛିଦ୍ରଯୁକ୍ତ। ବିଭିନ୍ନ ରାଜ୍ୟ ପାଇଁ ପ୍ରାଦେଶିକ ଭେଷଜ ନିୟନ୍ତ୍ରକ ଥିବା ବେଳେ କେନ୍ଦ୍ରୀୟ ସ୍ତରରେ ଏକକ ନିୟାମକ ବ୍ୟବସ୍ଥା ଅଛି। ପ୍ରାଦେଶିକ ନିୟାମକ ବ୍ୟବସ୍ଥାରେ ଯେଉଁ ଔଷଧକୁ ଅନୁମତି ମିଳେ ସେଥିରେ କେନ୍ଦ୍ରୀୟ ନିୟାମକ ବ୍ୟବସ୍ଥାର କୌଣସି ଭୂମିକା ନଥାଏ। ପ୍ରତ୍ୟେକ ନିୟାମକ ବ୍ୟବସ୍ଥା ସ୍ୱାଧୀନ ଭାବେ କାମ କରୁଥିବାରୁ ମାନ ନିର୍ଦ୍ଧାରଣରେ ତ୍ରୁଟିବିଚ୍ୟୁତିର ଆଶଙ୍କା ଅଧିକ। ଏହି ବ୍ୟବସ୍ଥାର ସଂଶୋଧନ ନିହାତି ଆବଶ୍ୟକ। ଏ ଦିଗରେ ଦୀର୍ଘସ୍ଥାୟୀ ସୁଧାର ଆଣିବାରେ କେବଳ ଭେଷଜ ନିୟନ୍ତ୍ରକଙ୍କ ଉଦ୍ୟମ ଯଥେଷ୍ଟ ହେବ ନାହିଁ। ଆଇନକୁ କଠୋର କରିବା ପାଇଁ 'ନିୟନ୍ତ୍ରକ, ନିୟାମକ ଓ ବିଧେୟକ' - ଏଭଳି ତ୍ରିସ୍ତରୀୟ ସମ୍ମିଳିତ ପ୍ରୟାସ ଜରୁରୀ। ଗୋଟିଏ ନକଲି ଔଷଧ କମ୍ପାନୀ ହଜାର ହଜାର ଲୋକଙ୍କ ଜୀବନ ନେଇପାରେ। ଏହି ଦୃଷ୍ଟିରୁ ଔଷଧର ଗୁଣବତ୍ତା ସହିତ ସାଲିସ୍ କରାଯାଇ ନ ପାରେ। ଔଷଧ ଅପମିଶ୍ରଣ ଓ ଉତ୍ପାଦନରେ ଠକାମୀକୁ ଗୁରୁତର ଅପରାଧ ତାଲିକାଭୁକ୍ତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟସରକାରମାନେ ମିଳିତ ପ୍ରୟାସ କରିବାର ସମୟ ଉପନୀତ।

## ବିଶ୍ୱ ମଞ୍ଚରେ ଭାରତୀୟ ମୁଦ୍ରା

ମୋଜାଫର ଖାଁ

ଆଜିର ବଦଳୁଥିବା ବିଶ୍ୱ ଅର୍ଥନୀତିରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଦିଗରେ ରହିଛି। ଗୋଟିଏ ପଟେ ବିଶ୍ୱସ୍ତରୀୟ ଆର୍ଥିକ ଅସ୍ଥିରତା ଦେଶର ମୁଦ୍ରା ଓ ନିଯୁକ୍ତିକୁ ପ୍ରଭାବିତ କରୁଥିବା ବେଳେ ଅନ୍ୟପଟେ ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା କୃଷି କ୍ଷେତ୍ର ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଛି। ବିଶ୍ୱ ବଜାରରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର କ୍ରମାଗତ ଅବମୂଲ୍ୟାୟନ ଏବଂ ଦେଶରୁ ପୁଞ୍ଜି ବାହାରକୁ ଚାଲିଯିବା ଆମ ଅର୍ଥନୀତି ପାଇଁ ଏକ ଚିନ୍ତାର ବିଷୟ ସାଜିଛି। ଏହାର ମୂଳ କାରଣ ହେଉଛି ବିଶ୍ୱସ୍ତରୀୟ ଉଚ୍ଚ ସୁଧ ହାର ଏବଂ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ହ୍ରାସ। ବିଶ୍ୱସ୍ତରୀୟ ଭୂ-ରାଜନୈତିକ ତିକ୍ତତା ଓ ଆର୍ଥିକ ଅନିଶ୍ଚିତତା ଯୋଗୁଁ ଭାରତକୁ ଆସୁଥିବା ନୂତନ ଏଫ୍‌ଡିଆଇର ଗତି ଧିମେଇ ଯାଇଛି।

ଭାରତ ସରକାର ପ୍ରଥମେ ନାଗରିକମାନଙ୍କୁ ଶକ୍ତି ସଂରକ୍ଷଣ କରିବାକୁ ନିବେଦନ କରିଥିଲେ ଏବଂ ପରେ ଚେତାବନୀ ଦେଇଥିଲେ ଯେ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଆଣିପାରେ। ଔଷଧ ପ୍ରସ୍ତୁତି ପାଇଁ ଆବଶ୍ୟକ ରାସାୟନିକ ପଦାର୍ଥ ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଆମଦାନୀ ଖର୍ଚ୍ଚ ବଢ଼ିବା ଦ୍ୱାରା ସ୍ଥାନୀୟ ବଜାରରେ ମୋବାଇଲ, ଗାଡ଼ି ଓ ଜୀବନରକ୍ଷାକାରୀ ଔଷଧର ଦାମ ବୃଦ୍ଧିପାଉଛି। ଏହାସହିତ ବିଶ୍ୱରେ ଲାଗି ରହିଥିବା ଯୁଦ୍ଧ ପାଇଁ ତେଲ, ଗ୍ୟାସ ଓ ସାର ମୂଲ୍ୟ ଦେଢ଼ଗୁଣରୁ ଅଧିକ ବୃଦ୍ଧି ପାଇଛି, ଯାହା ଭାରତର ଶକ୍ତି ଓ ସାର ଆମଦାନୀ ଦେୟକୁ ପ୍ରାୟ ଦେଢ଼ ଗୁଣା ବୃଦ୍ଧି କରିଛି। ଶକ୍ତି ଓ ସାର ମୂଲ୍ୟରେ ଏହି ବୃଦ୍ଧି ମୁଦ୍ରାସ୍ଫୀତି ଓ ବଜେଟ୍ ବିଭ୍ରାଟର ଆଶଙ୍କା ସୃଷ୍ଟି କରୁଛି।

ଏହାଛଡ଼ା ଗତ ଦୁଇବର୍ଷ ଧରି ବିଦେଶୀ ନିବେଶକମାନେ ଭାରତରୁ ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି ଏବଂ ଆମେରିକାର ସୁଧ ହାରରେ ଆଶା କରାଯାଇଥିବା ବୃଦ୍ଧି ଏହି ଗତିକୁ ତ୍ୱରାନ୍ୱିତ କରୁଛି। ବୃଦ୍ଧି ପାଉଥିବା ଶକ୍ତି ଓ ସାର ଆମଦାନୀ ବିଲ୍ ଏବଂ ବିଦେଶୀ ପୁଞ୍ଜିର ପଳାୟନ ଟଙ୍କାକୁ ଦୁର୍ବଳ କରୁଛି, ଯାହାଫଳରେ ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଉଛି। ଦଶନ୍ଧି ଧରି ଡଲାର ତୁଳନାରେ ଟଙ୍କା ହ୍ରାସ ପାଇ ଆସୁଛି, ଯାହା ଗତ ଦଶନ୍ଧିରେ ଦ୍ରୁତ ଗତିରେ ହ୍ରାସ ପାଇଛି( ୬୬ ରୁ ୯୬ କୁ ହ୍ରାସ ପାଇଛି। ଏଥିମଧ୍ୟରୁ ୬.୧ ପ୍ରତିଶତ ହ୍ରାସ ଆମେରିକା-ଇସ୍ରାଏଲର ଇରାନ ଉପରେ ଆକ୍ରମଣ ପରଠାରୁ ଘଟିଛି। ଟଙ୍କା କେବଳ ଡଲାର ତୁଳନାରେ ନୁହେଁ, ବରଂ ଜାପାନୀ ୟେନ୍ ବ୍ୟତୀତ ପ୍ରାୟ ସମସ୍ତ ମୁଦ୍ରା ତୁଳନାରେ ମଧ୍ୟ ହ୍ରାସ ପାଇଛି। ଗତବର୍ଷ ମଧ୍ୟରେ ଏହା ପାକିସ୍ତାନୀ ଟଙ୍କା ଏବଂ ବାଂଲାଦେଶୀ ଟଙ୍କା ତୁଳନାରେ ୧୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି, ଯାହା ଭାରତ ସରକାରଙ୍କ ଅର୍ଥନୈତିକ ନୀତି ଉପରେ ପ୍ରଶ୍ନ ଉଠାଇଛି।

କୌଣସି ଦେଶର ମୁଦ୍ରାର ମୂଲ୍ୟ ଏହାର ଜିଡିପି ପ୍ରଚଳନରେ ଥିବା ମୁଦ୍ରାର ପରିମାଣ ଦ୍ୱାରା ନିର୍ଣ୍ଣୟ କରାଯାଏ ଏବଂ ମୁଦ୍ରାର ଚାହିଦା ଆଧାରରେ ଏହାର ବିନିମୟ ହାର ବୃଦ୍ଧି କିମ୍ବା ହ୍ରାସ ପାଏ। ଯେଉଁ ଦେଶର ରପ୍ତାନି ଆମଦାନୀ ଅପେକ୍ଷା ଅଧିକ ଏବଂ ଯେଉଁ ଦେଶର ମୁଦ୍ରାକୁ ଲୋକମାନେ ନିବେଶ ପାଇଁ ଉପଯୁକ୍ତ ଭାବରେ ଖୋଜନ୍ତି, ସେ ଦେଶର ମୁଦ୍ରାର ଚାହିଦା ସହିତ ବିନିମୟ ମୂଲ୍ୟ ବୃଦ୍ଧି ପାଏ। ଯଦି ବିପରୀତ ଘଟେ, ତେବେ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ପାଏ। ଭାରତରେ ଗତ କିଛିବର୍ଷ ଧରି ଏଫ୍‌ଡିଆଇ ହ୍ରାସ ପାଇବା ଫଳରେ ନୂତନ ଉଦ୍ୟୋଗ ଓ ଷ୍ଟାର୍ଟଅପ୍‌ଗୁଡ଼ିକରେ ପୁଞ୍ଜିର ଅଭାବ ଦେଖାଦେଉଛି। ବିଶେଷକରି ଆଇଟି, ମାନୁଫାକ୍‌ଚରିଂ ଓ ଫିନଟେକ୍ କ୍ଷେତ୍ରରେ ନୂତନ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେଉଛି ଏବଂ ସ୍ଥାନୀୟ ବଜାରରେ ଛଟେଇ ପରିସ୍ଥିତି ସୃଷ୍ଟି ହେଉଛି। ବିଦେଶୀ ନିବେଶକମାନେ ଏପରି ବଜାର ଆଡ଼କୁ ମୁହାଁଇଛନ୍ତି ଯେଉଁଠାରେ କୃତ୍ରିମ ବୁଦ୍ଧିମତା (ଏଆଇ), ପ୍ରଯୁକ୍ତିବିଦ୍ୟା ଓ ଡାଟା କ୍ଷେତ୍ରରେ ନୂତନ ଉଦ୍ଭାବନ ଘଟୁଛି। ଚାହିଦା ଯୋଗୁଁ ଏହି କମ୍ପାନୀଗୁଡ଼ିକର ମୂଲ୍ୟ ସପ୍ତାହ ମଧ୍ୟରେ ଦ୍ୱିଗୁଣିତ ହେଉଛି।

ଭାରତରେ ଚର୍ଚ୍ଚିତ ମ୍ୟୁଚୁଆଲ୍ ଫଣ୍ଡ ମାଧ୍ୟମରେ ନିବେଶ କରୁଥିବା ଭାରତୀୟ ନିବେଶକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିଦେଶୀ ନିବେଶକମାନେ ସେମାନଙ୍କର ନିବେଶକୁ ପ୍ରତ୍ୟାହାର କରି ନେଉଛନ୍ତି ଏବଂ ଏପରି କ୍ଷେତ୍ରରେ ନିବେଶ କରୁଛନ୍ତି ଯେଉଁଠାରେ ସେମାନେ ଏକ ମାସରେ ଲାଭ ପାଉଛନ୍ତି, ଯାହା ଏକ ବର୍ଷ ମଧ୍ୟରେ ଭାରତରେ ଉପଲବ୍ଧ ହେବା ମଧ୍ୟ ସମ୍ଭବ ନୁହେଁ। ଅନ୍ୟ ଏକ କାରଣ ହେଉଛି ଉପସାଗରୀୟ ଅଞ୍ଚଳରୁ ଉତ୍ପନ୍ନ ଶକ୍ତି ସଙ୍କଟ, ଯାହା ଭାରତର ବଜେଟରେ ବାଧା ସୃଷ୍ଟି କରିଛି। ବାଣିଜ୍ୟ ନିଅଣ୍ଟ ଓ ମୁଦ୍ରାସ୍ଫୀତି ବୃଦ୍ଧି କରୁଛି, ଟଙ୍କାର ମୂଲ୍ୟ ହ୍ରାସ ପାଇଛି। ଟଙ୍କାର ମୂଲ୍ୟ ବିଶ୍ୱରେ ହ୍ରାସ ପାଇବା ଦ୍ୱାରା ବିଦେଶୀ ନିବେଶକଙ୍କ ନିବେଶର ମୂଲ୍ୟକୁ ମଧ୍ୟ ହ୍ରାସ କରୁଛି। ସେଥିପାଇଁ ସେମାନେ ଭାରତରୁ ପଳାୟନ କରୁଛନ୍ତି। ଭାରତ ନିଜର ଅଶୋଧିତ ତୈଳ ଆବଶ୍ୟକତାର ପ୍ରାୟ ୮୦%ରୁ ଅଧିକ ଆମଦାନୀ କରିଥାଏ। ଟଙ୍କା ଦୁର୍ବଳ ହେବା ଦ୍ୱାରା ଅଶୋଧିତ ତୈଳ, ବୈଦ୍ୟୁତିକ ସରଞ୍ଜାମ ଓ ସାର ଆମଦାନୀ ମହଙ୍ଗା ହୋଇଯାଏ। ଏହା ସିଧାସଳଖ ପରିବହନ ଖର୍ଚ୍ଚ ବଢ଼ାଇଥାଏ, ଯାହାଦ୍ୱାରା ସାଧାରଣ ଖାଉଟି ବଜାରରେ ପନିପରିବାଠାରୁ ଆରମ୍ଭ କରି ପ୍ରତିଟି ଜିନିଷର ଦାମ ବଢ଼ିଯାଏ।

ଭାରତୀୟ ମୁଦ୍ରାର ମୂଲ୍ୟ କମ ହେବା ଦ୍ୱାରା ଭାରତୀୟ ରପ୍ତାନିକାରୀମାନେ ଲାଭବାନ ହେବେ। ସେମାନେ ବିଦେଶୀ ବଜାରରେ ତୀବ୍ର ପ୍ରତିଯୋଗିତା କରିପାରିବେ ଏବଂ ଅଧିକ ସାମଗ୍ରୀ ବିକ୍ରି କରିପାରିବେ, ଯାହାଦ୍ୱାରା ବିଦେଶୀ ମୁଦ୍ରାର ପ୍ରବାହ ବୃଦ୍ଧି ପାଇବ। ତଥାପି ଏହାର ଅନ୍ୟ ରାଜନୈତିକ ଭାବରେ ବିପଦପୂର୍ଣ୍ଣ ଦିଗ ହେଉଛି ଯେ ମୁଦ୍ରାର ମୂଲ୍ୟ ହ୍ରାସ ହେବା ଦ୍ୱାରା ଆମଦାନୀ, ମୁଖ୍ୟତଃ ତେଲ ଓ ସାରର ମୂଲ୍ୟ ବୃଦ୍ଧି ପାଇବ। ଏହା ସବୁକିଛିର ମୂଲ୍ୟ ବୃଦ୍ଧି କରିବ ଏବଂ ଅଭିବୃଦ୍ଧିକୁ ମନ୍ଥର କରିବ। ଯଦି ତୈଳ କମ୍ପାନୀଗୁଡ଼ିକ ଦ୍ୱାରା ହେଉଥିବା ୭୫୦ କୋଟି ଟଙ୍କାର ଦୈନିକ କ୍ଷତିକୁ ହ୍ରାସ କରିବା ପାଇଁ ପେଟ୍ରୋଲ, ଡିଜେଲ ଓ ଗ୍ୟାସର ମୂଲ୍ୟ ବୃଦ୍ଧି କରାଯାଏ, ତେବେ ଏହାଦ୍ୱାରା ମିଳୁଥିବା ଆଶ୍ୱସ୍ତି ଟଙ୍କା ମୂଲ୍ୟର ହ୍ରାସକୁ ପୂରଣ କରିବ। ପ୍ରକୃତରେ ରପ୍ତାନି ଓ ବିଦେଶୀ ନିବେଶ ବୃଦ୍ଧି କରି ଟଙ୍କାକୁ ସ୍ଥାୟୀ ଭାବରେ ପୁନରୁଦ୍ଧାର କରାଯାଇପାରିବ। କିନ୍ତୁ ଆର୍ଥିକ ଓ ପ୍ରଶାସନିକ ସଂସ୍କାର ବିନା ଏହା ସମ୍ଭବ ହେବ ନାହିଁ।

ଭାରତୀୟ ଅର୍ଥନୀତିକୁ ବୈଦେଶିକ ପ୍ରତିକୂଳ ପ୍ରଭାବରୁ ରକ୍ଷା କରିବାକୁ ହେଲେ 'ଭାରତୀୟ ମୁଦ୍ରାର ଆନ୍ତର୍ଜାତୀୟକରଣ' ଏକମାତ୍ର ଦୀର୍ଘସ୍ଥାୟୀ ସମାଧାନ। ବିଶ୍ୱ ବଜାରରେ ଟଙ୍କାର ଚାହିଦା ବଢ଼ାଇବା ପାଇଁ ଭାରତ ତା'ର ପ୍ରମୁଖ ବାଣିଜ୍ୟିକ ଅଂଶୀଦାର (ଯେପରିକି ୟୁଏଇ, ରୁଷିଆ ଓ କେତେକ ଦକ୍ଷିଣ-ଏସୀୟ ଦେଶ) ମାନଙ୍କ ସହିତ ଡଲାର ବଦଳରେ ସିଧାସଳଖ ଭାରତୀୟ ମୁଦ୍ରାରେ ବ୍ୟାପାର କରିବା ପାଇଁ ଚୁକ୍ତିନାମା ସ୍ୱାକ୍ଷର କରୁଛି। ଏହାକୁ ଆହୁରି ବ୍ୟାପକ କରିବାକୁ ହେବ। ଯଦି ଆମେ ରୁଷିଆରୁ ତେଲ କିମ୍ବା ଅନ୍ୟ ଦେଶରୁ ଗ୍ୟାସ କିଣିବା ବେଳେ ଭାରତୀୟ ଟଙ୍କାର ବ୍ୟବହାର କରିବା ତେବେ ଡଲାର ଉପରେ ଆମର ନିର୍ଭରଶୀଳତା କମିଯିବ। ଭାରତର ୟୁନିଫାଇଡ୍ ପେମେଣ୍ଟସ୍ ଇଣ୍ଟରଫେସ୍(ୟୁପିଆଇ) ଆଜି ବିଶ୍ୱର ସବୁଠାରୁ ସଫଳ ଡିଜିଟାଲ୍ ପେମେଣ୍ଟ ମଡେଲ୍। ସିଙ୍ଗାପୁର, ଫ୍ରାନ୍ସ, ମରିସସ ଏବଂ ଶ୍ରୀଲଙ୍କା ଭଳି ଦେଶରେ ୟୁପିଆଇକୁ ଗ୍ରହଣ କରାଯାଇଛି। ଏହି ନେଟୱର୍କକୁ ଅଧିକ ଦେଶକୁ ସମ୍ପ୍ରସାରିତ କଲେ ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ପ୍ରବାସୀ ଭାରତୀୟଙ୍କ ଦ୍ୱାରା ପଠାଯାଉଥିବା ଅର୍ଥ ସହଜରେ ଟଙ୍କା ମାଧ୍ୟମରେ କାରବାର ହୋଇପାରିବ, ଯାହା ମୁଦ୍ରାର ଚାହିଦା ବଢ଼ାଇବ। ଭାରତୀୟ ମୁଦ୍ରାର ଅବମୂଲ୍ୟାୟନକୁ ରୋକିବା ପାଇଁ ଆମକୁ ଘରୋଇ ଉତ୍ପାଦନ ଓ ରପ୍ତାନି ବଢ଼ାଇବାକୁ ହେବ। ଏହି ସମନ୍ୱିତ ପ୍ରୟାସ ହିଁ ଭାରତକୁ ଏକ ସୁଦୃଢ଼, ବ୍ୟାପକ ଓ ସାମଗ୍ରିକ ଅର୍ଥନୈତିକ ଭବିଷ୍ୟତ ଆଡ଼କୁ ଆଗେଇ ନେଇପାରିବ।

ତରିକୁଣ୍ଡ(ଜଗତସିଂହପୁର), ମୋ: ୬୩୭୦୦୦୧୫୭୦

## ଇଂଲଣ୍ଡରେ ବହିରାଗତ ସଙ୍କଟ

ଅମର ପଟ୍ଟନାୟକ

ନିକଟରେ ଆୟର୍ଲାଣ୍ଡ ସ୍ଥିତ ବେଲଫାଷ୍ଟର ଏକ ଘଟଣା ସେଠାକାର ପରିବେଶକୁ ଆସୁରିକ କରିଦେଇଛି। ଜନୈକ ସ୍ଥାନୀୟ ଭିନ୍ନକ୍ଷମ ଯୁବକଙ୍କୁ ଦିବାଲୋକରେ ସର୍ବସମ୍ମୁଖରେ ହତ୍ୟା ଉଦ୍ୟମ(ମୁଣ୍ଡକାଟ ପାଇଁ ଉଦ୍ୟମ) ଘଟଣା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ସ୍ଥାନୀୟ ଲୋକଙ୍କ ତ୍ୱରିତ ହସ୍ତକ୍ଷେପ ଯୋଗୁଁ ପୀଡ଼ିତ ବଞ୍ଚି ଯାଇଥିଲେ ମଧ୍ୟ ଛୁରୀ ମାଡ଼ରେ ତାଙ୍କର ଆଖିଦୁଇଟି ନଷ୍ଟ ହୋଇଯାଇଛି। ଆକ୍ରମଣକାରୀ ଆଫ୍ରିକୀୟ ରାଷ୍ଟ୍ର ସୁଦାନ ଜନ୍ମିତ ହାଦି ଆଲୋଦିଦ(ବହିରାଗତ) ହୋଇଥିବାରୁ ସ୍ଥାନୀୟ ଲୋକେ ଅଧିକ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଫଳସ୍ୱରୂପ ବେଲଫାଷ୍ଟରେ ବହିରାଗତଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇ ଦଙ୍ଗାର ରୂପ ନେଇଛି, ଯେଉଁଥିରେ ସେମାନଙ୍କ ବାସଗୃହ ଓ ସମ୍ପତ୍ତିର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ଘଟଣା ଆୟର୍ଲାଣ୍ଡର ସୀମା ସରହଦ ଡେଇଁ ସମଗ୍ର ବ୍ରିଟେନ୍‌କୁ ବ୍ୟାପିଛି। ବହିରାଗତଙ୍କୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷ ଧୀରେ ଧୀରେ ବ୍ରିଟେନ୍‌ବାସୀଙ୍କ ମଧ୍ୟରେ କୁହୁଳିବାରେ ଲାଗିଛି। ବିଭିନ୍ନ ସହରରେ ଏବେ ବହିରାଗତ-ବିରୋଧୀ ବିକ୍ଷୋଭମାନ ଦେଖିବାକୁ ମିଳୁଛି।

ଇଂଲଣ୍ଡ ବିଶ୍ୱରେ ଗଣତନ୍ତ୍ର ଓ ମାନବିକ ମୂଲ୍ୟବୋଧର ମାର୍ଗଦର୍ଶକ ରୂପେ ବିଦିତ। ବ୍ରିଟେନ୍‌ର ଶୃଙ୍ଖଳିତ ଓ ଉଦାର ବିଧିବ୍ୟବସ୍ଥା ମଧ୍ୟରେ ଅନେକ ଦେଶର ଗୁଣୀ, ଜ୍ଞାନୀ, ରାଜନୀତିଜ୍ଞ, ବୁଦ୍ଧିଜୀବୀ, ସାହିତ୍ୟିକ, ଏପରିକି ଯୁଦ୍ଧ ଓ ଗୃହଯୁଦ୍ଧ ପ୍ରପୀଡ଼ିତ ଅନେକ ଶରଣାର୍ଥୀ ଇଂଲଣ୍ଡକୁ ସେମାନଙ୍କର ନିରାପଦ




ଆଶ୍ରୟସ୍ଥଳ ଭାବେ ବାଛି ନେଇଛନ୍ତି ଏବଂ ବିଧିବଦ୍ଧ ପ୍ରବାସୀ(ଆସଲମ୍ ବା ରାଜନୈତିକ ଶରଣାର୍ଥୀ) ହେବାକୁ ପସନ୍ଦ କରିଛନ୍ତି। ଏକ ପରିସଂଖ୍ୟାନ ଅନୁଯାୟୀ ପ୍ରାୟ ୯୨ ଲକ୍ଷ ବିଦେଶୀ ବା ବହିରାଗତ ନିଜ ପରିବାର ସହିତ ଏବେ ଇଂଲଣ୍ଡରେ ସ୍ଥାୟୀ ଭାବେ ଦୀର୍ଘବର୍ଷ ଧରି ବସବାସ କରିଆସୁଛନ୍ତି। ସଂଖ୍ୟା ଦୃଷ୍ଟିରୁ ସେଠାକାର ସ୍ଥାୟୀ ବହିରାଗତଙ୍କ ମଧ୍ୟରେ ସବୁଠାରୁ ଆଗରେ ଅଛନ୍ତି ଆମ ଭାରତୀୟ ପ୍ରବାସୀମାନେ। ଇଂଲଣ୍ଡରେ ଏବେ ୮ ଲକ୍ଷ ୪୭ ହଜାର ପ୍ରବାସୀଙ୍କ ସହିତ ଭାରତ ତାଲିକାର ଶୀର୍ଷରେ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ପୋଲାଣ୍ଡର ୭ ଲକ୍ଷ ୪୬ ହଜାର ଏବଂ ୫ ଲକ୍ଷ ୪୬ ହଜାର ପ୍ରବାସୀ ସହିତ ପାକିସ୍ତାନ ତୃତୀୟ ସ୍ଥାନରେ ରହିଛି।

ଇଂଲଣ୍ଡରେ ସମ୍ପ୍ରତି ବୃଦ୍ଧି ପାଉଥିବା ବହିରାଗତ ବିରୋଧୀ ଆଭିମୁଖ୍ୟ ପାଇଁ ବିଭିନ୍ନ କାରଣ ଦାୟୀ। ଲଣ୍ଡନଠାରୁ ଆରମ୍ଭ କରି ବିଭିନ୍ନ ସହରରେ ବିଭିନ୍ନ ଆକ୍ରମଣ ଘଟଣାରୁ ଆରମ୍ଭ କରି ଜଘନ୍ୟ ଅପରାଧ ଓ ଆତଙ୍କବାଦୀ କାର୍ଯ୍ୟକଳାପରେ ମୁଖ୍ୟତଃ ଆରବ ଓ ଆଫ୍ରିକୀୟ ଦେଶର ପ୍ରବାସୀମାନେ ସଂପୃକ୍ତ ରହିବା ଘଟଣା ବ୍ରିଟିଶ ନାଗରିକମାନଙ୍କୁ କ୍ଷୁବ୍ଧ କରୁଛି। ବିଶେଷକରି ଧର୍ମାନ୍ଧ ଇସ୍ଲାମିକ ଉଗ୍ରବାଦ ଏବଂ ସେମାନଙ୍କ ପ୍ରଭାବରେ ଆସୁଥିବା ଯୁବକମାନେ ଅଧିକ ସଂଖ୍ୟାରେ ଏଭଳି ଅପରାଧରେ ସଂପୃକ୍ତ ହେବା ଘଟଣା ଉଦାର ବ୍ରିଟିଶ ସମାଜର ଶୃଙ୍ଖଳା ଓ ସଂସ୍କୃତିକୁ ବିପନ୍ନ ଓ କ୍ଷୁବ୍ଧ କରୁଛି। ଲଣ୍ଡନ ବ୍ରିଜ୍ ଆକ୍ରମଣ ଘଟଣା ହେଉ କିମ୍ବା ବେଲଫାଷ୍ଟର ପୈଶାଚିକ କାଣ୍ଡ ବହିରାଗତଙ୍କ ପ୍ରତି ଥିବା ବ୍ରିଟିଶରମାନଙ୍କର ପାରମ୍ପରିକ ଧାରଣା ଓ ଉଦାର ମନୋଭାବରେ ପରିବର୍ତ୍ତନ ଆଣିବାକୁ ବାଧ କରିଛି। ବ୍ରିଟିଶ ଉଦାରବାଦୀମାନେ ମଧ୍ୟ ସେମାନଙ୍କ ସମାଜରେ ଥିବା ପାରମ୍ପରିକ ସୁରକ୍ଷା ଓ ଭ୍ରାତୃତ୍ୱ ମାନସିକତାର ପୁନର୍ବିଚାର କରୁଛନ୍ତି।

ଏହା ଅନସ୍ୱୀକାର୍ଯ୍ୟ ଯେ ଇଂଲଣ୍ଡର ଅର୍ଥନୀତିରେ ସେଠାରେ ସ୍ଥାୟୀ ବସବାସ କରୁଥିବା ବହିରାଗତମାନଙ୍କର ଅଶେଷ ଯୋଗଦାନ ରହିଛି। ବିଭିନ୍ନ ଦେଶର ପ୍ରବାସୀମାନେ ପ୍ରତିବର୍ଷ ଇଂଲଣ୍ଡର ଅର୍ଥନୀତିକୁ ଆୟକର, ଭାଟ୍ ଓ ବୀମା ଆଦି ଜରିଆରେ ୪୭ ବିଲିୟନ ପାଉଣ୍ଡର ଯୋଗଦାନ ଦେଇଥା'ନ୍ତି। ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ସେହି ପ୍ରବାସୀମାନଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବୃତ୍ତିଗତ ଦକ୍ଷ, ବୈଷୟିକ ଜ୍ଞାନସମ୍ପନ୍ନ ଏପରିକି ଚତୁର୍ଥସ୍ତରରେ ସ୍ୱାସ୍ଥ୍ୟ ପରିମଳ ଭଳି କ୍ଷେତ୍ରରେ କୁଶଳୀ ମାନବସମ୍ବଳ ରହିଛନ୍ତି। କିନ୍ତୁ ଇଂଲଣ୍ଡରେ ବୃଦ୍ଧି ପାଉଥିବା ବେକାରୀ ସମସ୍ୟା ଏବଂ ବିଭିନ୍ନ କ୍ଷେତ୍ରରେ ବହିରାଗତଙ୍କ ଉପସ୍ଥିତି ମଧ୍ୟ ସ୍ଥାନୀୟଲୋକଙ୍କ ପାଇଁ ଅସହଣୀୟ ହେବାରେ ଲାଗିଛି।

ଏ ସବୁର ଊର୍ଦ୍ଧ୍ୱରେ ଧର୍ମୀୟ ଆତଙ୍କବାଦର କୁତ୍ସିତ ଚିତ୍ର ଏବଂ କେତେକ ସ୍ଥାନରେ ବହିରାଗତ ଅପରାଧୀ ଗୋଷ୍ଠୀଙ୍କ ଆତଙ୍କରାଜର ମୁକାବିଲା ଖ୍ରୀଷ୍ଟ ଧର୍ମାବଲମ୍ବୀ ବ୍ରିଟେନ୍ ନାଗରିକଙ୍କ ପାଇଁ ଆହ୍ୱାନ ହୋଇଛି। ଅସାମାଜିକ ତତ୍ତ୍ୱଙ୍କ ପାଇଁ ଭଦ୍ରଲୋକ ଦଣ୍ଡ ପାଇବା ପରି କିଛି ଘଟଣା ବ୍ରିଟିଶବାସୀଙ୍କୁ ଅଧିକ କ୍ଷୁବ୍ଧ କରୁଛି। ଯୁକ୍ତରାଷ୍ଟ୍ର ଆମେରିକା, ସ୍ପେନ, ଅଷ୍ଟ୍ରେଲିଆ ଭଳି ଦେଶରେ ମଧ୍ୟ ଆଫ୍ରିକୀୟ ଓ ଆରବର ବହିରାଗତଙ୍କୁ ନେଇ ଧୀରେ ଧୀରେ ଅସନ୍ତୋଷ ଓ ସଙ୍କଟ ସୃଷ୍ଟି ହେଉଛି।

ଭୁବନେଶ୍ୱର, ମୋ: ୭୯୭୮୫୨୮୧୪୫

## ଶିଶୁ-ଆତ୍ମାର ଆନନ୍ଦ: ରାମକୃଷ୍ଣ ନନ୍ଦ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

୧୯୩୪ ମସିହା। ମହାତ୍ମା ଗାନ୍ଧୀ ପଦାର୍ପଣ କରିଥା'ନ୍ତି ଭଦ୍ରକ ମାଟିରେ। ସଭାସ୍ଥଳରେ ଗାନ୍ଧିଜୀଙ୍କ ଏକାଧିକ ପ୍ରିୟ ଭଜନ ପରିବେଷଣ ପରିବେଶକୁ ସ୍ୱତଃ କରିଦେଲା ପରିଶୁଦ୍ଧ। ଗାନ୍ଧୀଜୀଙ୍କ ଅନୁରୋଧ ଉଚ୍ଚାରିତ ହେଲା: ଏକ ଓଡ଼ିଆ ଭଜନ ଗାଇବାକୁ। ଜଣେ କଣ୍ଠଶିଳ୍ପୀ ସେଦିନ ଗାଇଲେ - 'ଆହେ ଦୟାମୟ ବିଶ୍ୱବିହାରୀ / ଘେନ ଦୟାବହି ମୋର ଗୁହାରୀ।' ସଙ୍ଗୀତ ଶୁଣୁ ଶୁଣୁ ଗାନ୍ଧିଜୀଙ୍କ ହୃଦୟ ବିଗଳିତ ହୋଇଗଲା ଆଉ ତାଙ୍କ ପରାମର୍ଶକ୍ରମେ ତାହା ସ୍ଥାନିତ ହେଲା ଆଶ୍ରମ ଭଜନମାଳାରେ। ମହାତ୍ମା ଗାନ୍ଧୀଙ୍କ ମୁଖମଣ୍ଡଳ ନିଷ୍ପାପ ଶିଶୁ-ସମ କି ସୁକୁମାର! ଯେଉଁ ପ୍ରାର୍ଥନା ତାଙ୍କୁ ଭାବ-ମୁଗ୍ଧ କରିଛି ତାହା ଓଡ଼ିଆ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଆଲୋଡ଼ିତ କରି ନ ଥା'ନ୍ତା କିପରି? କବିଙ୍କ ନାମ ରହିଗଲା ଅନ୍ତରାଳରେ। ଅଥଚ କବିତା ତାଙ୍କର ଧ୍ୱନିତ ହେଲା ଅଗଣିତ କୋମଳକଣ୍ଠରେ। 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି / ମୋତେ ଏତିକି ଶିଖାଅ ସାଇଁ ହେ, ମୋର ଧନ, ଜନ ଲୋଡ଼ା ନାହିଁ ହେ।' ଶେଷପଦ ପର୍ଯ୍ୟନ୍ତ ପ୍ରାର୍ଥନାଟି ପ୍ରତିଟି ପ୍ରାଣରେ କି ଗଭୀର ସତ୍ୟାନୁରାଗ ଭରି ନ ଦେଇଛି!

ଅନେକ ବର୍ଷ ତଳେ ସମ୍ବାଦପତ୍ରର ଏହା ଏକ ଚର୍ଚ୍ଚିତ ପ୍ରସଙ୍ଗ ଥିଲା ଯେ କବିତାଟିର ସ୍ରଷ୍ଟା କିଏ? କାଳକ୍ରମେ ବିସ୍ମୃତି ଗର୍ଭରେ ବିଲୀନ କବି ରାମକୃଷ୍ଣ ନନ୍ଦଙ୍କୁ ଓଡ଼ିଆ ଜାତି ପୁନରାବିଷ୍କାର କରି ସ୍ପନ୍ଦିତ ହୋଇ ଉଠିଲା ନବ-ଚେତନାରେ। ଓଡ଼ିଆ ଶିଶୁ ସାହିତ୍ୟ ପ୍ରତି ରାମକୃଷ୍ଣ ନନ୍ଦଙ୍କ ଅବଦାନ ଅତୁଳନୀୟ। 'ସଂସାର' ନାମକ ପତ୍ରିକା ପ୍ରକାଶ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ପୁସ୍ତକ ରଚନା କରି ଶିଶୁ ଅନ୍ତରରେ ସେ ଭରି ଦେଇଛନ୍ତି ଅସୀମ ଦେଶାତ୍ମବୋଧର ଉଚ୍ଛ୍ୱାସ, ପ୍ରକୃତି ଓ ପ୍ରାଣିଜଗତ ପ୍ରତି କର୍ତ୍ତବ୍ୟବୋଧ, ଐତିହ୍ୟ ଓ ପରମ୍ପରା ପ୍ରତି ସମ୍ମାନ, ସର୍ବୋପରି ମାନବିକ ମହତ ଗୁଣାବଳୀର ବିକାଶ ସକାଶେ ପ୍ରେରଣାର ପବିତ୍ର କିରଣ। ତାଙ୍କ ରଚିତ ଯେକୌଣସି ପୁସ୍ତକର ନାମ ସ୍ମରଣ କରିବା ମାତ୍ରକେ ପରିମାର୍ଜିତ ହୋଇଯାଏ ଅନ୍ତଃସ୍ଥଳ। ତାଙ୍କ ଦ୍ୱାରା ରଚିତ ପୁସ୍ତକ ମଧ୍ୟରେ ରହିଛି: 'ଆମ ଜାତୀୟ ପକ୍ଷୀ', 'ଝୁମୁକା', 'ଆମ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତ', 'ଛଅଟି ଗଛ ବାଇଶ ଫୁଲ', 'ଛଅଟି ଗଛ ଚବିଶ ଫୁଲ', 'ସାଗର କନ୍ୟା', 'ଲେଖନୀର ପାଠଶାଳା' ଆଦି। 'ଜୀବନ ତରଙ୍ଗ' ତାଙ୍କ ଆତ୍ମଜୀବନୀ। 'ବିଚିତ୍ର-ବିଶ୍ୱ' ନାମକ ଜ୍ଞାନକୋଷ ସେ ପ୍ରଣୟନ କରିଥିବା ଏ ପ୍ରସଙ୍ଗରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଆମ ଦେଶର ମୟୂର ତାଙ୍କ ବହିରେ କଥା କହେ। ପିଲାଙ୍କ ସପନ ରାଇଜକୁ ଅନ୍ୟ ଦେଶର ମୟୂର ବି ଆସି ତାଙ୍କ ଜୀବନ କଥା କହିଥା'ନ୍ତି। କେତେ ମହାପୁରୁଷଙ୍କ ଜୀବନର ଘଟଣା ସହିତ ଯୋଡ଼ି ଦେଇଛନ୍ତି କୋମଳ ଦ୍ୟୁତିରେ ଉଦ୍ଭାସିତ ବିଦ୍ୟାର୍ଥୀମାନଙ୍କ ମନ। ବ୍ରିଟିଶ ପତାକା କାଢ଼ି ଦେଇ ସ୍ୱଦେଶର ପତାକା ଲଗାଇବା ପାଇଁ ଲାଲବାହାଦୂର ଶାସ୍ତ୍ରୀ କିପରି ନାରୀବେଶ ଧାରଣ କରିପାରନ୍ତି ବ୍ରିଟିଶ ପୁଲିସକୁ ଚକମା ଦେବା ପାଇଁ, ସେଇ ସଂଗୁପ୍ତ ଇତିହାସ ଉନ୍ମୋଚନ କରିଦେଇଛନ୍ତି।

ଅନେକେ ମନେ କରିଥା'ନ୍ତି ଯେ, ଶିଶୁମାନଙ୍କ ପାଇଁ ଗଳ୍ପ/କବିତା ଲେଖିବା ଖୁବ ସହଜ। ଅନେକେ ପୁଣି ଶିଶୁ ସାହିତ୍ୟ ସୃଷ୍ଟି ଦିଗରେ ଅନିଚ୍ଛା ପ୍ରକାଶ କରିଥା'ନ୍ତି। ଜଣେ ଲେଖକ ଚେତନାର କେତେ ଉଚ୍ଚସ୍ତରକୁ ଆରୋହଣ କରିଛନ୍ତି, ତାହା ବାସ୍ତବରେ ପ୍ରମାଣିତ ହୁଏ ତାଙ୍କ ଶିଶୁଲେଖା ଦ୍ୱାରା। ଅଥବା ଶିଶୁମାନଙ୍କ ପ୍ରତି ବାତ୍ସଲ୍ୟ ଭାବ ପ୍ରକାଶ କରିବା ମାଧ୍ୟମରେ ଆପଣା ହାର୍ଦ୍ଦିକତାର ପରିଚୟ ହିଁ ପ୍ରକଟିତ ହୋଇଯାଇପାରେ। ରାମକୃଷ୍ଣ ଥିଲେ ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର। ସତ୍ୟାଗ୍ରହ ପ୍ରତି ତାଙ୍କର ରହିଥିଲା ଆତ୍ମାର ଆକର୍ଷଣ। ଶିଶୁ ସାହିତ୍ୟ ସ୍ରଷ୍ଟାର ବ୍ୟକ୍ତିତ୍ୱର ପରିଚ୍ଛନ୍ନତା ହିଁ ସବୁଠାରୁ ଅଧିକ ପ୍ରଭାବଦୀପ୍ତ ବିଷୟ। ଶିଶୁଙ୍କୁ ସୁଯୋଗ୍ୟ କରି ଗଢ଼ିବାକୁ ହେଲେ ବୟସ୍କମାନେ ହିଁ ନିଜେ ପ୍ରଥମେ ଉପଯୁକ୍ତ ହେବା ଆବଶ୍ୟକ -ଏ ହି ବାର୍ତ୍ତା ରାମକୃଷ୍ଣ ନନ୍ଦଙ୍କ ବ୍ୟକ୍ତିତ୍ୱରେ ବ୍ୟଞ୍ଜିତ। ସମ୍ପ୍ରତି ମୋବାଇଲ ଫୋନ ବା କମ୍ପ୍ୟୁଟର ଦ୍ୱାରା ଶିଶୁ-ମାନସ ଆକ୍ରାନ୍ତ ବୋଲି କହିଦେଇ ନିଜର ନୈତିକ ଦାୟିତ୍ୱରୁ ମୁକ୍ତ ହୋଇଯିବା ଲେଖକ ବା ଅଭିଭାବକ ପାଇଁ ବାଞ୍ଛନୀୟ ହୋଇ ନ ପାରେ। ସେସବୁ ଯଦି ଶିଶୁକୁ ନଷ୍ଟ କରୁଛି, ତା'ର ସଦୁପଯୋଗ ସତର୍କତାର ସହ କରିବା ପାଇଁ ଓ ଲିଖିତ ଶିଶୁ ସାହିତ୍ୟ ପୁସ୍ତକ, ପତ୍ରପତ୍ରିକା ପାଠ ସହିତ ସେମାନଙ୍କୁ ସଂଯୁକ୍ତ କରି ଦେବା ପ୍ରୟାସ ବ୍ୟାହତ ହୋଇ ନ ଯାଉ। ତା' ଭିତରେ ଶୁଭବୁଦ୍ଧିର ବିକାଶ ପାଇଁ ଆମକୁ ସବୁ କଷ୍ଟବରଣ କରିବାକୁ ପଡ଼ିବ। ଶିଶୁ ଜୀବନ ସହିତ ସମ୍ବନ୍ଧିତ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କୁ ଏକଥା ପ୍ରମାଣ କରିବାକୁ ପଡ଼ିବ ଯେ, ସେମାନଙ୍କ ଚୁମ୍ବକୀୟ ମମତା ଆଗରେ ଅନ୍ୟ ସବୁ ଆଧୁନିକତାର ଆକର୍ଷଣ ହୋଇଯାଇପାରେ କିପରି ନିଷ୍ପ୍ରଭ। ରାମକୃଷ୍ଣ ନନ୍ଦ ଏ ଦୃଷ୍ଟିରୁ ଅପ୍ରତିହତ ପ୍ରେରଣା ହୋଇ ରହିଥିବେ ଆମ ପାଇଁ ନିଶ୍ଚୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମେସି ମ୍ୟାଜିକ...

ହୋଇଛନ୍ତି। ଉଭୟ ମେସି ଓ କ୍ଲୋଜ ଏବେ ୧୬ଟି ଲେଖାଏଁ ଗୋଲ୍ ଦେଇ ମିଳିତ ଭାବେ ତାଲିକାର ଶୀର୍ଷରେ ରହିଛନ୍ତି।

ଅନ୍ତର୍ଜାତୀୟ କ୍ୟାରିୟରରେ ତାଙ୍କ ଗୋଲ୍‌ସଂଖ୍ୟା ମଧ୍ୟ ୧୨୦ରେ ପହଞ୍ଚିଛି। ସେହିଭଳି ଚଳିତ ବିଶ୍ୱକପ୍ ମେସିଙ୍କ କ୍ୟାରିୟରର ୬ଷ୍ଠ ବିଶ୍ୱକପ୍ ହୋଇଛି। ଜାଜ୍ୱଲ୍ୟମୟ କ୍ୟାରିୟରରେ ସେ ୯ ଥର ସମ୍ମାନଜନକ 'ବାଲନ୍ ଡି ଅର୍' ଟ୍ରଫି ଜିତିଛନ୍ତି। ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଆହୁରି ଏକାଧିକ ମ୍ୟାଚ୍ ଖେଳିବାକୁ ବାକିଥିବାରୁ ମେସିଙ୍କ ନିକଟରେ ସର୍ବକାଳୀନ ସର୍ବାଧିକ ଗୋଲ୍ ସ୍କୋରର୍ ହେବାର ସୁଯୋଗ ରହିଛି।

### ବହିରେ ତ୍ରୁଟି...

ଅସ୍ମିତା ବାହୁନୁଥିବା ନେତାମାନେ ମହୋଦଧିରେ ଅସ୍ମିତାର ତିଳ ତର୍ପଣରେ ବି ନିରବ ରହିଲେ । ଏବେ ଏହାକୁ ନେଇ ଯାବତୀୟ ତୁମ୍ବୀତୋଫାନ ଚାଲିଥିବାବେଳେ ଓଡ଼ିଆ ଅସ୍ମିତାପ୍ରେମୀ ମନ୍ତ୍ରୀ, ଅଫିସର, ନେତାଙ୍କ ତୁଣ୍ଡରେ ଚାବି ପଡ଼ିଛି । ମାତ୍ର ବହି ଛପାରେ ଖର୍ଚ୍ଚ ହୋଇଥିବା ୩୮୦ କୋଟି ଟଙ୍କା କାହାଠାରୁ ଏବେ ଭରଣା ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି ।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହିରେ ଶହଶହ ତ୍ରୁଟି, କଦର୍ଥ ଶବ୍ଦ, ଗୁରୁତର ପ୍ରମାଦ ପାଇଁ କିଏ ଦାୟୀ ତାହାକୁ ଏବେ ଖୋଜା ପଡ଼ିଛି । ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବି କୁହାଯାଉଛି । ମାତ୍ର କାର୍ଯ୍ୟାନୁଷ୍ଠାନର ପରିଣାମ କ'ଣ ୩୮୦ କୋଟିରୁ ଊର୍ଦ୍ଧ୍ୱ ହେବ କି ବୋଲି ଅଭିଭାବକ ସଂଘ ପ୍ରଶ୍ନ କରିଛି । ବାମପନ୍ଥୀ ଛାତ୍ରସଂଘ ସରକାରଙ୍କୁ ଏହି ପ୍ରସଙ୍ଗରେ କାଠଗଡ଼ାକୁ ଟାଣିଛି । ଅଷ୍ଟମ ଶ୍ରେଣୀ ବହିରେ ୧୦୦ପୃଷ୍ଠାରେ ୭୦୦ରୁ ଊର୍ଦ୍ଧ୍ୱ ଭୁଲ । କିଏ ଏହାକୁ ପ୍ରସ୍ତୁତ କରିଥିଲା, କିଏ ଏହାର ପ୍ରୁଫ୍ ଦେଖିଥିଲା, କିଏ ଏହାକୁ ମୁଦ୍ରଣ ଅନୁମତି ଦେଇଥିଲା; ସେମାନଙ୍କୁ ଖୋଜା ଚାଲିଛି । ନିୟମଗିରି ଝାଡ଼ଖଣ୍ଡରେ ବୋଲି ଯେଉଁ ଭୂଗୋଳ ଶିକ୍ଷକ ଲେଖିଲେ, ତାଙ୍କୁ ଏତେବର୍ଷ ଧରି ସରକାର କିପରି ଦରମା ଦେଉଛନ୍ତି ବୋଲି ଅଭିଭାବକ ପ୍ରଶ୍ନ କରୁଛନ୍ତି । ତେଣୁ ଯେଉଁମାନେ ଏହା ଦାୟିତ୍ୱରେ ଥିଲେ; ସେମାନଙ୍କର ଦରମା ଓ ପେନସନରୁ ବହି ଛାପା ବ୍ୟୟ ଭରଣା କରାଯାଉ ବୋଲି ଦାବି ହୋଇଛି ।

### ୭ ଦିନରେ...

ପାଇଁ କେଉଁ ଅଧିକାରୀ ବା ସଂସ୍ଥା ଦାୟୀ ତାହା ନିର୍ଣ୍ଣୟ କରିବାକୁ ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତନ୍ନତନ୍ନ କରି ଯାଞ୍ଚ କରିବା ସହ ୭ ଦିନ ମଧ୍ୟରେ କମିଟି ରିପୋର୍ଟ ଦାଖଲ କରିବ। କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ ବା ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଦାୟିତ୍ୱହୀନ, ଖାମଖିଆଲି ...

ସମୟରେ ପାଠ୍ୟପୁସ୍ତକ ଯୋଗାଇ ପାରୁନଥିବା ବେଳେ, ମିଳିଥିବା ପାଠ୍ୟପୁସ୍ତକରେ ବି ଅନେକ ଭୁଲ ବାହାରିଛି। ଯାହା ପିଲାଙ୍କ ପାଠପଢ଼ା ଆଶାକୁ ଭାଙ୍ଗି ଦେଇଛି। ଶିକ୍ଷା ହେଉଛି ଜୀବନର ମେରୁଦଣ୍ଡ ଓ ସମୃଦ୍ଧିର ବାଟ ଫିଟାଇଥାଏ। ହେଲେ ବିଜେପି ସରକାରରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ତ୍ରୁଟିପୂର୍ଣ୍ଣ ଶିକ୍ଷାଦାନ କରି ବିଜେପି ସରକାର ପିଲାଙ୍କ କିପରି ଭବିଷ୍ୟତ ଗଢ଼ିବାକୁ ଚାହୁଁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ମହାପୁରୁଷଙ୍କ ନାମକୁ କଦର୍ଥ କରିବା, ଗଞ୍ଜାମ ବଦଳରେ ବ୍ରହ୍ମପୁରକୁ ଜିଲ୍ଲା ଭାବେ ଅଭିହିତ କରିବା, ଭୁଲ ବନାନ ଲେଖାଯିବା ଛୋଟିଆ କଥା ନୁହେଁ। 'ଓଡ଼ିଆ ଅସ୍ମିତା'ର ନାରା ଦେଇ ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଆ ଭାଷା ଓ ଲିପିକୁ ସର୍ବାଧିକ କଦର୍ଥ କରାଯାଇଛି। ଶୈଶବରୁ ପିଲାମାନଙ୍କ ଶିକ୍ଷା ସହ ବିଜେପି ସରକାର କରୁଥିବା ସାଲିସ୍ କଦାପି କ୍ଷମଣୀୟ ନୁହେଁ। ତୁରନ୍ତ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବା ସହ ପିଲାମାନଙ୍କ ଉତ୍ତମ ଶିକ୍ଷା ସୁନିଶ୍ଚିତ କରିବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

### ୧୦ ବର୍ଷରେ...

ବଦଳରେ ଦୈନନ୍ଦିନ ବ୍ୟୟ, ପ୍ରଶାସନିକ ଖର୍ଚ୍ଚ ଓ ଅନ୍ୟ କାର୍ଯ୍ୟକ୍ରମ ବ୍ୟୟ ମେଣ୍ଟାଇବା ପାଇଁ ଋଣ କରି ଚାଲିଛନ୍ତି। ୧୩ଟି ରାଜ୍ୟ ୧୫ତମ ଅର୍ଥ ଆୟୋଗଙ୍କ ନିର୍ଦ୍ଧାରିତ ସୀମା ୩୨.୮%କୁ ଅତିକ୍ରମ କରି ଅଧିକ ଋଣ କରିଛନ୍ତି। ରାଜ୍ୟଗୁଡ଼ିର ଆୟ ଏବଂ ବ୍ୟୟ ମଧ୍ୟରେ ତାଳମେଳ ରଖିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ଠାରୁ ନେଉଥିବା ସ୍ୱଳ୍ପକାଳୀନ ଅସ୍ଥାୟୀ ଋଣ ବା 'ୱେଜ୍ ଆଣ୍ଡ ମିନ୍ସ ଆଡଭାନ୍‌ସେସ୍'ର ପରିମାଣ ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇଛି। ୨୦୧୫-୧୬ରେ ରାଜ୍ୟଗୁଡ଼ିକ ମାତ୍ର ୭୪,୮୩୨ କୋଟି ଟଙ୍କାର 'ୱେଜ୍ ଆଣ୍ଡ ମିନ୍ସ ଆଡଭାନ୍‌ସେସ୍' ବ୍ୟବହାର କରୁଥିବାବେଳେ ୨୦୨୪-୨୫ରେ ଏହା ବୃଦ୍ଧି ପାଇ ୬.୮୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହି କ୍ରମାଗତ ଆର୍ଥିକ ଚାପକୁ ଦୃଷ୍ଟିରେ ରଖି ରାଜ୍ୟଗୁଡ଼ିକ ସେମାନଙ୍କର ବଜେଟ୍ ପରିଚାଳନାରେ ସଂସ୍କାର ଆଣିବା ସହ ଦୀର୍ଘକାଳୀନ ସ୍ଥିରତା ପାଇଁ ସତର୍କତାମୂଳକ ଋଣ ପରିଚାଳନା ନୀତି ଆପଣେଇବା ଜରୁରୀ ବୋଲି ସିଏଜି ପରାମର୍ଶ ଦେଇଛନ୍ତି।

### 'ସେନା' ଦୁଇଫାଳ...

ବିମାନର ବ୍ୟବସ୍ଥା କରାଯାଇଛି। ଶିବସେନା (ୟୁବିଟି)ର ୯ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ରୁ ୭ ଜଣ ସାଂସଦ ଦଳ ବଦଳ କରି ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହେବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏଥିପାଇଁ ପ୍ରତ୍ୟେକ ସାଂସଦଙ୍କୁ ୫୦ ରୁ ୬୦ କୋଟି ଟଙ୍କାର ପ୍ରଲୋଭନ ଦିଆଯାଇଛି ଏବଂ ସେମାନଙ୍କ ମଧ୍ୟରୁ କେତେକଙ୍କୁ ୧୫ କୋଟି ଟଙ୍କାର ଆଗୁଆ ଅର୍ଥ ମଧ୍ୟ ପ୍ରଦାନ କରାଯାଇଛି। ସେମାନଙ୍କୁ ଦିଲ୍ଲୀ ଆଣିବା ପାଇଁ ପୁଣେ, ନାଗପୁର ଏବଂ ନାନ୍ଦେଡରୁ ୩ଟି ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନର ବ୍ୟବସ୍ଥା କରାଯାଇଥିଲା ବୋଲି ରାଉତ ପ୍ରମାଣ ସହ ଦାବି କରିଛନ୍ତି। ଏହି ବିଦ୍ରୋହର ଆଶଙ୍କା ମଧ୍ୟରେ ଶିବସେନା (ୟୁବିଟି) ପକ୍ଷରୁ ନିଜର ସମସ୍ତ ସାଂସଦଙ୍କ ପାଇଁ ହ୍ୱିପ୍ ଜାରି କରାଯାଇଛି। ସଞ୍ଜୟ ରାଉତ, ଅରବିନ୍ଦ ସାୱନ୍ତ ଏବଂ ଅନିଲ ଦେଶାଇଙ୍କ ଭଳି ବରିଷ୍ଠ ନେତାମାନେ ତୁରନ୍ତ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ସାକ୍ଷାତ କରିଛନ୍ତି। ଯଦି କୌଣସି ସାଂସଦ ଦଳ ବିରୋଧୀ କାର୍ଯ୍ୟ କରନ୍ତି, ତେବେ ସେମାନଙ୍କ ବିରୋଧରେ ଦଳ ବଦଳ ବିରୋଧୀ ଆଇନ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଛି। ରାଉତ କହିଛନ୍ତି ଯେ ଯଦି କାହାର ଯିବାର ଅଛି, ସେମାନେ ପ୍ରଥମେ ସାଂସଦ ପଦରୁ ଇସ୍ତଫା ଦେଇ ଜନସାଧାରଣଙ୍କ ସାମ୍ନାକୁ ଯାଆନ୍ତୁ।

ଅନ୍ୟପକ୍ଷରେ ଖବର ମିଳିଛି ଯେ ଉଦ୍ଧବଙ୍କ ପାର୍ଟିର ୬ ଜଣ ସାଂସଦ ଆଜି ବାଚସ୍ପତି ବିର୍ଲାଙ୍କୁ ଭେଟି ସ୍ୱତନ୍ତ୍ର ଗୋଷ୍ଠିର ମାନ୍ୟତା ପାଇଁ ଦାବି କରିଛନ୍ତି। ସେମାନେ ଆସନ୍ତା ୧୯ ତାରିଖରେ ଏହି ଘୋଷଣା କରିବେ ବୋଲି ଜଣାପଡ଼ିଛି। ଆସନ୍ତା ଜୁନ୍ ୧୯ ତାରିଖରେ ବାଲ୍ ଠାକରେଙ୍କ ଦ୍ୱାରା ଗଠିତ ଶିବସେନାର ପ୍ରତିଷ୍ଠା ଦିବସ ପାଳନ ହେବାକୁ ଥିବାବେଳେ ଏହି ଦିନ ବିଦ୍ରୋହୀ ସାଂସଦ ଏନଡିଏକୁ ସମର୍ଥନ ଘୋଷଣା କରିବାକୁ ତାରିଖ ବାଛିଛନ୍ତି।

ସେହିଭଳି ଉତ୍ତର ପ୍ରଦେଶ ସରକାରଙ୍କ ମନ୍ତ୍ରୀ ଓମ ପ୍ରକାଶ ରାଜଭର ସମାଜବାଦୀ ପାର୍ଟି (ଏସ୍‌ପି) ଶୀଘ୍ର ଦୁଇ ଭାଗ ହେବାକୁ ଯାଉଛି ବୋଲି ଦାବି କରିବା ପରେ ହଟଚମଟ ସୃଷ୍ଟି ହୋଇଛି। ସମାଜବାଦୀ ପାର୍ଟିର ବରିଷ୍ଠ ନେତା ରାମଗୋପାଳ ଯାଦବ ଏବଂ ମୁଖ୍ୟ ଅଖିଳେଶ ଯାଦବ ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିବା ସହ ଏହା କେବଳ ଏକ ଗୁଜବ ବୋଲି କହିଛନ୍ତି। ମନ୍ତ୍ରୀ ଓପି ରାଜଭର ଦାବି କରିଛନ୍ତି ଯେ ସମାଜବାଦୀ ପାର୍ଟିରେ ଶତପ୍ରତିଶତ ବିଭାଜନ ହେବାକୁ ଯାଉଛି। ସେ କହିଛନ୍ତି ସପା ସାଂସଦ ରାମଗୋପାଳ ଯାଦବ ନିଜ ଦଳର ସଦସ୍ୟମାନଙ୍କ ଏକ ତାଲିକା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ହସ୍ତାନ୍ତର କରିଛନ୍ତି। ଖଣି ଏବଂ ଗୋମତୀ ରିଭର ଫ୍ରଣ୍ଟ ଦୁର୍ନୀତିର ତଦନ୍ତ ମାଧ୍ୟମରେ ଆଇନଗତ ଚାପ ବଢୁଥିବାରୁ ସମାଜବାଦୀ ପାର୍ଟି ଭୟଭୀତ ହୋଇପଡ଼ିଛି। ଏହି ଚିଠିରେ ନେତାମାନଙ୍କ ସୁରକ୍ଷା ବଦଳରେ ସେମାନେ ବିଜେପିରେ ସାମିଲ ହେବା ପାଇଁ ପ୍ରସ୍ତୁତ ଥିବା ସୂଚନା ରହିଛି। ତେବେ ରଣନୀତିକ କାରଣରୁ ସେ ଏହି ନେତାମାନଙ୍କ ନାମ ଏବେ ପ୍ରକାଶ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସମାଜବାଦୀ ପାର୍ଟିର ସାଂସଦ ରାମଗୋପାଳ ଯାଦବ ଏହି ଅଭିଯୋଗକୁ ହାସ୍ୟାସ୍ପଦ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଦେଶରେ କେହି ଓପି ରାଜଭରଙ୍କ କଥାକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ ଏବଂ ସେ ନିଜେ କ'ଣ କହୁଛନ୍ତି ତାହା ଜାଣନ୍ତି ନାହିଁ। 'ମୁଁ କୌଣସି ଚିଠି ଦେଇଛି କି ନାହିଁ, ତାହା ଗଣମାଧ୍ୟମ ସିଧାସଳଖ ଅମିତ ଶାହଙ୍କୁ ପଚାରିବା ଉଚିତ' ବୋଲି ସେ ପ୍ରତିକ୍ରିୟା ଦେଇଛନ୍ତି। ଅପରପକ୍ଷରେ ଅଖିଳେଶ ଯାଦବ ମଧ୍ୟ ଏହାକୁ କଟାକ୍ଷ କରି କହିଛନ୍ତି ଯେ ଯିଏ ଯାହାର ଅନ୍ନ ଖାଏ, ସିଏ ତାହାର ଭାଷା କହିବ। ଲୋକସଭାରେ ସମାଜବାଦୀ ପାର୍ଟିର ୩୭ ଜଣ ସଭ୍ୟ ଅଛନ୍ତି।

### ଅଟକିଛି ମୌସୁମୀ...

ଅଞ୍ଚଳରେ ମୌସୁମୀ ମେଘର ଦେଖା ନାହିଁ। ବର୍ଷା କରାଇବାକୁ ଥିବା ମେଘଖଣ୍ଡଗୁଡ଼ିକ କେବଳ ବଙ୍ଗୋପସାଗର, ଭାରତର ମହାସାଗରୀୟ ଅଞ୍ଚଳ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ମଧ୍ୟରେ ସୀମିତ ହୋଇ ରହିଛି। ଏହି ଅସମାନ ବଣ୍ଟନ ଯୋଗୁଁ ସାରା ଦେଶରେ ବର୍ଷାର ପରିମାଣ ଆଶାତୀତ ଭାବେ ହ୍ରାସ ପାଇଛି। ପାଣିପାଗ ବିଭାଗର ସାପ୍ତାହିକ ରିପୋର୍ଟ ଅନୁଯାୟୀ, ଜୁନ୍ ୪ ରୁ ଜୁନ୍ ୧୭ ମଧ୍ୟରେ ସାରା ଦେଶରେ ସ୍ୱାଭାବିକ ୬୫.୯ ମିଲିମିଟର ବଦଳରେ ମାତ୍ର ୩୯.୭ ମିଲିମିଟର ବର୍ଷା ହୋଇଛି। ପ୍ରମୁଖ କୃଷି ପ୍ରଧାନ ରାଜ୍ୟଗୁଡ଼ିକରେ ବର୍ଷାର ଅଭାବ ସ୍ଥିତିକୁ ଅଧିକ ଜଟିଳ କରିଛି। ଏହା ବ୍ୟତୀତ ଓଡ଼ିଶା, କର୍ଣ୍ଣାଟକ, ତେଲେଙ୍ଗାନା, ବିହାର ଏବଂ ଆସାମରେ ମଧ୍ୟ ସ୍ୱାଭାବିକଠାରୁ ଯଥେଷ୍ଟ କମ୍ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପାଣିପାଗ ବିଶେଷଜ୍ଞଙ୍କ ମତରେ, ବାୟୁମଣ୍ଡଳୀୟ ସ୍ଥିତିରେ ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ଏଭଳି ସମସ୍ୟା ଉପୁଜିଛି। ଆରବ ସାଗରରୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରଭାବ କମ୍ ରହିବା ସହ ବାୟୁମଣ୍ଡଳର ଉପରିଭାଗରେ ସୃଷ୍ଟି ହୋଇଥିବା ପବନ କେନ୍ଦ୍ରୀୟ ଓ ପଶ୍ଚିମ ଭାରତରେ ବର୍ଷା ଅନୁକୂଳ ପରିବେଶ ସୃଷ୍ଟି କରିବାରେ ବାଧା ଦେଉଛି। ଆରବ ସାଗରର ପଶ୍ଚିମ ପାର୍ଶ୍ୱରେ ଏକ ବାୟୁ ପ୍ରବାହ ସକ୍ରିୟ ଥିଲେ ମଧ୍ୟ ତାହା ସ୍ଥଳଭାଗ ଆଡ଼କୁ ଅଗ୍ରସର ହୋଇପାରୁନାହିଁ। ଜୁନ୍ ମାସଟି ଧାନ, ସୋୟାବିନ୍, କପା ଏବଂ ଡାଲି ଜାତୀୟ ଶସ୍ୟର ବୁଣାବୁଣି ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଚାଷ ଜମିରେ ଆଦ୍ରତାର ଅଭାବ ଦେଖାଦେଲାଣି। ଏହା ଚାଷ କାର୍ଯ୍ୟର ସମୟସୀମାକୁ ପଛକୁ ଠେଲିଦେବାର ଆଶଙ୍କା ରହିଛି। ତେବେ ପାଣିପାଗ ପୂର୍ବାନୁମାନ ମଡେଲ ଅନୁଯାୟୀ, ଜୁନ୍ ୨୧ ତାରିଖ ପରେ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ବୃଦ୍ଧି ପାଇବ, ଯାହା ମୌସୁମୀକୁ ପୁନର୍ବାର ସକ୍ରିୟ କରିବାରେ ସହାୟକ ହୋଇପାରେ। ବର୍ତ୍ତମାନର ମୌସୁମୀ ମାନ୍ଦାବସ୍ଥା ଦେଶର ଗ୍ରାମୀଣ ଅର୍ଥନୀତି ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନ ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଆଗାମୀ ଏକ ସପ୍ତାହ ମଧ୍ୟରେ ଯଦି ପର୍ଯ୍ୟାପ୍ତ ବର୍ଷା ନହୁଏ, ତେବେ କୃଷି ସଙ୍କଟ ଆହୁରି ଗଭୀର ହେବାର ସମ୍ଭାବନା ରହିଛି। ଅଫିସିଆଲ୍ ସଂସ୍ଥାଗୁଡ଼ିକ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି।

### ୩ ଜିଲ୍ଲାରେ...

ପିଲାମାନେ ୨୨ରେ ବିଦ୍ୟାଳୟକୁ ଯିବେ ବୋଲି ନିର୍ଦ୍ଦେଶ ରହିଛି। ସେହିପରି ନୂଆପଡ଼ାରେ ୨୦ ଯାଏଁ ସକାଳୁଆ ସ୍କୁଲ ଖୋଲିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସକାଳ ସାଢ଼େ ୬ଟାରୁ ସାଢ଼େ ୧୧ ପର୍ଯ୍ୟନ୍ତ ପାଠପଢ଼ା ହେବ। ଅନୁରୂପ ଭାବେ ବଲାଙ୍ଗିରରେ ମଧ୍ୟ ସକାଳୁଆ ସ୍କୁଲ ଘୋଷଣା କରାଯାଇଥିବାବେଳେ ସକାଳ ସାଢ଼େ ୬ ରୁ ସାଢ଼େ ୧୦ ଯାଏଁ ପାଠପଢ଼ା ହେବ। ସୂଚନାଯୋଗ୍ୟ, ଗ୍ରୀଷ୍ମପ୍ରବାହ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ ଖୋଲିବା ସମ୍ପର୍କିତ ନିଷ୍ପତ୍ତି ଜିଲ୍ଲାପାଳମାନେ ନେବେ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପୂର୍ବରୁ ସୂଚନା ଦେଇଥିଲେ।

### ଏସ୍‌ଆଇଟି ତଦନ୍ତ...

କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ ମହାନିର୍ଦ୍ଦେଶକ, କେନ୍ଦ୍ରାପଡା ଏସପି ଏବଂ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରିଛନ୍ତି ଆବେଦନକାରୀ। ତାଙ୍କ ଏଫ୍‌ଆଇଆର୍ ଭିତ୍ତିରେ ପୁଲିସ ମାତ୍ର ଜଣକୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ଅଛି, ଯାହା ପୁଲିସର ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ୨୧ ଯାଏଁ...

ଜିଲ୍ଲାଗୁଡ଼ିକରେ ପ୍ରବଳ ଗରମ ଜାରି ରହିବ। ଏହି ସମୟରେ ସାରା ରାଜ୍ୟରେ ବ୍ୟାପକ ବର୍ଷା ହେବ ନାହିଁ; କେବଳ କେତେକ ଜାଗାରେ ବିଜୁଳି-ଘଡ଼ଘଡ଼ି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ୨୨ରୁ୨୪ ଜୁନ୍ ମଧ୍ୟରେ ମୌସୁମୀ ଫେରିବାର ପ୍ରାରମ୍ଭିକ ସଙ୍କେତ ଦେଖାଯିବ। ଆକାଶରେ ମେଘର ପରିମାଣ ଧୀରେ ଧୀରେ ବଢ଼ିବ। ଏହା ସହିତ ଅଧିକାଂଶ ସ୍ଥାନରେ ବିଜୁଳି-ଘଡ଼ଘଡ଼ି ସହ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ୨୩ରୁ ୨୭ ଜୁନ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳରେ ଅଧିକ ବର୍ଷା ହେବାର ସମ୍ଭାବନା ଅଛି। ଉପକୂଳ, ଉତ୍ତର ଏବଂ କେନ୍ଦ୍ରୀୟ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏହି ବର୍ଷାର ପ୍ରଭାବ ଧୀରେ ଧୀରେ ପଶ୍ଚିମ ଓଡ଼ିଶା ଆଡ଼କୁ ମଧ୍ୟ ବଢ଼ିବ। ମୌସୁମୀ ବାୟୁ ଅନୁକୂଳ ହେବା ଫଳରେ ପଶ୍ଚିମ ଓଡ଼ିଶାର ତାପମାତ୍ରା କ୍ରମଶଃ କମିବ।

ଏହାବ୍ୟତୀତ ୨୮ରୁ ୩୦ ଜୁନ ଭିତରେ ଉତ୍ତର ବଙ୍ଗୋପସାଗରରେ ବାୟୁମଣ୍ଡଳୀୟ ଚାପରେ ପରିବର୍ତ୍ତନ ଘଟି ଏକ ଲଘୁଚାପ ବଳୟ ସୃଷ୍ଟି ହେବାର ସଙ୍କେତ ମିଳୁଛି। ଏହା କେତେ ଘନୀଭୂତ ହେବ ସେ ନେଇ ସମ୍ପୂର୍ଣ୍ଣ ସ୍ପଷ୍ଟତା ଆସିନାହିଁ, ତଥାପି ଜୁନ୍ ଶେଷ ସପ୍ତାହ ଆଡ଼କୁ ଓଡ଼ିଶାରେ ଚାଲିଥିବା ଦୁର୍ବଳ ମୌସୁମୀ ପାଗ ବଦଳି ଏକ ସକ୍ରିୟ ବର୍ଷା ପର୍ଯ୍ୟାୟ ଆରମ୍ଭ ହେବା ନେଇ ଆଶା ରହିଛି। ଏହି ପାଣିପାଗ ନିୟାମକର ଗତିପଥ, ସ୍ଥାନ ଏବଂ ତୀବ୍ରତା ବିଷୟରେ ୨୩ ଜୁନ୍ ସୁଦ୍ଧା ଅଧିକ ସ୍ପଷ୍ଟ ସୂଚନା ମିଳିଯିବ। ଯଦି ବର୍ତ୍ତମାନର ସଙ୍କେତ ସ୍ଥିର ରହେ, ତେବେ ମୌସୁମୀ ସକ୍ରିୟ ହେବା ଫଳରେ ଚାଲିଥିବା ଶୁଖିଲା ପାଗ ଓ ଗରମରୁ ବଡ଼ ଆଶ୍ୱସ୍ତି ମିଳିବ। ଏହି ବର୍ଷା ଓଡ଼ିଶା ସମେତ ପୂର୍ବ ଏବଂ ପୂର୍ବ-କେନ୍ଦ୍ରୀୟ ଭାରତର ପଡ଼ୋଶୀ ରାଜ୍ୟ ଯଥା ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ପୂର୍ବ ମଧ୍ୟପ୍ରଦେଶ ଏବଂ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶକୁ ମଧ୍ୟ ବ୍ୟାପିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।


## ପୂର୍ବ ତଟ ରେଳପଥ

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/KUR/EP/2026-27/ E-procurement Tender Notice/06, ତା.12.06.2026 ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି ।

କ୍ରମ ସଂ. 01 : ଟେଣ୍ଡର ସଂ. 81265575, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 8 ଚ୍ୟାନେଲ୍ ଆର୍ଥ ଲିକେଜ୍ ଡିଟେକ୍ଟର ତଥା 12 ଚ୍ୟାନେଲ୍ ଆର୍ଥ ଲିକେଜ୍ ଡିଟେକ୍ଟରର ଯୋଗାଣ ଏବଂ ସଂସ୍ଥାପନ କାର୍ଯ୍ୟ । ପରିମାଣ : 4361 ଏବଂ 67 ସଂଖ୍ୟକ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 06.07.2026, 1500 ଘଣ୍ଟିକାରେ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-240/R/26-27

## CORRIGENDUM OF LOST

With reference to our lost published in the **"Sakala"** on dtd. 08.03.2026. The original sale deed date of sale deed document No.: 11081012915 of **Mrs. Manjulata Behera** should be read as dt. **28.05.2010** instead of dt. 28.02.2010. All other facts remain unchanged.

## OFFICE OF THE PRINCIPAL PANCHAYAT SAMITI COLLEGE, GAISILAT

At./Po./Ps.- Gaisilat, Dist.- Bargarh, Odisha – 768037
Mob: 9937145100, Email ID: prigaisilat@gmail.com

**NOTICE INVITING QUOTATION**

**Subject:** Supply and Installation of Computer System, UPS, and Printer.
Sealed quotations are invited for the Supply and Installation of Computer System, UPS, and Printer as detailed below:

| Sl. No. | Description | Required Qty. |
|---|---|---|
| 1 | **HP/LENOVO/DELL ALL IN ONE** – Intel i5 13th Gen, 8GB RAM, 512GB SSD, Windows 11, 24" Monitor, BT/Wi-Fi, with wireless Keyboard and Mouse | 5 |
| 2 | **UPS 650 VA** (BIS/ISO-9001:2015 Certificate) | 5 |
| 3 | **Multifunction Colour Printer** with Wi-Fi (A4, A3 and Legal) | 1 |

**Terms & Conditions**
The eligible firms may submit their quotation and relevant documents to: **The Principal, anchayat Samiti College, Gaisilat, Dist. Bargarh,** Email: prlgaisilat@gmail.com **by 25.06.2026** along with Valid GST Registration Certificate / UDYAM Registration Certificate / GeM Registration / PAN Card and Latest Income Tax Return Certificate. The authority reserves the right to cancel the quotation call without assigning any reason thereof.

Sd/- Principal
P.S. College, Gaisilat

## KORAPUT CENTRAL CO-OPERATIVE BANK LTD.

Head Office: N.K.T. Road, Jeypore – 764003, Dist: Koraput (Odisha)
Phone No.: (06854) 241159 / 232714, Email: ceo@koraputccb.com
Letter No. 1017 / P&S / 2026-27, Date: 16.06.2026

**QUOTATION CALL NOTICE**

Sealed quotations are invited from the Authorised firms / individual with supported valid GST & PAN are requested to submit their sealed quotations for supply of approximately 92 nos. of 12 V (100 AH) SMF-AMARON QUANTA Batteries through buy back system of (100 AH batteries), 6 nos. of 3KVA online UPS and 1 No. of NUMERIC 15 KVA online UPS for the Head office, ATMs & Branch Bank before the undersigned on or before Dt. **24.06.2026 by 5.00 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as **UPS & Batteries** on envelope.
The tender will be opened on **Dtd. 25.06.2026 at 4.00 P.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members. The details are as hereunder:

| Sl. No. | Particulars | Approximate Required in Nos. |
|---|---|---|
| 1 | 12 V 100 AH SMF-AMARON QUANTA Batteries | 92 |
| 2 | NUMERIC 3 KVA Online UPS | 6 |
| 3 | NUMERIC 15 KVA Online UPS | 1 |

**Buy Back of Batteries & UPS**

| Sl. No. | Particulars | Approximate in Nos. |
|---|---|---|
| 1 | 100 AH Batteries | 56 |
| 2 | NUMERIC 15 KVA Online UPS | 1 |

The above items should be quoted including GST, Transportation, Installation charges and supply at any branch bank of Koraput Central Cooperative Bank Ltd., Jeypore (within undivided Koraput District). The quotation received incomplete or after the scheduled date shall be rejected and will not be entertained by the Bank.
The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.
Taxes will be deducted as applicable at the time of payment of Bill amount.
For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: **9777519964**.

Secretary
K.C.C. Bank Ltd., Jeypore

## HDFC BANK ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃ. ଦଖଲ ନୋଟିସ୍

ଶାଖା: ପ୍ଲଟ୍ ନଂ.: ୯୮, ୩ୟ ମହଲା, କେଶରୀ ଟକିଜ୍ କମ୍ପ୍ଲେକ୍ସ, ଖାରବେଳ ନଗର, ଭୁବନେଶ୍ୱର - ୭୫୧୦୦୧,
ଫୋନ୍: ୦୬୭୪-୬୭୩୩୩୦୦, CIN L65920MH1994PLC080618, Website: www.hdfcbank.com

ନିମ୍ନ ସ୍ୱାକ୍ଷରକାରୀ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ (ମାନ୍ୟବର ଏନ୍‌ସିଏଲ୍‌ଟି-ମୁମ୍ବାଇର ଆଦେଶ ତା. ୧୭.୦୩.୨୦୨୩ରିଖ (ଏଚ୍‌ଡିଏଫ୍‌ସି)ର ଅନୁମୋଦିତ ମିଶ୍ରଣ ଯୋଜନା ଅନୁଯାୟୀ ପୂର୍ବରୁ ଏଚ୍‌ଡିଏଫ୍‌ସି ଲିଃ ସହିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃର ମିଶ୍ରଣ ହୋଇଛି)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍‌ଗୁଡିକ ଜାରି କରି ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଦେୟ ପରିଶୋଧ ତାରିଖ ପର୍ଯ୍ୟନ୍ତ ଅଥବା ଦେୟ ଆଦାୟ ସମାପ୍ତି ପର୍ଯ୍ୟନ୍ତ ନୋଟିସ୍ ଦର୍ଶିତ ପ୍ରକୁର୍ଯ୍ୟ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା ।

| ଋଣଗ୍ରହୀତା(ମାନ)ଙ୍କ ନାମ ଓ ଠିକଣା | ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ / ଦଖଲର ପ୍ରକାର | ସ୍ଥାବର ସମ୍ପତ୍ତି/ସୁରକ୍ଷିତ ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ |
|---|---|---|---|---|
| ଋଣଗ୍ରହୀତା: କ) ଶ୍ରୀ ଆଶିଷ ଦାଶ ଖ) ଶ୍ରୀମତୀ ପ୍ରଜ୍ଞା ଦାଶ | ୩୧.୦୬.୨୦୨୫ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ୬୫୧୭୬୪୯୫୪ ନିମନ୍ତେ ଟ. ୪୩,୯୯,୮୮୭/- (ତେୟାଳିଶି ଲକ୍ଷ ଅନେଶୋତ ହଜାର ଆଠ ଶହ ସତାଅଶି ଟଙ୍କା ମାତ୍ର), ଋଣ ଆକାଉଣ୍ଟ ନଂ.: ୬୫୧୮୪୯୦୦୬ ନିମନ୍ତେ ଟ.୧୬,୦୩,୩୨୮/-(ଷୋହଳ ଲକ୍ଷ ତିନି ହଜାର ତିନି ଶହ ଅଠେଇଶି ଟଙ୍କା ମାତ୍ର), ଋଣ ଆକାଉଣ୍ଟ ନଂ.: ୬୫୧୮୭୧୧୦୨ ନିମନ୍ତେ ଟ. ୬,୭୧,୯୩୬/- (ଛଅ ଲକ୍ଷ ଏକସ୍ତରୀ ହଜାର ନଅ ଶହ ଛତିଶି ଟଙ୍କା ମାତ୍ର), ଋଣ ଆକାଉଣ୍ଟ ନଂ.: ୬୫୮୦୬୨୭୨୬ ନିମନ୍ତେ ଟ. ୨୨,୭୭୮/- (ବାଇଶି ହଜାର ସାତ ଶହ ଅଠସ୍ତରୀ ଟଙ୍କା ମାତ୍ର), ଋଣ ଆକାଉଣ୍ଟ ନଂ.: ୬୬୯୧୫୩୫୭୫ ନିମନ୍ତେ ଟ. ୭,୨୮,୩୨୭/- (ସାତ ଲକ୍ଷ ଅଠେଇଶି ହଜାର ତିନି ଶହ ସତେଇଶି ଟଙ୍କା ମାତ୍ର) | ୦୪.୦୮.୨୦୨୫ | ୧୨.୦୬.୨୦୨୬ / ସାଙ୍କେତିକ | ଶ୍ରୀ ହରି କନ୍‌ଷ୍ଟ୍ରକସନ୍ ଦ୍ୱାରା ବିକଶିତ ହୋଇଥିବା "କମଳା ପ୍ଲାଜା" ନାମକ ବିଲ୍ଡିଂର ୧ମ ମହଲାରେ ଥିବା ଫ୍ଲାଟ୍ ଯାହାର ଫ୍ଲାଟ୍ ନଂ.: ୧୦୧, ସର୍ବମୋଟ ସୁପର ବିଲ୍ଟ ଅପ୍ ଏରିଆ: ୧୭୦୦ ବର୍ଗଫୁଟ ଏବଂ ଅବିଭକ୍ତ ଆନୁପାତିକ ଜମିର ଅଂଶ ୬୬୪ ବର୍ଗଫୁଟ ସହିତ ସେଠାରେ ଥିବା ବର୍ତ୍ତମାନ ଓ ଭବିଷ୍ୟତର ନିର୍ମାଣ ଯାହାର ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୧, |

ଚନ୍ଦ୍ରଶେଖରପୁର, ଥାନା ନଂ.: ୨୩, ଏସ୍‌ଆରଓ: ଖଣ୍ଡଗିରି, ଖାତା ନଂ.: ୬୧୧/୧୩୧୨, ପ୍ଲଟ୍ ନଂ.: ୪/୨୮୪୨, ଅନୁରୂପ ଜି ଏ ପ୍ଲଟ୍ ନଂ.: ୪୩, ଡ୍ରଇଂ ନଂ.: ବି/୧୩୨, ଅନୁରୂପ ପୂର୍ବ ଖାତା ନଂ.: ୬୧୯/୮୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୪୨, ଦକ୍ଷିଣ: ପ୍ଲଟ୍ ନଂ.: ୪୪, ପୂର୍ବ: ପ୍ଲଟ୍ ନଂ.: ୪୬ ଏବଂ ୪୭ର ଅଂଶ, ପଶ୍ଚିମ: ରାସ୍ତା

*ସହିତ ଋଣ ପରିଶୋଧ / କିମ୍ବା ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପରିବର୍ତ୍ତି ପ୍ରକୁର୍ଯ୍ୟ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି ।

ଯେହେତୁ ଉପରୋକ୍ତ ଋଣଗ୍ରହୀତାମାନେ/ଆଇନଗତ ଉତ୍ତରାଧିକାରୀ (ମାନେ/ଆଇନଗତ ପ୍ରତିନିଧି(ମାନେ) ସେମାନଙ୍କର ଦେୟ ପରିଶୋଧ କରିବାରେ ବିଫଳ ହେଲେ ସେହେତୁ ବିଶେଷ କରି ଉପର ବର୍ଣ୍ଣିତ ଋଣଗ୍ରହୀତାମାନେ/ଆଇନଗତ ଉତ୍ତରାଧିକାରୀ (ମାନେ/ଆଇନଗତ ପ୍ରତିନିଧି(ମାନେ) ଓ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ଏବଂ କଥିତ ରୁଲ୍‌ର ରୁଲ-୮ ଅନୁସାରେ କ୍ଷମତା ପ୍ରୟୋଗ କରି ଏଚ୍‌ଡିଏଫ୍‌ସିର କ୍ଷମତାପ୍ରାପ୍ତ ଅଧିକାରୀ ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତିଗୁଡିକୁ ଉପରେ ଦର୍ଶାଯାଇଥିବା ତାରିଖରେ ସାଙ୍କେତିକ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ (ମାନେ/ ଆଇନଗତ ପ୍ରତିନିଧି(ମାନେ) ଓ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ଉପରେ ଦର୍ଶାଯାଇଥିବା ରାଶି ପାଇଁ ଏଚ୍‌ଡିଏଫ୍‌ସି ନିକଟରେ ଉତ୍ତରଦାୟୀ ରହିବେ । ଋଣଗ୍ରହୀତାମାନ/ଆଇନଗତ ଉତ୍ତରାଧିକାରୀ (ମାନେ/ଆଇନଗତ ପ୍ରତିନିଧି(ମାନେ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିଗୁଡିକୁ ବନ୍ଧକମୁକ୍ତ କରନ୍ତୁ । ପ୍ରସ୍ତୁତ କରାଯାଇଥିବା ପଞ୍ଚନାମା ଏବଂ ତାଲିକା ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତାମାନେ/ଆଇନଗତ ଉତ୍ତରାଧିକାରୀ (ମାନେ/ଆଇନଗତ ପ୍ରତିନିଧି(ମାନେ) ଉକ୍ତ ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ କାର୍ଯ୍ୟଦିବସର ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିବା ପାଇଁ ଅନୁରୋଧ କରାଯାଉଛି ।

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୭.୦୬.୨୦୨୬ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ ତରଫରୁ, ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

Regd. Office: HDFC Bank House, Senapati Bapat Marg, Lower Parel (West), Mumbai - 400013

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION: KORAPUT

25001/425/2627

Through GEPNIC e-Procurement Notice
Bid Identification No: SERWKPT-ONLINE-03/2026-27
Phone (Office): (06852) 251263, Email: eerwkoraput@yahoo.com
Letter No.: 2044, Dated: 05.06.2026

| | | |
|---|---|---|
| 1 | Name of the Work | Special Repair of Road Works for the Year 2026-27 |
| 2 | Total Numbers of Works | 23 Nos |
| 3 | Approximate Estimate Cost | Rs. 8.47 Lakhs to Rs. 42.28 Lakhs (Approximately) |
| 4 | Class of Contractor | "B", "C" & "D" Class |
| 5 | Period of Completion | 2 Months |
| 6 | Detail Projects | As per Annexure attached |

Other Details as follows:-

| Procurement Officer | Bid Identification No | No. of Works | Availability of Tender Online Bidding | | Date & Time Opening of Tender |
|---|---|---|---|---|---|
| | | | From | To | |
| Superintending Engineer, R.W. Division, Koraput | SERWKPT-ONLINE-03/2026-27 | 23 (Twenty Three) Nos | 23.06.2026 at 11.00 A.M | 03.07.2026 up to 5.00 P.M | 04.07.2026 at 11.00 A.M |

Further details can be seen from the website: www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
**N.B.:** Any Addendum or Corrigendum will be available in the website only.

Executive Engineer
Rural Works Division, Koraput

OIPR-25001/25088/1/26-27/0003

## GOVERNMENT OF ODISHA OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR

10001/280/2627

NATIONAL COMPETITIVE BIDDING THROUGH e-PROCUREMENT
Invitation for REQUEST FOR PROPOSAL (RFP) Dt. 11.06.2026

| Sl. No. | Name of the Work | Bid ID No. | Bid Security (Rs.) | Cost of Bid Document (Rs.) | Time of Completion |
|---|---|---|---|---|---|
| 1 | CONSTRUCTION, TESTING & COMMISSIONING OF SEWERAGE SYSTEM, SEWAGE TREATMENT PLANT (STP) & EFFLUENT TREATMENT PLANT (ETP) FOR 09 DISTRICT HEAD QUARTER HOSPITALS, 02 SUB-DIVISIONAL HOSPITALS & 02 COMMUNITY HEALTH CENTRES IN 12 DISTRICTS OF ODISHA INCLUDING OPERATION & MAINTENANCE FOR A PERIOD OF FIVE YEARS | EICPH-01/2026-27 | 5,00,000.00 (For Each Package) | 10,000.00 (For Each Package) | 06 (Six Months) |

The complete RFP document can be viewed/downloaded from the e-procurement portal of the State Government: https://tendersodisha.gov.in From **18.06.2026 (11.00 Hrs. IST)** to **14.07.2026 (17.00 Hrs. IST)**. RFP must be submitted online. RFP through any other mode shall not be entertained.
**Name & Address of the Officer Inviting RFP**
**The Engineer-in-Chief (PH)**
**1st Floor, Unnati Bhawan, Satyanagar,**
**Bhubaneswar – 751007, Dist. Khordha, Odisha.**
**Phone No.: 0674-2575309**
**Email:** eicphodisha@gmail.com
Interested bidders may download the Request for Proposal Documents (the "RFP" document) from the above website to see further details for participation in the online bidding.
**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

OIPR-10001/10243/1/26-27/0001 ENGINEER-IN-CHIEF (PH)

## OFFICE OF THE MUNICIPAL COUNCIL, MALKANGIRI

13001/887/2627

Odisha, PIN – 764045, Ph: 06861-230244, E-mail: malkangiri@ulborissa.gov.in
Lt. No. 8218 / Mpl. / 2026, Date: 12/06/2026

**EXPRESSION OF INTEREST (EOI)**

**For Selection of Local Self-Help Group (SHG) for Operation and Maintenance of AAHAR Kitchen & Aahar Kendra at District Headquarter Hospital, Malkangiri**

Sealed proposals are invited from the local WSHGs for Operation and Maintenance of Aahar Kitchen & Aahar Centre at District Headquarter Hospital, Malkangiri.

The AAHAR Program aims to provide safe, hygienic, and subsidized meals to the public, especially targeting the poor and needy. The selected SHG will be responsible for day-to-day operations, food preparation, serving, cleanliness, and maintenance of the AAHAR Kendra as per prescribed guidelines. Maintenance of records and timely reporting to the authority. Ensuring quality service and customer satisfaction.

**Eligibility Criteria**
1. The WSHG must be a local group functioning within Malkangiri Municipality areas.
2. The local Self-Help Groups (WSHGs) must be registered under NULM / Mission Shakti / ORMAS / Government recognized SHG federations.
3. The SHG should have experience in community kitchen management, meal preparation, SHG-based livelihood activities, sanitation, housekeeping or other similar service-oriented activities. However, considering that no fresh EOI for operation of AAHAR Kendras has been invited during the last several years, lack of direct experience in operation of AAHAR Kendras shall not be a disqualification. Such SHGs may participate in the selection process, and suitable weightage/preference shall be given to SHGs possessing relevant experience.
4. The WSHG should not be blacklisted or involved in any litigation with any government agency.
5. The WSHG must adhere to Pancha Sutra for group management.

**Documents to be Submitted**
1. Application expressing interest.
2. SHG registration certificate.
3. Copy of Aadhaar card of all members.
4. Past experience details (if any) with supporting documents.
5. Bank account details.
6. Resolution copy for willingness to take up the work.
7. SHG should submit last 06 (Six) months resolution copy.
8. SHG should submit the last 06 (Six) month cash book copy.
9. SHG should submit last six-month transaction details copy.
10. SHG PAN Card.

**Submission Deadline**
Interested SHGs may submit their Expression of Interest with relevant documents in a sealed envelope to the office of the Executive Officer-cum-Secretary, District Aahar Society, Malkangiri Municipality on or before **25.06.2026 by 4.00 PM** during office hours through Speed Post / Registered Post only.

The same will be opened on **29.06.2026 at 10.00 AM** in the chamber of the undersigned with presence of WSHGs and their authorized agent, if present. The envelope should be superscribed: "EOI for AAHAR Kitchen & Aahar Kendra Operation – District Headquarter Hospital, Malkangiri". The WSHGs should submit the self-attested copy of valid registration certificate. This office shall not be held responsible for any delay in receipt of the EOI. The undersigned reserves the right to reject any or all applications without assigning any reason thereof.

For any further information, please contact the Executive Officer, Malkangiri Municipality office during working hours.

Executive Officer-cum-Secretary
District Aahar Society
Malkangiri Municipality

OIPR-13001/13125/1/26-27/0006

## AFFIDAVIT

By Virtue of an affidavit sworn before in the Court of Executive Magistrate, Basta,Balasore. I,Gitamani Jena,W/o- Laxman Jena of permanent Resident At/Po-Baharda, Ps- Basta, Dist-Balasore, Odisha- 756029. Declared by Affidavit Sl No: - 2538, Dtd-11/06/2026. That, I, Have changed my name from RITAMANI JENA to GITAMANI JENA . Hence forth, I shall be Known as **GITAMANI JENA** for all future purpose.

Gitamani Jena

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 962, dated 17.06.2026, I, KUNIMA GARADA, Daughter of - Samuel Nag permanent resident of - Gadabaguda, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from KUNIMA KUMARI GARADA to KUNIMA GARADA. Henceforth, I shall be known as **KUNIMA GARADA** for all purposes.

Sd/- Kunima Garada

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 959, dated 16.06.2026, I, LAXSARA MAJHI, Son of - Tularam Majhi permanent resident of Village- Dadhiaguda, PO - Binjili, PS -Kosagumuda, Dist - Nabarangpur, Odisha, Pin - 764085, declare that I have changed my name from LAKESWAR MAJHI to LAXSARA MAJHI. Henceforth, I shall be known as **LAXSARA MAJHI** for all purposes.

Sd/- Laxsara Majhi

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 960, dated 17.06.2026, I, MASTURAM JANI, Son of- Budu Jani permanent resident of Village - Paniachachupadar, PO - Kantagan, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from MASTU JANI to MASTURAM JANI. Henceforth, I shall be known as **MASTURAM JANI** for all purposes.

Sd/- Masturam Jani

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 953, dated 16.06.2026, I, RAMESH NAIK, Son of- Ganga Harijan, Permanent Resident of Village- Batakari, PO - Nuakote, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from RAMESH HARIJAN to RAMESH NAIK. Henceforth, I shall be known as **RAMESH NAIK** for all purposes.

Sd/- Ramesh Naik

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 964, dated 17-06-2026, I, SURU BEPARI, S/o - Bhiktoria Bepari, permanent resident of Village - Kamata, PO - Kamata, PS - Tentulikhunti, Dist - Nabarangpur, Odisha, Pin - 764049, declare that I have changed the name of my Daughter from FISHKILA BEPARI to PRISHKILA BEPARI. Henceforth, she shall be known as **PRISHKILA BEPARI** for all purposes.

Sd/- Suru Bepari

# ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନର ନିଃଶୁଳ୍କ ଗମନାଗମନ ବ୍ୟବସ୍ଥା

**ଭଦ୍ରକ,୧୭।୬(ସମିସ):** ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିଟ୍ ପ୍ରବେଶିକା ପରୀକ୍ଷା-୨୦୨୬ (୨)ରେ ଅଂଶଗ୍ରହଣ କରୁଥିବା ପରୀକ୍ଷାର୍ଥୀମାନଙ୍କୁ ନିଃଶୁଳ୍କ ଗମନାଗମନ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ମୋଟରଯାନ ନିରୀକ୍ଷକ ବାମଦେବ ସାହୁ, ଭଦ୍ରକ ବସ୍ ସିଣ୍ଡିକେଟ୍ ସଭାପତି ଶ୍ରୀନିବାସ ପତି, ସମ୍ପାଦକ ରାଜେନ୍ଦ୍ର ମହାପାତ୍ର, ଜିଲ୍ଲା ପରିଚାଳକ, ଓଏସ୍‌ଆରଟିସି ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଉପସ୍ଥିତ ଥିଲେ। ପରୀକ୍ଷାର୍ଥୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୨୦ ତାରିଖ ଅପରାହ୍ଣ ଏବଂ ୨୧ ତାରିଖ ସକାଳେ ଜିଲ୍ଲାର ୭ଟି ବ୍ଲକ୍ ମୁଖ୍ୟାଳୟରୁ ଭଦ୍ରକ ପର୍ଯ୍ୟନ୍ତ 'ଆମ ବସ୍' ଯୋଗେ ନିଃଶୁଳ୍କ ଯାତାୟାତ ସୁବିଧା ଯୋଗାଇଦେବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ୨୧ ତାରିଖ ସକାଳ ୮ଟାରୁ ବନ୍ତ ଛକଠାରୁ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ସଟଲ୍ ସେବା ପାଇଁ ମୋଟ୍ ୭ଟି 'ଆମ ବସ୍' ନିୟୋଜିତ କରାଯିବ। ଏଥିମଧ୍ୟରେ ଭଦ୍ରକ ଅଟୋନମସ୍ କଲେଜକୁ ୨ଟି, ସରକାରୀ ପଲିଟେକ୍ନିକ୍, ଭଦ୍ରକକୁ ୨ଟି, ଭଣ୍ଡାରିପୋଖରୀ ପଲିଟେକ୍ନିକ୍‌କୁ ୨ଟି ଏବଂ ଭଦ୍ରକ ମହିଳା ମହାବିଦ୍ୟାଳୟକୁ ୧ଟି ବସ୍ ଚଳାଚଳ କରିବ। ସମସ୍ତ ବ୍ୟବସ୍ଥାର ତଦାରଖ ଓ ସୁପରିଚାଳନା ପାଇଁ ମୋଟରଯାନ ନିରୀକ୍ଷକ ବାମଦେବ ସାହୁଙ୍କୁ ନୋଡାଲ ଅଫିସର ଭାବେ ମନୋନୀତ କରାଯାଇଛି। ପରୀକ୍ଷାର୍ଥୀମାନେ ଆବଶ୍ୟକ ପଡ଼ିଲେ ତାଙ୍କ ମୋବାଇଲ୍ ନମ୍ବର ୭୯୭୮୦୧୪୧୭୫ରେ ଯୋଗାଯୋଗ କରିପାରିବେ। ଏହାଛଡ଼ା ନିଟ୍ ପରୀକ୍ଷାର୍ଥୀମାନେ ନିଜର ଆଡ୍‌ମିଟ୍ କାର୍ଡ ପ୍ରଦର୍ଶନ କଲେ ବେସରକାରୀ ବସ୍‌ରେ ମଧ୍ୟ ନିଃଶୁଳ୍କ ଯାତ୍ରା କରିପାରିବେ ବୋଲି ଭଦ୍ରକ ବସ୍ ସିଣ୍ଡିକେଟ୍‌ର ସଭାପତି ଓ ସମ୍ପାଦକ ସୂଚନା ଦେଇଥିଲେ।

## ମେଧାବୀ ଛାତ୍ରୀଙ୍କୁ ଲାପ୍‌ଟପ୍ ପ୍ରଦାନ

**ଧର୍ମଶାଳା,୧୭।୬(ସମିସ):** ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ମଙ୍ଗରାଜପୁର ଗ୍ରାମର ଶତ୍ରୁଘ୍ନ ଖଟୁଆଙ୍କ ମେଧାବୀ ଝିଅ ରୁନୁ ଖଟୁଆଙ୍କ ଉଚ୍ଚଶିକ୍ଷା ନିମନ୍ତେ ବିଧାୟକ ହିମାଂଶୁ ଶେଖର ସାହୁ ଏକ ଲାପ୍‌ଟପ୍ ପ୍ରଦାନ କରିଛନ୍ତି। ଜାରକା କୁମାରୀସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ଆରୁହା ଜୋନର ବିଜେପି ସଭାପତି ଜିତେନ୍ଦ୍ର ରାଉତ ଓ ନେଉଳପୁର ଅଞ୍ଚଳର ଯୁବ



ସମାଜସେବୀ ସଞ୍ଜିବ ଜେନା ଓ ଅନ୍ୟମାନେ ସୁଶ୍ରୀ ରୁନୁ ଖଟୁଆଙ୍କୁ ଲାପ୍‌ଟପ୍ ପ୍ରଦାନ କରିଥିଲେ। ସେହିଭଳି ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ରୋଗରେ ପୀଡ଼ିତ ବ୍ୟକ୍ତି ବିଶେଷଙ୍କୁ ଆଜି ଟ୍ରଷ୍ଟ ପକ୍ଷରୁ ସେମାନଙ୍କ ମାଗଣା ଔଷଧ ଘରେ ଘରେ ପହଞ୍ଚାଇ ଦିଆଯାଇଛି।

## ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ରଜପର୍ବ ଓ କବିତା ପାଠୋତ୍ସବ




**ଧର୍ମଶାଳା,୧୭।୬(ସମିସ):** ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ପୀଠରେ ରଜ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାରସ୍ୱତ ସାଧକ ଯୋଗେନ୍ଦ୍ର ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରବଚକ ବିଭୁତି ଭୂଷଣ ପାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିବା ବେଳେ ହରିଶଙ୍କର କଲେଜ ଅଧ୍ୟକ୍ଷ ବଳଭଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ. ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଅତିଥି ପରିଚୟ ଓ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। କବି ସରୋଜିନୀ ପଣ୍ଡା ସଂଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପାଠ ଉତ୍ସବକୁ ସଂଗଠନ ସଂପାଦକ ଗଣେଶ୍ୱର ବେହେରା ଓ କଥାକାର ଅର୍ଜ୍ଜୁନ ପୃଷ୍ଟି ସଂଯୋଜନା କରିଥିଲେ। ଏଥିରେ ଶଶୀଭୂଷଣ ଦ୍ୱାରି, ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ଶୁଭକାନ୍ତ ନାୟକ, ଅଞ୍ଜନା ମହାରଣା, ପ୍ରତିମା ସାହୁ, କାଦମ୍ବିନୀ ମିଶ୍ର, ଦେବେନ୍ଦ୍ର ପଟ୍ଟନାୟକ, ଗଗନ ଦତ୍ତ, ସୁବାସ ସାହୁ, ବିଜୟ କୁମାର ଦେବତା, ଗୋବିନ୍ଦ ଚନ୍ଦ୍ର ସାହୁ, ଉତ୍ତମ ପ୍ରଧାନ ପ୍ରମୁଖ ରଜ ପର୍ବ ଉପରେ କବିତା ଆବୃତ୍ତି କରିଥିଲେ। କବି ପ୍ରଫୁଲ୍ଲ କୁମାର ସ୍ୱାଇଁ, ଆଦିକନ୍ଦ ସ୍ୱାଇଁ, ଅଧ୍ୟାପକ ବିଜୟ ନାୟକ, ଧ୍ରୁବଚରଣ ବିଶ୍ୱାଳ, ପ୍ରହ୍ଲାଦ ପଣ୍ଡା, ଗୋଲକ ଚନ୍ଦ୍ର ପଲେଇ, ନୃସିଂହ ଚରଣ ମିଶ୍ର, ସନାତନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଂଗଠନ ସଂପାଦକ ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ।

## 'ଅସହାୟର ବନ୍ଧୁ' ସଂଗଠନ ପକ୍ଷରୁ ସହାୟତା

**ଧର୍ମଶାଳା,୧୭।୬(ସମିସ):** ଧର୍ମଶାଳା ବ୍ଲକର କାଏମା ପଞ୍ଚାୟତ ଓ ଦେଓଦା ପଞ୍ଚାୟତରେ ଥିବା ଅସହାୟ ଲୋକମାନଙ୍କୁ ଅସହାୟର ବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ରଜ ପର୍ବ ଅବସରରେ ସହାୟତା ପ୍ରଦାନ କରାଯାଇଛି। ସଂଗଠନର ସମ୍ପାଦକ ଗଣେଶ୍ୱର ନାୟକଙ୍କ ନିର୍ଦ୍ଦେଶ କ୍ରମେ ସଦସ୍ୟମାନେ ଗରିବ ଓ ଅସହାୟ ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ନୂତନ ବସ୍ତ୍ର, ମିଠା, ଫଳ, ପିଠା ଏବଂ ଆର୍ôଥକ ସହାୟତା ପ୍ରଦାନ କରିଛନ୍ତି। ଏହି ସେବା କାର୍ଯ୍ୟରେ କାଦମ୍ବିନୀ ମିଶ୍ର, ସନ୍ତୋଷ କୁମାର ଦାସ, ଗଣେଶ୍ୱର ସାହୁ, ଶ୍ରୀନିବାସ ସାହୁ,ରମେଶ ତରାଇ, ଜିତେନ୍ଦ୍ର ପରିଡା, ପ୍ରକାଶ ସାହୁ, ପ୍ରମୋଦ ପୁହାଣ ପ୍ରମୁଖ ସଦସ୍ୟ ଓ ସଦସ୍ୟାମନେ ସାମିଲ ହୋଇଥିଲେ। ସଙ୍ଗଠନର ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

### ମଙ୍ଗଳପୁର-ଝାଟିଆ ସାହି ରାସ୍ତା ମରଣଯନ୍ତା

# କୋଟି କୋଟି ଟଙ୍କାର ରାସ୍ତାରେ ଖାଲଖମା ଭର୍ତ୍ତି

**ଅସୁରାଳି,୧୭।୬(ସମିସ):**



ଧାମନଗର ବ୍ଲକ୍ ଅନ୍ତର୍ଗତ ଝାଟିଆ ସାହିଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାଟି ଏବେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତାଟି ବର୍ତ୍ତମାନ ଖାଲଖମାରେ ପରିପୂର୍ଣ୍ଣ ହୋଇ ଶୋଚନୀୟ ଅବସ୍ଥା ଧାରଣ କରିଛି। ନିମ୍ନମାନର କାମ ଯୋଗୁଁ ସ୍ଥିତି ପୁଣି ପୂର୍ବପରି ସଂଘାତିକ ହୋଇପଡ଼ିଛି। ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ସଲାସୁତରା ଯୋଗୁଁ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେତୁର ଦୁଇ ମୁଣ୍ଡ ଦବିଯିବା ସହିତ ଯାତାୟାତ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି। ବିଶେଷ କରି ରେବ ନଦୀ ସେତୁର ଦୁଇ ପାର୍ଶ୍ୱ ପ୍ରାୟ ଦୁଇ ଫୁଟ୍ ପର୍ଯ୍ୟନ୍ତ ଦବି ଯାଇଥିବାବେଳେ ଏହାର ନିକଟବର୍ତ୍ତୀ ରାସ୍ତା ଓ କୋରୁଆ କେନାଲ ପାର୍ଶ୍ୱ ମଧ୍ୟ ଧସିଯାଇଛି। ଫଳରେ ଏହି ବ୍ୟସ୍ତବହୁଳ ରାସ୍ତାରେ ଯାତାୟାତ କରିବା ଏବେ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ଖାରଜି କୋରୁଆ ଓ କୋରୁଆ କେନାଲ ରାସ୍ତା ଦବିଯାଇ ବିପଦପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ଗୋବିନ୍ଦପୁର ବଜାର ଦାମ ଗାଳି ପାଖରେ ବଡ଼ ବଡ଼ ଗାତ ସୃଷ୍ଟି ହେବା ଫଳରେ ସାମାନ୍ୟ ଅସାବଧାନତା ଯୋଗୁଁ ଦୁର୍ଘଟଣା ଘଟୁଛି। ରାସ୍ତାର ଏଭଳି ଦୁରବସ୍ଥା ଯୋଗୁଁ ସ୍ଥାନୀୟ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଫଳରେ ଦୈନନ୍ଦିନ ଦୁର୍ଘଟଣା ଓ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି।

ରାସ୍ତା ସାରା ବଡ଼ ବଡ଼ ଗାତ ଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଅନେକ ଲୋକ ଆହତ ହେଉଛନ୍ତି। ବିଶେଷ କରି ରାତି ସମୟରେ ବାଇକ୍ ଚାଳକମାନେ ଗାତ ସ୍ପଷ୍ଟ ଦେଖି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରିକି ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେଉଥିବାରୁ ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ରାସ୍ତା ଫାଟି ପିଚୁ ଉଠିଯାଇଥିବାରୁ ଗାଡ଼ି ଚଳାଚଳ ସମୟରେ ପଥଚାରୀ, ଗାଡ଼ି ଚାଳକ ଏବଂ ରାସ୍ତାକଡ଼ରେ ଥିବା ବ୍ୟବସାୟୀ ପ୍ରତିଦିନ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଆଖପାଖ ଅଞ୍ଚଳ ପ୍ରଦୂଷିତ ହେବା ସହ ଲୋକମାନେ ଶ୍ୱାସକ୍ରିୟା ଜନିତ ରୋଗରେ ପୀଡ଼ିତ ହେଲେଣି। ଏ ସମ୍ପର୍କରେ ସ୍ଥାନୀୟ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗୃହ ବିଭାଗକୁ ଏହି ସମସ୍ୟା ବାବଦରେ ହସ୍ତାନ୍ତର କରାଯାଇଛି ବୋଲି କହିଛନ୍ତି। ତେବେ ପ୍ରଶାସନ କେବେ ଏଥିପ୍ରତି ଦୃଷ୍ଟି ଦେଉଛି ଏବଂ ଜନସାଧାରଣ ଏହି ସମସ୍ୟାରୁ ମୁକ୍ତି ପାଉଛନ୍ତି, ତାହା ଦେଖିବାକୁ ବାକି ରହିଲା।

## ଖରସ୍ରୋତା ରଜ ମହୋତ୍ସବ ଉଦ୍‌ଯାପିତ

**ସିଂହପୁର,୧୭।୬(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଲିଆ ଯଜ୍ଞ ପଡ଼ିଆରେ ଅନୁଷ୍ଠିତ ତ୍ରିଦିବସୀୟ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ଅପରାହ୍ନରେ ରମାକାନ୍ତ ନାୟକ, ଜିତେନ୍ଦ୍ର କୁମାର ବେହେରା, ନିରଞ୍ଜନ ପାତ୍ର, ଟିକିଲତା ବେହେରା ଓ ଖଗେଶ୍ୱର ସାହୁଙ୍କ ସଂଯୋଜନାରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ହୁଳହୁଳି, ମୁରୁଜ, ଶାଢ଼ି ପିନ୍ଧା ଦୌଡ଼, ମ୍ୟୁଜିକ୍ ଚେୟାର, ଶଙ୍ଖଫୁଙ୍କା ପ୍ରତିଯୋଗିତାରେ ଶତାଧିକ ଯୁବତୀ ଓ ବିବାହିତ ମହିଳା ଭାଗ ନେଇଥିଲେ। ସଭାପତି ଶଙ୍କର୍ଷଣ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେସାହି ଗ୍ରାମପଞ୍ଚାୟତର ସମିତିସଭ୍ୟ ସନ୍ତୋଷ କୁମାର ବେଉରିଆ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସରପଞ୍ଚ ଅକ୍ଷୟ କୁମାର




ବେହେରା, ବରେଣ୍ୟ ଅତିଥି ଭାବେ ସୁଚିତ୍ରା ଦାସ, ଭାରତ ଭୂଷଣ ମଲ୍ଲିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଫତେପୁର, ଟିଣା ଓ ବାଛୋଳ ଗ୍ରାମ ପଞ୍ଚାୟତର ଶହ ଶହ ଜନସାଧାରଣଙ୍କ ଉପସ୍ଥିତି ଥିଲେ। ବିଚାରକ ଭାବେ ପ୍ରଫୁଲ୍ଲ ମହାକୁଡ, ନୃସିଂହ ମଲ୍ଲିକ, ପ୍ରଶାନ୍ତ କୁମାର ନାୟକ, ଯଜାତି ଦାଶ, ଧିରେସ ସାହୁ, ସୁଶାନ୍ତ ଜେନା, ପ୍ରତାପ ମହାକୁଡ, ପ୍ରମୋଦ ସେଠୀ, ଟିକିଲି ସାହୁ, ପ୍ରମୋଦ ଦାସ ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଉପଦେଷ୍ଟା ପଦ୍ମାକର ଗୁର, କଳିଙ୍ଗ ମହାକୂଳ, ରାଜେଶ ଦାସ, ଅଜୟ ମଲ୍ଲିକ, ବୈଦ୍ୟନାଥ ଜେନା, ଶିଶିର କୁମାର ଦାସ, ମନୋଜ ସାହୁ, ନରୋତ୍ତମ ଜେନା, ଫକୀର ପଣ୍ଡା, ମହେନ୍ଦ୍ର ବାରିକ୍, ଦିବାକର ମହାକୁଡ, ପୁରୁଷୋତ୍ତମ କର, ରଜତ ମହାକୂଳ, ରାଜା କର ପ୍ରମୁଖ ସଞ୍ଚାଳନ କରିଥିଲେ। ନିହାର ରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନନ୍ଦ କିଶୋର ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ

**ଜେନାପୁର,୧୭।୬ (ସମିସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ବାଲିଯାତ୍ରା ପଡିଆସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତିପୀଠଠାରେ ଉତ୍କଳମଣି ସେବା ସଂଗଠନ ପକ୍ଷରୁ ୯୮ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସର୍ବ ପ୍ରଥମେ ସଂଗଠନର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଭ୍ୟଙ୍କ ଉପସ୍ଥିତିରେ ବିଶିଷ୍ଟ ସମାଜସେବୀ ସୁଦର୍ଶନ ପ୍ରଧାନ ଓ କ୍ଷେତ୍ରବାସୀ ରାଉତଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ପରେପରେ ଗୋପବନ୍ଧୁ ସ୍ମାରକୀ ପ୍ରତିମୂର୍ତ୍ତିରେ ଅଶ୍ୱିନୀ ପଟ୍ଟନାୟକଳ ସଭାପତି ଲୋକନାଥ ପୁରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ଉପଦେଷ୍ଟା ମଣ୍ଡଳୀର ପ୍ରମୋଦ କୁମାର ମଲ୍ଲିକ, ବିଷ୍ଣୁ ଚରଣ ଓଝା, ସୁଦର୍ଶନ ପ୍ରଧାନ, ରବିନାରାୟଣ ଦାସ, ପ୍ରତାପ ଚନ୍ଦ୍ର ଦାସ, ଅର୍ଜ୍ଜୁନ ଚରଣ ଦାସ, କ୍ଷେତ୍ରବାସୀ ରାଉତ, ଉପସଭାପତି ମାନସ କୁମାର ମହାନ୍ତି, ସମ୍ପାଦକ ମହେଶ୍ୱର ଖଟୁଆ, ସହସମ୍ପାଦକ ପ୍ରହଲ୍ଲାଦ ପାତ୍ର, କୋଷାଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ଯୁଗ୍ମ କୋଷାଧ୍ୟକ୍ଷ କୁନିଲ୍ ରାଉତ, ସଂଯୋଜକ ନିଷ୍କାନ୍ତ ଖଟୁଆ, ସଭ୍ୟ କ୍ଷିରୋଦ ଦଳାଇ, ଅଶୋକ କୁମାର ଦାସ, ଆଲୋକ ପୃଷ୍ଟି, ପ୍ରଦୀପ୍ତ ଭୋଇ ଏବଂ ଅଜୟ କବି ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## ରତନପୁର ରଜ ମହୋତ୍ସବ ଉଦ୍‌ଯାପିତ

**ଧର୍ମଶାଳା,୧୭।୬(ସମିସ):** ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ରତନପୁର ଗ୍ରାମରେ ତିନିଦିନ ବ୍ୟାପୀ ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବକୁ ସାମ୍ବାଦିକ ଇନ୍ଦ୍ରମଣି ନାୟକ ଉଦ୍ଘାଟନ କରିଥିବା ବେଳେ ଦ୍ୱିତୀୟ ସନ୍ଧ୍ୟାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରଜ ଉତ୍ସବର ଶେଷ ସନ୍ଧ୍ୟାରେ ବର୍ଷା କାରଣରୁ ଉଦ୍‌ଯାପନୀ ଉତ୍ସବକୁ ବାତିଲ କରାଯାଇଥିଲା। ଗ୍ରାମର ମୁରବି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଆଜି ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ କଟକ କମିସନରେଟ୍ ଡିଏସ୍‌ପି ପଦ୍ମିନୀ ବେହେରା, ମୁଖ୍ୟବକ୍ତା ଭାବେ କୁମାରୀ ପଞ୍ଚାୟତ ସିଆର୍‌ସି ନିବେଦିତା ଜେନା ଯୋଗ ଦେଇଥିଲେ। ଏହି ମହୋତ୍ସବ ଏପିଜେ ଅବଦୁଲ କଲାମ ସ୍କୁଲର ମ୍ୟାନେଜିଂ ଡାଇରେକ୍ଟର ମନୋଜ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଜିତେନ୍ଦ୍ର କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଅଷ୍ଟମ ବୟାଙ୍ଗଡିହ ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଯାପିତ



**ଅସୁରାଳି,୧୭।୬(ସମିସ):** ଆଞ୍ଚଳିକ ରଜ ମହୋତ୍ସବ କମିଟି ଆନୁକୂଲ୍ୟରେ ବୟାଙ୍ଗ ମେଳଣ ପଡ଼ିଆ କୋଠାରେ ଅନୁଷ୍ଠିତ ହେଉଥିବା ଦୁଇ ଦିନିଆ ରଜ ମହୋତ୍ସବ ବେଶ୍ ଆନନ୍ଦ ଉଲ୍ଲାସ ମଧ୍ୟରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କମିଟିର ସଭାପତି ଅଧ୍ୟାପକ ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ଏକ ବିଶେଷ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଏବଂ ମୁଖ୍ୟବକ୍ତା ଭାବେ ଜଣାଶୁଣା କବି ତଥା ସାହିତ୍ୟିକା ଡ. ସୋମା ଚାନ୍ଦ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିନ୍ଦଲ କମ୍ପାନୀର ବରିଷ୍ଠ ଅଧିକାରୀ ସଞ୍ଜୟ ମିଶ୍ର, ଆଲୋକ କାନୁନ୍‌ଗୋ, ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ ଏବଂ ବରିଷ୍ଠ ଉପଦେଷ୍ଟା ତଥା ସମାଜସେବୀ ସଦାଶିବ ପୋଥାଳ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଆମ ସଂସ୍କୃତିରେ ରଜ ପର୍ବର ମାହାତ୍ମ୍ୟ, ନାରୀ ସମ୍ମାନ ଓ ଗଣପର୍ବର ପାରମ୍ପରିକ ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉତ୍ସବର ପ୍ରାରମ୍ଭରେ କମିଟିର ସମ୍ପାଦକ ବିଷ୍ଣୁ ଚରଣ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗତ ୮ ବର୍ଷ ଧରି ଚାଲୁଥିବା ଏହି ଶିଶୁ ଅନୁଷ୍ଠାନକୁ ଆଗାମୀ ଦିନରେ ଆହୁରି ଆଗକୁ ନେବା ଏବଂ ଏହାର କେମିତି ସର୍ବାଙ୍ଗୀଣ ଉନ୍ନତି ହେବ, ସେଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ମହୋତ୍ସବରେ ବିଶ୍ୱଜିତ୍ ରାଉତ ଓ କରିନା ଦାଶଙ୍କ ଦ୍ୱାରା ଚିତ୍ତାକର୍ଷକ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ପୁଣ୍ୟପ୍ରିଶା ରାଉତ ଓ ଶୁଭଶ୍ରୀ ବେହେରା ସୁନ୍ଦର ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କମିଟି ପକ୍ଷରୁ ବରିଷ୍ଠ ଶିକ୍ଷକ ସଦାଶିବ ମହାପାତ୍ର, ଦୁର୍ଯ୍ୟୋଧନ ସାହୁ, ସାହିତ୍ୟିକ ପ୍ରଭାତ କୁମାର ଧଳ ଏବଂ ଅଞ୍ଚଳର ଆଦର୍ଶ କୃଷକଙ୍କୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଉପସ୍ଥିତ ରହି ଉତ୍ସବକୁ ସଫଳ କରିଥିଲେ।

### ଖଣ୍ଡିତର ସର୍ବଭାରତୀୟ କବାଡ଼ି ଉଦ୍‌ଯାପିତ

# ପୁରୁଷରେ ରୋହତକ, ମହିଳାରେ ରାଜନନ୍ଦଗାଓଁ ଚାମ୍ପିଅନ

**କୁଆଖିଆ,୧୭।୬(ସମିସ):**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଖଣ୍ଡିତରଠାରେ ଯାଜପୁର କବାଡ଼ି ଆସୋସିଏସନ ପକ୍ଷରୁ ଆୟୋଜିତ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଗତକାଲି ବିଳମ୍ବିତ ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ମହିଳା ବିଭାଗରେ ପଟ୍ଟନାୟକ ଏକାଡେମୀ ଭୁବନେଶ୍ୱର ଏବଂ ରାଜନନ୍ଦଗାଓଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇ ମାତ୍ର ୧ ପଏଣ୍ଟରେ ରାଜନନ୍ଦଗାଓଁ ଚାମ୍ପିଅନ ହୋଇଥିଲା। ସେହିପରି ପୁରୁଷ ବିଭାଗରେ ଜବଲପୁର ଏବଂ ରୋହତକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୯- ୨୨ ପଏଣ୍ଟରେ ଜବଲପୁରକୁ ପରାସ୍ତ କରି ରୋହତକ ଚାମ୍ପିଅନ ହୋଇଥିଲା। ଏହି ଅବସରରେ ପୁରୁଷ



ଚାମ୍ପିଅନ ବିଜେତା ରୋହତକ ଦଳଙ୍କୁ ୨ ଲକ୍ଷ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା ବେଳେ ମହିଳା ବିଭାଗ ରାଜନନ୍ଦଗାଓଁ ଦଳଙ୍କୁ ୫୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ପୁରୁଷ ବିଭାଗର ରନର୍ସ ଅଫ ଦଳ ଜବଲପୁରକୁ ୧ ଲକ୍ଷ ସହ ଟ୍ରଫି, ନାଗପୁରକୁ ୪୦ ହଜାର ତୃତୀୟ ପୁରସ୍କାର, ବିଳାସପୁରକୁ ୪୦ ହଜାର ନଗଦ ରାଶି ପ୍ରଦାନ କରାଯାଇଥିଲା। ମହିଳା ବିଭାଗରେ ରନର୍ସ ଅଫ ଦଳ ପଞ୍ଚାୟନ ଏକାଡେମୀକୁ ୩୦ ହଜାର, କିଟ ଭୁବନେଶ୍ୱରକୁ ତୃତୀୟ ପୁରସ୍କାର ୧୦ ହଜାର ପ୍ରଦାନ ବେଳେ ରାୟପୁର ଦଳଙ୍କୁ ସାନ୍ତ୍ୱନାମୂଳକ ୧୦ ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟବକ୍ତା ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ସଂଗୀତା ବେହେରା, ଯାଜପୁର କବାଡି ଆସୋସିଏସନର ସଭାପତି ପ୍ରଦୀପ କୁମାର ସେଠୀ, ଉପସଭାପତି ଅଭୟ କୁମାର ମହାନ୍ତି, ସାଂସଦ ପ୍ରତିନିଧି ଅରୁଣ କୁମାର ସାହୁ, ସମ୍ପାଦକ ସମରେନ୍ଦ୍ର ଦାଶ, ଉପଦେଷ୍ଟା ରବୀନ୍ଦ୍ର ପୃଷ୍ଟି ଯୋଗଦେଇ ବିଜେତା ଦଳଙ୍କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ଉପସଭାପତି ହେମନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆସୋସିଏସନ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## 'ବିକାଶର ଧାରା, ଓଡ଼ିଶା ସାରା' ଶୀର୍ଷକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର



**ଭଦ୍ରକ,୧୭।୬(ସମିସ):** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ମଙ୍ଗଳବାର "ବିକାଶର ଧାରା, ଓଡ଼ିଶା ସାରା' ଶୀର୍ଷକ ଏକ ଜିଲ୍ଲାସ୍ତରୀୟଆଲୋଚନାଚକ୍ରଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଗତ ଦୁଇ ବର୍ଷ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ ପ୍ରକଳ୍ପର ସଫଳତା ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ଲକ୍ଷପତି ଦିଦି, ପିଏମ୍ ସୂର୍ଯ୍ୟଘର, ଭିତ୍ତିଭୂମି ବିକାଶ ଓ ରୋଜଗାର ସୃଷ୍ଟି କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପିତ ହୋଇଥିଲା। ଡବଲ ଇଞ୍ଜିନ ସରକାରଙ୍କ ସମନ୍ୱିତ ପ୍ରୟାସ ଫଳରେ ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀଣ ବିକାଶ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ଲକ୍ଷପତି ଦିଦି ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।

## ଜଗତେଶ୍ୱର ମହାଦେବଙ୍କ ଲଗ୍ନଧରା; ୧୯ରେ ବିବାହ



ଦୋବଲ,୧୭।୬(ସମିସ): ଦୋବଲ ନିକଟସ୍ଥ ଆନନ୍ଦପୁର ପଞ୍ଚାୟତ ଅଧୀନ ବାଲିପାଟଣା ଗ୍ରାମର ବାବା ଜଗତେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ନିମନ୍ତେ ବୁଧବାର ଲଗ୍ନଧରା ଓ ଗୁଆ ମଙ୍ଗୁଳା କାର୍ଯ୍ୟ ସମ୍ପନ୍ନ ହୋଇଛି। ଆସନ୍ତା ୧୯ ତାରିଖ ଶୀତଳ ଷଷ୍ଠୀ ଅବସରରେ ବିବାହ ଉତ୍ସବ ଯଥା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ। ଚଳିତ ବର୍ଷ ବର ପିତା ଭାବେ ଉତେଇପୁର ଗ୍ରାମର ପଦ୍ମଲୋଚନ ପୃଷ୍ଟି ଓ କନ୍ୟା ପିତା ଭାବେ ମାନଲାପୁର ଗ୍ରାମର ଭାଗିରଥୀ ସାହୁ ବିବାହ କାର୍ଯ୍ୟ ତୁଲାଇବେ। ଲଗ୍ନଧରା ସରିଲା ପରେ କନ୍ୟା ଘରୁ ଲଗ୍ନ ଚିଟାଉ ବର ଘରକୁ ଯାଇଥିଲା। ପଣ୍ଡିତ ରବି ନାରାୟଣ ଦୀକ୍ଷିତ, ହରିଶଙ୍କର ଦୀକ୍ଷିତ, ବାବି ନନ୍ଦ ଲଗ୍ନଧରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଲଗ୍ନଧରା କାର୍ଯ୍ୟରେ ରାମ ଚନ୍ଦ୍ର ସାହୁ, ଗଙ୍ଗାଧର ପାତ୍ର, ପ୍ରମୋଦ ବେହେରା, ପ୍ରମୋଦ ଆନ୍ଦିଆ, ପ୍ରତାପ ଆନ୍ଦିଆ, ସୁବାସ ବେହେରା, ଧୀରେନ୍ଦ୍ର ଆନ୍ଦିଆ, ଯଶୋବନ୍ତ ସାହୁ, ଶରତ ଆନ୍ଦିଆ, ନିମାଇଁ ଚରଣ ସାହୁ, ଚନ୍ଦ୍ରମଣି ସାହୁ, ବାସୁଦେବ ସାହୁ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବର୍ ଓ କନ୍ୟା ପକ୍ଷଙ୍କ ୨ ପରିବାର ଉପସ୍ଥିତ ଥିଲେ।

## ବେଆଇନ ଇଟାଭାଟିରେ ଚଢ଼ଉ; ୩୨ ହଜାର ଜରିମାନା



ଦୋବଲ,୧୭।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତର ପାହାଡ଼ପୁର ଅଞ୍ଚଳରେ ଚାଲିଥିବା ବେଆଇନ ଇଟାଭାଟି ଉପରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି। ବୁଧବାର ଏହି ମିଳିତ ଚଢ଼ଉରେ ପ୍ରଶାସନିକ ଅଧିକାରୀମାନେ ଜେସିବି ସହାୟତାରେ ଉକ୍ତ ଅଞ୍ଚଳର ସୁଧାଂଶୁ ଶେଖର ଦାସ, ଜ୍ୟୋତିରଞ୍ଜନ ପୋଥାଳ, ରଞ୍ଜନ ପୃଷ୍ଟି କରିଥିବା ବେଆଇନ ଇଟାଭାଟିକୁ ଭାଙ୍ଗି ଦେବା ସହିତ ୩୨ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ପାହାଡ଼ପୁର ଅଞ୍ଚଳରେ ବିନା ଅନୁମତିରେ ଏହି ଇଟାଭାଟି ଚାଲୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହାକୁ ଭିତ୍ତିକରି ଭଦ୍ରକ ଖଣି ବିଭାଗ ଉପ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ଧାମନଗର ଅତିରିକ୍ତ ତହସିଲ୍‌ଦାର ପଲ୍ଲିଭାରତୀ ମହାଳିକ ଏବଂ ଆର୍‌ଆଇ ବୁଲ୍‌ବୁଲ୍ ସିଂ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଧାମନଗର ପୁଲିସ ସହଯୋଗରେ ଏହି ଚଢ଼ଉ କରାଯାଇଥିଲା। ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ସ୍ୱରୂପ ଜେସିବି ଲଗାଇ ଇଟାଭାଟିକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦିଆଯାଇଛି। ଏଥିସହିତ ବେଆଇନ କାର୍ଯ୍ୟ ପାଇଁ ସମ୍ପୃକ୍ତ ଇଟାଭାଟି ମାଲିକଙ୍କଠାରୁ ୩୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯିବା ସହ ଆଗାମୀ ଦିନରେ ଏଭଳି ବେଆଇନ କାର୍ଯ୍ୟ ଉପରେ ନଜର ରଖିବାକୁ ସାଧାରଣରେ ଦାବି ହେଉଛି।

### ଧୂଷୁରୀ-ପଙ୍ଗଟା ମୁଖ୍ୟ ରାସ୍ତାରେ ମଦ ଦୋକାନକୁ ବିରୋଧ

# ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ





ଭଦ୍ରକ/ଅସୁରାଳି,୧୭।୬(ସମିସ)

ଧାମନଗର ବ୍ଲକ୍ ଅଧୀନସ୍ଥ ଧୂଷୁରୀ-ପଙ୍ଗଟା ମୁଖ୍ୟ ରାସ୍ତା ପାର୍ଶ୍ୱରେ ସରକାରୀ ଦେଶୀ ଓ ବିଦେଶୀ ମଦ ଦୋକାନକୁ ପୁନର୍ବାର ସ୍ଥାପନ ନ କରିବା ଦାବିରେ ବୁଧବାର ଭଦ୍ରକ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ଧାମନଗର ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ ଓ ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଏହି ଦାବିପତ୍ର ଦେଇଥିଲେ। ସେହିପରି ଏହି ଜନବିରୋଧୀ ନିଷ୍ପତ୍ତି ବିରୋଧରେ "ଆଞ୍ଚଳିକ ଜନଜାଗରଣ ସୁରକ୍ଷା ମଞ୍ଚ' ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯିବା ସହ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଉକ୍ତ ରାସ୍ତା ଦେଇ ୫ଟି ପଞ୍ଚାୟତର ଲୋକ, ଛାତ୍ରଛାତ୍ରୀ ଯାତାୟାତ କରୁଥିବାବେଳେ ମଦ ଦୋକାନ ଯୋଗୁଁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ଏବଂ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ତେଣୁ ଜନସ୍ୱାର୍ଥ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ଉକ୍ତ ମଦ ଦୋକାନଗୁଡ଼ିକୁ ପୁନଃସ୍ଥାପନ ନ କରିବାକୁ ପ୍ରଶାସନଙ୍କ ନିକଟରେ ଦାବି କରାଯାଇଛି। ଯଥାଶୀଘ୍ର ଏହି ପ୍ରସ୍ତାବିତ ମଦ ଦୋକାନ ସ୍ଥାପନ ନିଷ୍ପତ୍ତିକୁ ବାତିଲ୍ କରା ନ ଗଲେ, ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ଜୋର୍‌ଦାର କରାଯିବ। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ସିପିଏମ୍ ନେତା ଚନ୍ଦ୍ରଶେଖର ନାୟକ, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ଶଙ୍କର ସ୍ୱାଇଁ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ନଦୀଗାଁ ସରପଞ୍ଚ ଝରଣା ମାଝୀ, ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ସାହାସପୁର ସରପଞ୍ଚ ସରସ୍ୱତୀ ସାହୁ, ବାମକୁରା ସରପଞ୍ଚ ନରେନ୍ଦ୍ର ନାରାୟଣ ନାୟକ, ଦେବେନ୍ଦ୍ରନାଥ ପଣ୍ଡା, ଅନନ୍ତ ନାୟକ, ବିଦ୍ୟାଧର ବିଶ୍ୱାଳ ଓ କାର୍ତ୍ତିକ ପାଣିଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନବେଳେ ଡ. ଗିରିଶ ନାୟକ, ସୁଧୀର ନାୟକ, ବାଦଲ ବିଶ୍ୱାଳ, ରଞ୍ଜନ ଭୂୟାଁ, ନିଶିକାନ୍ତ ନାୟକ, ମାନସ ନାୟକ, ଆନନ୍ଦ ନାୟକ, ପୃଥ୍ୱୀରାଜ ନାୟକ ପ୍ରମୁଖ ସାମିଲ୍ ଥିଲେ।

### ଶ୍ରୀଶ୍ରୀଲକ୍ଷ୍ମୀନାରାୟଣଜୀଉ ମନ୍ଦିରରେ ରଜ ମହୋତ୍ସବ ଉଦ୍‌ଘାଟିତ

## 'ରଜ ପର୍ବ କଳା ସଂସ୍କୃତି ଉଜ୍ଜୀବିତ କରେ'

ଭଦ୍ରକ,୧୭।୬(ସମିସ): ମଙ୍ଗଳବାର ଶେଷ ରଜଦିନ ଶ୍ରୀଶ୍ରୀଲକ୍ଷ୍ମୀନାରାୟଣଜୀଉ ମନ୍ଦିର କମିଟି ପକ୍ଷରୁ ୧୫୧ତମ ରଜ ମହୋତ୍ସବ ସ୍ଥାନୀୟ କଦମବେଡ଼ାସ୍ଥିତ ହରିହାଟ ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଯାଇଛି। ମନ୍ଦିର କମିଟି ଆବାହକ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱ ଓ ସମ୍ପାଦକ ଶୈଳେନ୍ଦ୍ର ବାରିକଙ୍କ ସଂଯୋଜନାରେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ଓଡ଼ିଆ ସଂସ୍କୃତିର ବାସ୍ନା ରଜରେ ମହକିଥାଏ ଓ ନାରୀମାନଙ୍କର ଚେତନାର ମହିମାକୁ ବର୍ଣ୍ଣିତ କରିଥାଏ ବୋଲି କହିଥିଲେ। ବିଧାୟକ ତାଙ୍କ ପାଣ୍ଠିରୁ ଆଲୋକୀକରଣ ଦେଇଥିବା ଓ ଆଗାମୀ ବର୍ଷ ରୋଷେଇଶାଳା



ଏବଂ କଲ୍ୟାଣ ମଣ୍ଡପ ପାଇଁ ଆର୍ଥିକ ଅନୁଦାନ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବରେଣ୍ୟ ଅତିଥି ଭାବେ ଇଂ. ଅଭୟ ସୂତାର ପ୍ରମୁଖ ଯୋଗଦେଇ ରଜ ନିଜ ଅଞ୍ଚଳର କଳା ସଂସ୍କୃତିକୁ ଉଜ୍ଜୀବିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ।

୧୮୭୫ ମସିହାରୁ ପାଳିତ ହୋଇ ଆସୁଥିବା ରଜ ମହୋତ୍ସବରେ ରଜ ସଂକ୍ରାନ୍ତି ଦିନ ପ୍ରଭୁ ଲକ୍ଷ୍ମୀନାରାୟଣ ମନ୍ଦିରରେ ଭୂତକେଳି ସହ ଭାଗବତ ପାଠ କରାଯାଇଥାଏ। ଶେଷ ରଜଦିନଠାରୁ ମହୋତ୍ସବ ଉଦ୍‌ଘାଟନ ହୋଇ ୫ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ଆର୍‌ଡିଏସ୍ ଗ୍ରୁପ୍‌ର ପିଲାମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ପ୍ରାକ୍ତନ କାଉନ୍‌ସିଲର ଚିଦାନନ୍ଦ ବାରିକ, କର୍ମକର୍ତ୍ତା ଅନନ୍ତ ବାରିକ, ବାବୁ ପୃଷ୍ଟି, ରାଜେନ୍ଦ୍ର ବାରିକ, ଭୀମ ମହାଲ, ବିଜୟ ବାରିକ, ଦୈତାରୀ ବେହେରା, ଅନନ୍ତ ନାୟକ, ବେଲୁ ନାୟକ, ବାଦଲ ବାରିକ ପ୍ରମୁଖ ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ● ବାବା ଆଖଣ୍ଡଳମଣିଙ୍କ ପୀଠ ଚଳଚଞ୍ଚଳ

## ଆଜି ବାବାମଣିଙ୍କ ମଙ୍ଗନ, କାଲି ବିବାହ




ଭଦ୍ରକ/ଆରଡ଼ି,୧୭।୬(ସମିସ): ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ତଥି ଅର୍ଥାତ୍ ଆସନ୍ତା ଶୁକ୍ରବାର ଦିନ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଅନୁଷ୍ଠିତ ହେବ ବିବାହ ଉତ୍ସବ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ସମଗ୍ର ପୀଠ। ବର ପିତା ଓ କନ୍ୟା ପିତାଙ୍କ ସହ ସମସ୍ତଙ୍କ ଘରେ ବନ୍ଧୁ ପରିଜନଙ୍କ ଭିଡ଼ ଜମିଲାଣି। ଦେବଦମ୍ପତିଙ୍କ ବିବାହ ବୈଦିକ ରୀତିନୀତି ଓ ଲୋକାଚାରରେ ହେଉଥିବାରୁ ଗୁରୁବାର ମଙ୍ଗଳକୃତ୍ୟ ଓ ହଳଦୀ ସ୍ନାନ ନୀତି ସମ୍ପନ୍ନ ହେବା ସହ ଶୁକ୍ରବାର ବିବାହ ବନ୍ଧନରେ ବାନ୍ଧି ହେବେ ଦେବଦମ୍ପତି। ମାନବୀୟ ଲୀଳା ଭାବେ ବାବାମଣିଙ୍କ ଚଳନ୍ତି ପ୍ରତିମା ହର, ମାତା ପାର୍ବତୀଙ୍କ ଚଳନ୍ତି ପ୍ରତିମା ଗୌରୀଙ୍କୁ ବର ପିତା ଓ କନ୍ୟା ପିତା ନିଜ ନିଜ ଘରକୁ ନେବେ। ବିବାହ ନିମନ୍ତେ ମନ୍ଦିର ସମ୍ମୁଖରେ କାରିଗରଙ୍କ ପକ୍ଷରୁ ବେଦୀ ନିର୍ମାଣ ଚାଲିଥିବାବେଳେ ତୋରଣ ଓ ଆଲୋକସଜ୍ଜା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ପୀରାହାଟସ୍ଥିତ ପ୍ରଦେଶ ସେବା ସଂଗଠନ ପକ୍ଷରୁ ମାଙ୍ଗଳିକ ଚିତ୍ର ମନ୍ଦିର ପାଚେରିରେ ଅଙ୍କନ କରାଯାଇଛି।

ଚଳିତ ବର୍ଷ ବିବାହ ଉତ୍ସବରେ ବିହାରର ଅଘୋରୀ ନୃତ୍ୟ ସହ ଢେଙ୍କାନାଳର ଦୁଲୁଦୁଲି, ଖୋର୍ଦ୍ଧାର ପାଇକ ଆଖଡ଼ା, ବ୍ରହ୍ମପୁରର ଯୋଡ଼ିଶଙ୍ଖ, ଶ୍ରୀକ୍ଷେତ୍ର ପୁରୀର ସାହିମେଢ଼ ଓ ବନାଟି, ଘଣ୍ଟ ବାଦ୍ୟ ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ସଙ୍କୀର୍ତ୍ତନମଣ୍ଡଳୀ ଓ ନୃତ୍ୟ କଳାକାର ଯୋଗଦେବେ। ସେହିପରି ବରଯାତ୍ରୀ ରୂପେ ବ୍ରହ୍ମା, ବିଷ୍ଣୁ, ଇନ୍ଦ୍ର, ଯମ ଆଦି ଦେବଗଣଙ୍କ ସହ ଲକ୍ଷାଧିକ ଭକ୍ତ ଯୋଗଦେବେ। ଏଥିପାଇଁ ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ଭଦ୍ରକ ଏସ୍‌ପି ମନୋଜ ରାଉତ ପୀଠରେ ସୁରକ୍ଷା ବ୍ୟବସ୍ଥା କିପରି କରାଯିବ ତା'ର ସମୀକ୍ଷା କରିବା ସହ ଟ୍ରାଫିକ୍ ବ୍ୟବସ୍ଥାର



### ବ୍ୟାପକ ସୁରକ୍ଷା ବ୍ୟବସ୍ଥା; ଅଘୋରୀନୃତ୍ୟ, ଯୋଡ଼ି ଶଙ୍ଖ ମୁଖ୍ୟ ଆକର୍ଷଣ

କ୍ଷେତ୍ରୀୟ ପରିଦର୍ଶନ କରିଥିଲେ। ଚଳିତ ବର୍ଷ ବର ପିତା ଭାବେ ଗଦାଧର ପାଢ଼ୀଙ୍କ ଯଜମାନ ଅସିତ୍ ସାହୁ ସୌଭାଗ୍ୟ ଲାଭ କରିଥିବାବେଳେ କନ୍ୟା ପିତା ଭାବେ ବିଚିତ୍ର ପାଢ଼ୀଙ୍କ ଯଜମାନ ମାନସ ରଞ୍ଜନ ସାହୁ ସୌଭାଗ୍ୟ ଲାଭ କରିଛନ୍ତି। ଅନ୍ୟପଟେ ବିବାହ ମଣ୍ଡପରେ ସାଜସଜ୍ଜା ଚାଲିବା ସହିତ ବର ପିତା ଓ କନ୍ୟା ପିତାଙ୍କ ଘରେ ମାଙ୍ଗଳିକ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ଉଭୟଙ୍କ ପକ୍ଷରୁ ମଙ୍ଗୁଳାଗୁଆ ଓ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଛି।

### ଶାଳପଡ଼ା ଜଳସମ୍ପଦ ବିଭାଗର ବୈମାତୃକ ମନୋଭାବ

## ଜରାଜୀର୍ଣ୍ଣ ଅବସ୍ଥାରେ କେନାଲ ରାସ୍ତା



ବାରିକପୁର,୧୭।୬(ସମିସ): କେନ୍ଦୁଝର ଜିଲ୍ଲା ଶାଳପଡ଼ା ଜଳସମ୍ପଦ ବିଭାଗର ବୈମାତୃକ ମନୋଭାବ ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍‌ରେ ରହିଥିବା କେନାଲ ବ୍ୟବସ୍ଥା ଅତି ଦୟନୀୟ ଅବସ୍ଥାରେ ରହିଛି। ଚାଷଜମିକୁ ଜଳ ଯୋଗାଣ ଠିକ୍ ଭାବେ ହେଉ ନ ଥିବାବେଳେ ଗମନାଗମନ ପଥ ପାଇଁ ଉଦ୍ଦିଷ୍ଟ କେନାଲ ରାସ୍ତା ମଧ୍ୟ ଦୀର୍ଘ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଭଦ୍ରକ ଜିଲ୍ଲା ସଦରମହକୁମାଠାରୁ ପ୍ରାୟ ୮୦ କିଲୋମିଟର ଦୂରରେ ଅବସ୍ଥିତ। ତେଣୁ ସ୍ଥାନୀୟ ଲୋକମାନେ ସେଠାକୁ ଯାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆପତ୍ତି ଅଭିଯୋଗ କରିବା ପ୍ରାୟତଃ ଅସମ୍ଭବ ହେଉଛି। ତେଣୁ ବ୍ଲକ୍ ଅଞ୍ଚଳରେ କେନାଲ ଜଳ ଯୋଗାଣ ବ୍ୟବସ୍ଥାଠାରୁ ଆରମ୍ଭ କରି ଗମନାଗମନ ବାବଦରେ ଅନେକ ସମସ୍ୟା ଲାଗି ରହିଛି।

ସୂଚନା ମୁତାବକ, ତେସିଙ୍ଗା ପଞ୍ଚାୟତ ଆମ୍ବଗଡ଼ିଆଠାରୁ ମାନ୍ତପୁର ଛକ ୩ ନମ୍ବର ହାଇଲେବୁଲ କେନାଲକୁ ସଂଯୋଗ ହୋଇଥିବା ଶାଳନିଆ କେନାଲ ରାସ୍ତା ଏବେ ଶୋଚନୀୟ ହୋଇଛି। ପ୍ରାୟ ୪ ବର୍ଷ ପୂର୍ବରୁ ବିରିଡ଼ିଠାରୁ ଆମ୍ବଗଡ଼ିଆ ଓ ବନସ୍ତାଠାରୁ କେନାଲ ଶେଷ ମୁଣ୍ଡ ଯାଏଁ ବାମ ପାର୍ଶ୍ୱ ବନ୍ଧର ନିର୍ମାଣ କାର୍ଯ୍ୟ ହୋଇଥିଲା। ୨ଜଣ ଠିକାଦାର ମୋରମ୍ ଓ ମେଣ୍ଟାଲରେ ଏହି କେନାଲ ରାସ୍ତାକୁ ନିର୍ମାଣ କରିଥିଲେ। କାମ ସରିବାର ମାତ୍ର ଗୋଟିଏ ବର୍ଷ ପରେ ରାସ୍ତା ଉପରୁ ମେଣ୍ଟାଲ ଉଠିଯାଇଥିବା ବେଳେ ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ଗତବର୍ଷ ବିରିଡ଼ିଠାରୁ ଆମ୍ବଗଡ଼ିଆ ଗାଁ ଯାଏଁ କେନାଲ ରାସ୍ତାଟିରେ ପୁନଃ କାର୍ଯ୍ୟ ହୋଇଥିବାବେଳେ ଏହାର ପିଚୁ ନିର୍ମାଣ ହୋଇଛି। ପରିତାପର ବିଷୟ ଏବେ ବନସ୍ତାଠାରୁ ନେରଡ଼ା ଓ ଯଶୋଟିକିରିଠାରୁ ମାନ୍ତପୁର ଛକ ଯାଏଁ ପଥଚାରୀମାନେ ରାସ୍ତାରେ ଯିବାକୁ ଅତ୍ୟନ୍ତ କୁଣ୍ଠାବୋଧ କରୁଛନ୍ତି। ପାଖାପାଖି ୪ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ପାଲଟିଛି। ବାଇକ୍ ଓ ସାଇକଲ ଯୋଗେ ଯାଉଥିବା ଲୋକମାନେ ଦୈନିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ସାରା ମେଣ୍ଟାଲ, ମୋରମ୍ ଉଠିଯାଇଥିବା ବେଳେ ଲୋକଙ୍କ ପାଇଁ ଏହା ବିପଦ ସୃଷ୍ଟି କରୁଛି। ରାସ୍ତା ତମାମ ଖାଲଖମା ପୂର୍ଣ୍ଣ ହୋଇଥିବାବେଳେ ବର୍ଷା ହେଲେ ସେଥିରେ ଆଣ୍ଠୁଏ ଲେଖାଏଁ ପାଣି ଜମୁଛି। ଦୈନିକ ଏହି ପଥରେ ହଜାର ହଜାର ଜନସାଧାରଣ ଯାତାୟାତ କରୁଥିବାବେଳେ କେନାଲ ରାସ୍ତାଟିର ନବୀକରଣ କାର୍ଯ୍ୟ ପାଇଁ ବାରମ୍ବାର ଦାବି ହୋଇଛି। ପରିତାପର ବିଷୟ ବିଭାଗ ଏ ନେଇ ମୁଣ୍ଡ କାନ ଖେଳାଉନାହିଁ। ଏ ବାବଦରେ ଅଧୀକ୍ଷଣ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ମତାମତ ପାଇଁ ଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଅଧିକାରୀଦ୍ୱୟ କୌଣସି ଉତ୍ତର ଦେଇନାହାନ୍ତି। ଏପଟେ ଦିନକୁ ଦିନ ରାସ୍ତା ଅବସ୍ଥା ଶୋଚନୀୟ ହେଉଛି। ତେଣୁ ଏହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହିତ ରାସ୍ତା ନିର୍ମାଣ ସକାଶେ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେବା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି।

### ଭଦ୍ରକରେ 'ଏଆଇ ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍'ର ଶୁଭାରମ୍ଭ

# ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କୁ ମିଳିବ ଆଧୁନିକ ପ୍ରଯୁକ୍ତି ଶିକ୍ଷା




ଭଦ୍ରକ,୧୭।୬(ସମିସ)

ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳର ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଡିଜିଟାଲ୍ ଶିକ୍ଷାର ପ୍ରସାର ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ୱାନ୍ ଫ୍ୟୁଚର ଫାଉଣ୍ଡେସନ ପକ୍ଷରୁ ଭଦ୍ରକ ଜିଲ୍ଲାର ଚୟନିତ ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଏହାର ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍'ର ଶୁଭାରମ୍ଭ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ସହରାଞ୍ଚଳର ଉନ୍ନତ ଶିକ୍ଷା ପ୍ରତିଷ୍ଠାନ ଓ ଗ୍ରାମାଞ୍ଚଳ ବିଦ୍ୟାଳୟ ମଧ୍ୟରେ ଥିବା ଡିଜିଟାଲ୍ ବ୍ୟବଧାନକୁ ଦୂର କରିବା ସହ ଛାତ୍ରଛାତ୍ରୀଙ୍କୁ ଆଧୁନିକ ପ୍ରଯୁକ୍ତି ସହ ସଂଯୋଗ କରାଯିବ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ବିଭିନ୍ନ ପ୍ରଶାସନିକ ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ଓ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଉପସ୍ଥିତ ଥିଲେ। ସାଂସଦ ଶ୍ରୀ ସେଠୀ କହିଥିଲେ ଯେ, ଆଧୁନିକ ପ୍ରଯୁକ୍ତି ଓ ଡିଜିଟାଲ୍ ଜ୍ଞାନ କେବଳ ବଡ଼ ସହରର ବିଦ୍ୟାଳୟମାନଙ୍କ ପାଇଁ ସୀମିତ ରହିବା ଉଚିତ୍ ନୁହେଁ। ଗ୍ରାମାଞ୍ଚଳରେ ମଧ୍ୟ ପ୍ରଚୁର ପ୍ରତିଭା ରହିଛି ଏବଂ ସେମାନଙ୍କୁ ଉପଯୁକ୍ତ ସୁଯୋଗ ଓ ମଞ୍ଚ ପ୍ରଦାନ କରାଗଲେ ସେମାନେ ଦେଶର ଗୌରବ ବୃଦ୍ଧି କରିପାରିବେ। ତେବେ ଏଆଇ ମାନବୀୟ ବୁଦ୍ଧିମତାକୁ କେବେ ବି ଛାପି ନ ଯାଉ ବୋଲି ସେ ମତ ପ୍ରକାଶ କରିଥିଲେ। ବିଧାୟକ ଶ୍ରୀ ମହାପାତ୍ର କହିଥିଲେ ଯେ, ରାଜ୍ୟ ସରକାରଙ୍କ ଓଡ଼ିଶା ଏଆଇ ନୀତି-୨୦୨୫ ଏବଂ ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟ ପୂରଣ ଦିଗରେ ଏହି ଏଆଇ ହବ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ମାଧ୍ୟମରେ ରାଜ୍ୟସ୍ତରୀୟ ଯୋଜନାଗୁଡ଼ିକୁ ଗ୍ରାମସ୍ତରରେ କାର୍ଯ୍ୟକାରୀ କରାଯିବ। ଜିଲ୍ଲାପାଳ ଶ୍ରୀ ରାଉତରାଏ ବ୍ଲକ୍ ଶିକ୍ଷା ଅଧିକାରୀ ଓ ପ୍ରଧାନଶିକ୍ଷକମାନଙ୍କୁ ଏହି ଅଭିଯାନର ଅଗ୍ରଦୂତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ସେ କହିଥିଲେ ଯେ, ସେମାନଙ୍କର ଦୂରଦୃଷ୍ଟି ଓ ନେତୃତ୍ୱ ହିଁ ଏହି ପ୍ରଯୁକ୍ତିକୁ ବିଦ୍ୟାଳୟସ୍ତରରେ ସଫଳ କରିପାରିବ। ଆସନ୍ତା ଜୁଲାଇ ମାସରୁ ପିଏମ୍‌ଶ୍ରୀ ବି.ଏମ୍. ବାଗୁରାଇ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଏଆଇ ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍ କାର୍ଯ୍ୟକ୍ଷମ ହେବ ବୋଲି ନିଷ୍ପତ୍ତି ହୋଇଥିବାବେଳେ ଜିଲ୍ଲାର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ଏକ ସମନ୍ୱୟ ବୈଠକ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ଫାଉଣ୍ଡେସନର ମୁଖ୍ୟ ପରାମର୍ଶଦାତା ଶାରଦାପ୍ରସାଦ ପଣ୍ଡା ଏହି ପ୍ରକଳ୍ପର ସଫଳ ରୂପାୟଣ ପାଇଁ ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ଏଆଇ ବିଶେଷଜ୍ଞ ମାନସ ରଥ ଓ ତନ୍ମୟ ସ୍ୱାଇଁ ଏହି ପଦକ୍ଷେପର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିବାବେଳେ ଶ୍ୟାମଳ କିଶୋର ଦାସ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ବିଶେଷଜ୍ଞମାନେ ଏହି ହବ୍‌କୁ କେବଳ ଏକ ପ୍ରଯୁକ୍ତି ଭିତ୍ତିଭୂମି ନୁହେଁ, ବରଂ ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିର ଉପଭୋକ୍ତାରୁ ନବସୃଷ୍ଟିକାରୀରେ ପରିଣତ କରିବା ପାଇଁ ଏକ ସ୍ଥାୟୀ ଶିକ୍ଷା ପରିବେଶ ବୋଲି ବର୍ଣ୍ଣନା କରିଥିଲେ।

### ● ଜଳସମ୍ପଦ ଡାକବଙ୍ଗଳାରୁ ଲୁହା ଯନ୍ତ୍ରାଂଶ ବିକ୍ରି ଉଦ୍ୟମ ପ୍ରସଙ୍ଗ

## ରାତିଅଧିଆ ଥାନାରେ ହାଜର ହେଲେ ଅଧୀକ୍ଷଣ ଯନ୍ତ୍ରୀ





ଭଦ୍ରକ,୧୭।୬(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ଜଳସମ୍ପଦ ବିଭାଗ ଡାକବଙ୍ଗଳା ପରିସରରୁ ବହୁ ପୁରୁଣା ଯନ୍ତ୍ରାଂଶକୁ ବିକ୍ରି ଉଦ୍ୟମ ଘଟଣାରେ ଚାନ୍ଦବାଲି ଥାନାରେ ରାତିଅଧିଆ ହାଜର ହେଲେ ଜଳସମ୍ପଦ ବିଭାଗର ଆଖୁଆପଦା ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ସାମଲ। ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ମଙ୍ଗଳବାର ବିଳମ୍ବିତ ରାତି ଅର୍ଥାତ୍ ସମୟ ପାଖାପାଖି ୧୨ଟା ସମୟରେ ଚାନ୍ଦବାଲି ଥାନାକୁ ଆସିଥିଲେ। ଦିନରେ ନ ଆସି ଏମିତି ରାତିଅଧିଆ ଥାନାକୁ ଆସିବା କଥାକୁ ଚାନ୍ଦବାଲିବାସୀଙ୍କ ମନରେ ଅନେକ ପ୍ରକାରର ସନ୍ଦେହ ସୃଷ୍ଟି କରିଛି। ବରିଷ୍ଠ ନାଗରିକ ପ୍ରଫୁଲ୍ଲ ଦାସଙ୍କ ଅଭିଯୋଗ ଲୁହା ଯନ୍ତ୍ରାଂଶ ବିକ୍ରି ଉଦ୍ୟମ କରି ଏପର୍ଯ୍ୟନ୍ତ ଗାଡ଼ି ଥାନାରେ ଅଛି, ଏସ୍‌ଡିଓ ଲିଖିତ ଅଭିଯୋଗ କରିଛନ୍ତି ଥାନାରେ ଏସବୁ ପରେ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ତଦନ୍ତ କରିବା ସମୟରେ ଅଧୀକ୍ଷଣ ଯନ୍ତ୍ରୀ ଜାଣିଶୁଣି ଅନୁପସ୍ଥିତ ରହିଲେ। ୨ଦିନ ପରେ ଦିନରେ ଥାନାକୁ ନ ଆସି ରାତିଅଧିଆ ଲୁଚି ଲୁଚି ଥାନାକୁ ଆସିବା ଅତି ନିନ୍ଦନୀୟ କଥା। ଯିଏ ଦୋଷୀ ଯାହା ପାଇଁ ଜଳସମ୍ପଦ ବିଭାଗ ଓ ସରକାର ବଦନାମ ହେଉଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଶାସକ ଦଳ ନେତା ଦାବି କରୁଥିବାବେଳେ ଚାନ୍ଦବାଲି ପୁଲିସ କାହା ଚାପରେ ତଦନ୍ତକୁ ବାଟବଣା କରୁଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ତେବେ ଚାନ୍ଦବାଲି ଡିଭିଜନ୍ ଏସ୍‌ଡିଓ ସୂରଜ ମଲ୍ଲିକ ଦେଇଥିବା ଏତଲା ଅନୁସାରେ ତଦନ୍ତ ଚାଲିଛି, ତଦନ୍ତରେ ଯିଏ ଆସିବ ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚାନ୍ଦବାଲି ଥାନାଧିକାରୀ କହିଛନ୍ତି।

# ରାଷ୍ଟ୍ରପତିଙ୍କ ଜନ୍ମଭୂମିରେ ସାନ୍ତାଳୀ ଓ ଅଲ୍‌ଚିକି ଲିପି ଅବହେଳିତ

## ରେଳ ଷ୍ଟେସନ ନାମଫଳକରେ ନାହିଁ ଅଲ୍‌ଚିକି ଲିପି

ବାରିପଦା,୧୭ ।୬(ସମିସ)

ରାଇରଙ୍ଗପୁର ଉପଖଣ୍ଡରେ ସାନ୍ତାଳୀ ଭାଷା ଓ ଅଲଚିକି ଲିପି ଡବଲ ଇଞ୍ଜିନ ସରକାରର ବୈମାରକ ମନଭାବ ଯୋଗୁଁ ଅବହେଳିତ ଅବସ୍ଥାରେ ରହିଥିବା ନେଇ ବୁଦ୍ଧିଜୀବି ମହଲରେ ଅଭିଯୋଗ ହେଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜେ ଜଣେ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ମହିଳା ହୋଇଥିବା ବେଳେ ସାନ୍ତାଳୀ ଭାଷା ଓ ସଂସ୍କୃତି ସହିତ ଓତଃପ୍ରୋତଭାବେ ଜଡିତ ଓ ସାନ୍ତାଳୀ ଭାଷା ଓ ଲିପିକୁ ମଧ୍ୟ ସେ ବେଶ ଭଲ ପାଉଥିବା ନେଇ ତାଙ୍କ ଅଭିଭାଷଣରେ ଦେଖିବାକୁ ମିଳିଥାଏ। ସୁଯୋଗ ମିଳିଲେ ସେ ସାନ୍ତାଳୀ ଭାଷାରେ ବକ୍ତବ୍ୟ ରଖି ସାନ୍ତାଳୀ ଭାଷାଭାଷୀଙ୍କ ଗରିମାକୁ ଦ୍ୱିଗୁଣିତ କରିଥାନ୍ତି।




ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଅବସରରେ ଅଲଚିକି ଲିପିର ଶତବାର୍ଷିକୀ ଉତ୍ସବ ଓଡିଶା ସରକାରଙ୍କ ସହଭାଗିତାରେ ପାଳନ କରାଯାଇଥିବାବେଳେ ଦିଲ୍ଲୀରେ ମଧ୍ୟ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଶତବାର୍ଷିକୀ ଉତ୍ସବ ପାଳନ କରାଯାଇଛି। ଶ୍ରୀମତୀ ମୁର୍ମୁ ମହାମହିମ ପଦରେ ଆସୀନ ହେବା ପରେ ରାଇରଙ୍ଗପୁର ଉପଖଣ୍ଡ ଅଞ୍ଚଳର ଜନସାଧାରଣଙ୍କ ବହୁ ଦିନର ଦାବିକୁ ଦୃଷ୍ଟିରେ ରଖି ଟାଟା-ବାଦାମପାହାଡ ରେଳପଥରେ ରାଉରକେଲା ପର୍ଯ୍ୟନ୍ତ ସବୁଦିନିଆ ପାସେଞ୍ଜର ଟ୍ରେନ ଓ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ ସହିତ ଟାଟାନଗର ପର୍ଯ୍ୟନ୍ତ ସକାଳୁଆ ଓ ସନ୍ଧ୍ୟା ପାସେଞ୍ଜର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରି ଉପଖଣ୍ଡବାସୀଙ୍କୁ ଉପହାର ଭେଟି ଦେଇଥିଲେ। ଏହା ସହିତ ବାଦାମ ପାହାଡ - କେନ୍ଦୁଝର ଗଡ ଏବଂ ଗୋରୁମହିଷାଣି-ବାଙ୍ଗିରିପୋଷି ରେଳ ସମ୍ପ୍ରସାରଣ ପରି ମହତ୍ୱପୂର୍ଣ୍ଣ ଯୋଜନା ଭେଟି ଦେଇଛନ୍ତି। ତେବେ ଆଦିବାସୀ ଅଧ୍ୟୁଷିତ ରାଇରଙ୍ଗପୁର ଉପଖଣ୍ଡରେ ଥିବା ରେଳଷ୍ଟେସନ ଗୁଡିକର ନାମ ଫଳକରେ ଅଲଚିକି ଲିପିରେ ଉଲ୍ଲେଖିତ କରାଯିବା ଏବଂ ସାନ୍ତାଳୀ ଭାଷାରେ ଟ୍ରେନ ଆଗମନ ଓ ପ୍ରସ୍ଥାନର ଉଦଘୋଷଣା ବ୍ୟବସ୍ଥା କରାଯିବା ନେଇ ୨୦୨୨ ରେ ବହଳଦା ବ୍ଲକ ଅନ୍ତର୍ଗତ ପାଟ୍ରାମହୁଲପାଣି ସ୍ଥିତ ବାବାତିଲକା ଲାଇବ୍ରେରୀର ପ୍ରତିଷ୍ଠାତା ସମ୍ପାଦକ ରାମଦାସ ମୁର୍ମୁ ରେଳବାଇ ଏବଂ ରାଷ୍ଟ୍ରପତିଙ୍କୁ ଡାକ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ଓ ଉକ୍ତ ଚିଠିର ପ୍ରାପ୍ତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ରାଷ୍ଟ୍ରପତି ଭବନରୁ ଚିଠି ମାଧ୍ୟମରେ ପ୍ରତି ଉତ୍ତର ମଧ୍ୟ ମିଳିଥିଲା। ଏହା ପରେ ପରେ ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ଏ ନେଇ ସ୍ୱର ଉତ୍ତୋଳନ ମଧ୍ୟ କରାଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ଫଳ ମିଳିନାହିଁ। ଡବଲ ଇଞ୍ଜିନ ସରକାରଙ୍କ ଡବଲ କ୍ଷମତା ସତ୍ତ୍ୱେ ସାନ୍ତାଳୀ ଭାଷାରେ ଉଦଘୋଷଣା ଏବଂ ନାମ ଫଳକରେ ଅଲଚିକି ଲିପିରେ ଉଲ୍ଲେଖିତ ନ ହେବା ଅଷ୍ଟମ ଅନୁଚ୍ଛେଦରେ ସାମିଲ ହୋଇଥିବା ସାନ୍ତାଳୀ ଭାଷା ଓ ଅଲଚିକି ଲିପି ପ୍ରତି ସରକାର ଓ ସିଷ୍ଟମର ଚରମ ଅବହେଳା ବୋଲି ବୁଦ୍ଧିଜୀବି ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଦିବାସୀ ବହୁଳ ଅଞ୍ଚଳରେ ଏବେ ମଧ୍ୟ ସାନ୍ତାଳୀ ଭାଷାଭାଷୀ ଏପରି ବହୁ ସଂଖ୍ୟକ ମହିଳା ଓ ପୁରୁଷ ରହିଛନ୍ତି ଯେଉଁମାନେ ନିଜ ମାତୃଭାଷା ଛଡା ଅନ୍ୟ ସ୍ଥାନୀୟ ଭାଷା ଓଡିଆ କିମ୍ବା ହିନ୍ଦୀ ବୁଝିବାରେ ସମ୍ପୂର୍ଣ୍ଣ ସକ୍ଷମ ନୁହନ୍ତି ଓ ସେମାନେ ଓଡିଆ ଓ ହିନ୍ଦୀ ଉଦଘୋଷଣା ବୁଝିବାରେ ଅସମର୍ଥ ଥିବାରୁ ଅସମଞ୍ଜସ୍ୟ ସ୍ଥିତିରେ ରହିଥାନ୍ତି। ଡବଲଇଞ୍ଜିନ ସରକାରରେ ସମସ୍ତ ମନ୍ତ୍ରାଳୟ ଓ ବିଭାଗ ନିଜ ପାଖରେ ଥିବା ସତ୍ତ୍ୱେ ଏହି ଦାବି ପୂରଣ ହୋଇପାରୁନାହିଁ। ତେଣୁ ରେଳ ଷ୍ଟେସନର ନାମ ଫଳକରେ ଅଲଚିକି ଲିପିରେ ଉଲ୍ଲେଖ କରାଯିବା ସହିତ ସାନ୍ତାଳୀ ଭାଷାରେ ଉଦଘୋଷଣାର ବ୍ୟବସ୍ଥା କରାଯିବା ନେଇ ସାଧାରଣରେ ଦାବି ହେଉଛି।

# ପାଟଣା ବିଧାୟକଙ୍କ ପ୍ରତିନିଧିଙ୍କୁ ମାଡ଼ ଅଭିଯୋଗ

## ● ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ସଂପାଦକଙ୍କ ନାଁରେ ମାମଲା

ଡୁରୁମୁଙ୍ଗା, ୧୭।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀର ସାହାରପଡ଼ା ବ୍ଲକରେ ବିଜେପିର ୨ ଗୋଷ୍ଠୀ ମଧ୍ୟରେ କନ୍ଦଳ ଏବେ ପଦାରେ ପଡ଼ିଛି। ବୁଧବାର ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ସାହାରପଡ଼ା ବ୍ଲକ୍ ପ୍ରତିନିଧି ନରେନ୍ଦ୍ର ମହାନ୍ତଙ୍କୁ ସାହାରପଡ଼ା ବ୍ଲକ୍ ପରିସରରେ ବିଜେପିର ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସଂପାଦକ ଅଶ୍ୱିନୀ କୁମାର ମହାନ୍ତ ମାଡ଼ ମାରିଥିବା ନେଇ ସାହାରପଡ଼ା ଫାଣ୍ଡିରେ ନରେନ୍ଦ୍ର ଅଭିଯୋଗ କରିଛନ୍ତି। ନରେନ୍ଦ୍ର କୌଣସି କାମରେ ବ୍ଲକ୍‌ର ସହକାରୀ ଯନ୍ତ୍ରୀଙ୍କ ପାଖକୁ ଯାଇ ଫେରୁଥିବା ସମୟରେ ଅଶ୍ୱିନୀ ତାଙ୍କୁ ପଛ ପଟୁ ଆକ୍ରମଣ କରିଥିଲେ। ଏନେଇ ପାଟଣା ଥାନାରେ ୨୩୨/୨୬ରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଥିବା ପାଟଣା ଥାନାଧିକାରୀ କିରଣ ପ୍ରାସାଦ ସାହୁ କହିଛନ୍ତି। ପ୍ରକାଶ ଥାଉ କି, ଗତ ଗୁରୁବାର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉଭୟ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଓ ଚେୟାରମ୍ୟାନ ରିନା ନାୟକଙ୍କ ଗୋଷ୍ଠୀଙ୍କ ମଧ୍ୟରେ ବ୍ଲକରେ ପି ସି କାରବାରକୁ ନେଇ ଠେଲାପେଲା ହୋଇ କିଛି ସମୟ ପାଇଁ ବ୍ଲକ କାର୍ଯ୍ୟାଳୟରେ ଉତ୍ତେଜନା ଦେଖାଦେଇଥିଲା।

# ରଜରେ 'ସଂଗୀତ ବିଚିତ୍ରା' କାର୍ଯ୍ୟକ୍ରମ




ବାରିପଦା,୧୭ ।୬(ସମିସ): ଗୁରୁକୁଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ ଏକାଡେମୀ ଦ୍ୱାରା ଆୟୋଜିତ ରଜମଉଜ କାର୍ଯ୍ୟକ୍ରମରେ 'ସଂଗୀତ ବିଚିତ୍ରା' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅମ୍ବିକାସାହିର ଗାନ୍ଧିବାଦୀ ସମାଜସେବୀ ଓ ଆଇନଜୀବୀ ସ୍ୱର୍ଗତ ଅରବିନ୍ଦ ଦାସଙ୍କୁ ଉତ୍ସର୍ଗ କରାଯାଇଥିଲା। ଉତ୍ସବର ସଭାପତି ଜିତେନ୍ଦ୍ର ମହାନ୍ତି ଓ ପ୍ରତିଷ୍ଠାତା ଲିଟନ ପଟ୍ଟନାୟକଙ୍କ ଉଦ୍ୟମରେ ହେଉଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ଅଭିନେତା ଅନୁପ ସାହା ଓ ଡଃ ତନ୍ମୟୀ ରଥ ସୁମଧୁର ଓ ଚିର ସବୁଜ ଓଡ଼ିଆ ଗୀତ ପରିବେଷଣ କରିଥିଲେ ଓ ଏହା ଦର୍ଶକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ପ୍ରାଧ୍ୟାପକ ସୁନୀଲ ଜେନାଙ୍କ ପରିଚାଳନାରେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ବରିଷ୍ଠ ଅଭିନେତା ଓ ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା, ଅସିତ ପତି ଓ ଡଃ ତନ୍ମୟୀ ରଥଙ୍କୁ ଫଳକ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦ୍ୟୁମ୍ନ ଲେଙ୍କା ତାଙ୍କ ଭାଷଣରେ ବାରିପଦା ଓଡ଼ିଆ ଚଳଚ୍ଚିତ୍ର ପାଇଁ ବହୁ ଅଭିନେତା, ଅଭିନେତ୍ରୀ, ସଂଗୀତ ନିର୍ଦ୍ଦେଶକ, ଗୀତିକାର, ଗାୟକଙ୍କୁ ଅବଦାନ ଦେଇଛି ବୋଲି କହିଥିଲେ। ସେହିପରି ଡଃ ପୁଷ୍ପା ପାତ୍ର ଓ ଡଃ ଅସୀମା ସାହୁଙ୍କ ପରିଚାଳନାରେ ରଜକୁଇନ୍ କାର୍ଯ୍ୟକ୍ରମର ୨ୟ ସୋପାନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସର ସନ୍ଧ୍ୟାରେ ଜିତେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସଭାପତି ରାକେଶ ସିଂ, ସତ୍ୟସ୍ୱରୂପ ଦାଶ, ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ, ସୁନୀଲ ନାୟକ, ଆଭାସ ଦେ ଓ ନନ୍ଦନ ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ଅନୁଷ୍ଠାନର ନିର୍ଦ୍ଦେଶକ ଲିଟନ୍ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏକାଡେମୀର କଳାକାରମାନଙ୍କ ଦ୍ୱାରା ଏକକ, ଡୁଏଟ୍ ଓ ଗ୍ରୁପ ଡ୍ୟାନ୍ସ ପରିବେଷଣ କରାଯାଇଥିଲା।

# 'ମୁଖ୍ୟମନ୍ତ୍ରୀ ବସ୍'ରୁ ପଡ଼ି ମହିଳା ମୃତ



ବିଶୋଇ,୧୭ ।୬(ସମିସ): ଭାତଛତ୍ର ବସ ଷ୍ଟାଣ୍ଡରେ ମୁଖ୍ୟମନ୍ତ୍ରୀ(ଲକ୍ଷ୍ମୀ) ବସ୍‌ରୁ ପଡ଼ି ଜଣେ ମହିଳା ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମଣଦା ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ, ବିନା ଶବବ୍ୟବଚ୍ଛେଦରେ ମୃତଦେହକୁ ଘରକୁ ପଠାଇ ଦେବାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଦୁର୍ଘଟଣାଜନିତ ମୃତ୍ୟୁ ମାମଲାରେ ବିନା ଶବ ବ୍ୟବଚ୍ଛେଦରେ ମୃତଦେହକୁ କେମିତି ଛଡ଼ାଗଲା, ଏହା ପଛରେ କେଉଁମାନଙ୍କର ହାତ ରହିଛି, ଦୋଷୀ ଡାକ୍ତର ଏବଂ ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୟୂରଭଞ୍ଜ ଜିଲ୍ଲା ବିଜେଡି ସଦର ସଭାପତି ଡା. ଦେବାଶିଷ ମାର୍ଣ୍ଡି ଓ ବିଶୋଇ ବ୍ଲକର ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ ମୃତକ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇବା ସହିତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଶୋଇ ଥାନା ଅଧିକାରୀଙ୍କୁ ଜଣାଇଛନ୍ତି।

# ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

କୁଆମରା,୧୭।୬(ସମିସ): ଖୁଣ୍ଟା ଥାନା ଗଡ଼ି ଗାଁ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ପୋଖରୀରୁ ଆଜି ଉଦ୍ଧାର କରିଛି ପୁଲିସ। ମୃତକ ହେଉଛନ୍ତି ଅର୍ଜୁନ ବିଶ୍ୱାଳ (୩୫)। ଅର୍ଜୁନ ମଙ୍ଗଳବାର ଅପରାହ୍ଣରେ ସ୍ଥାନୀୟ ଗ୍ରାମ ପୋଖରୀକୁ ଶୌଚ ହେବାକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନଥିଲେ। ତେବେ ଆଜି ସକାଳେ ଗ୍ରାମ ଲୋକେ ସେହି ପୋଖରୀକୁ ଯାଇଥିବା ବେଳେ କେହି ଜଣେ ପୋଖରୀ ପାଣିରେ ଭାସୁଥିବାର ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଖୁଣ୍ଟା ଅଗ୍ନିଶମ ବିଭାଗ ସହାୟତାରେ ପୋଖରୀ ପାଣିରୁ ଉଦ୍ଧାର କରିବା ସହ ଚିହ୍ନଟ କରିଥିଲେ। ତେବେ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନା ପଠାଯାଇଥିବା ବେଳେ ଏ ନେଇ ୩୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ସଠିକ କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଫିସର ଏଏସ୍‌ଆଇ ସବ୍ୟସାଚୀ ସାମିଲ କହିଛନ୍ତି।

# ବଜ୍ରାଘାତରେ ଜଣେ ମୃତ

କେନ୍ଦୁଝର, ୧୭ ।୬(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଳାସପଙ୍ଗାରେ ଅଳ୍ପ ସମୟ ପୂର୍ବରୁ ସନ୍ଧ୍ୟାରେ ବଜ୍ରାଘାତ ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପଳାସପଙ୍ଗା ଗାଁର ପ୍ରତାପଚନ୍ଦ୍ର ପ୍ରଧାନ (୪୫)। ଆଜି ସେ ବର୍ଷା ଘଡଘଡି ସମୟରେ ବାଇକ୍‌ରେ ଘରକୁ ଫେରୁଥିବାବେଳେ ବଜ୍ରାଘାତର ଶିକାର ହୋଇଥିଲେ। ତାଙ୍କୁ ପଦ୍ମପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଛନ୍ତି। ମୃତଦେହ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସଦର ପୁଲିସ ଖବର ପାଇ ତଦନ୍ତ ଆରମ୍ଭ କରିଛି।

# ୫୩ ଲିଟର ମଦ ଜବତ, ୩ ଗିରଫ

କୁଆମରା,୧୭।୬(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଆଜି ଖୁଣ୍ଟା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ କରି ମୋଟ ୫୩ ଲିଟର ଦେଶୀ ମଦ ଜବତ କରିବା ସହ ତିନି ଅଭିଯୁକ୍ତ କୁଁ ଗିରଫ କରି କୋର୍ଟ ଚାଲାଣ କରିଛି। ତତ୍ ସହିତ ପୃଥକ ମାମଲା ରୁଜୁ ହୋଇଛି। ଏହି ଥାନା ଅନ୍ତର୍ଗତ କୁସୁମଘାଟି ଗ୍ରାମର ସୁହାଗ ବିନ୍ଧାଣୀ (୫୫) ଙ୍କ ଠାରୁ ୧୫ ଲିଟର, ବାହାନଡା ଗ୍ରାମର ଲେପା ସିଂ (୨୬) ଙ୍କ ଠାରୁ ୨୦ ଲିଟର ଓ ଅଁଳାଶୁଣୀ ଗ୍ରାମର ଗୋବିନ୍ଦ ସୋରେନ (୪୦) ଙ୍କ ଠାରୁ ୧୮ ଲିଟର ମଦ ଜବତ ହୋଇଛି। ଏ ଏସ୍ ଆଇ କୃଷ୍ଣଚନ୍ଦ୍ର ସେଠୀ ଙ୍କ ନେତୃତ୍ୱରେ ନିରଞ୍ଜନ ମହାନ୍ତ, କିଶୋର ସୋରେନ, ପାର୍ବତୀ ମାରାଣ୍ଡି ପ୍ରମୁଖ ଚଢ଼ଉ ରେ ସାମିଲ ହୋଇଥିଲେ।

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ 'ସ୍ୱଚ୍ଛତା' କାର୍ଯ୍ୟକ୍ରମ

ବାରିପଦା,୧୭ ।୬(ସମିସ): ଆସନ୍ତା ୧୯ ରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ଆରମ୍ଭ ହେବ। ଏହାର ଅବ୍ୟବହିତ ପୂର୍ବରୁ ପାଞ୍ଚ ଦିନିଆ ସଫେଇ ଅଭିଯାନ କ୍ରମରେ ଆଜି ରାଇରଙ୍ଗପୁର ଠାରେ 'ସ୍ୱଚ୍ଛତା ସେ ସ୍ୱାଗତ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଇଂ ଗଣେଶରାମ ସିଂ ଖୁଣ୍ଟିଆ, ଲୋକସଭା ସାଂସଦ ନବ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବିଭିନ୍ନ ୱାର୍ଡର ପାରିଷଦ, ଜିଲ୍ଲାପାଳ ହେମକାନ୍ତ ସଏ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶକୁନ୍ତଳା ହାଁସଦା, ଅତିରିକ୍ତ ଉନ୍ନୟନ ଅଧିକାରୀ ଶାନ୍ତନୁ ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ. ଶୁଭାଶିଷ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ପୌର କାର୍ଯ୍ୟାଳୟର ଯନ୍ତ୍ରୀ ମୃତ୍ୟୁଞ୍ଜୟ ପହି, ନୀଳକଣ୍ଠ ବିଶ୍ୱାଳ ସମେତ ଅନ୍ୟାନ୍ୟ ପଦାଧିକାରୀ ତଥା ନେତୃବୃନ୍ଦ, ସ୍ୱଚ୍ଛସାଥି ଓ ସ୍ୱେଚ୍ଛାସେବୀ ସାମିଲ ହୋଇ ମନ୍ଦିର ପରିସରକୁ ସଫେଇ କରିଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥି ବୃନ୍ଦ ତା'ଙ୍କ ବକ୍ତବ୍ୟ ରଖି କହିଥିଲେ ଯେ, ଦେଶ ବ୍ୟାପି 'ସ୍ୱଚ୍ଛତା ହିଁ




ସେବା' ଅଭିଯାନକୁ ଜନ ଆଦୃତ କରିବା ତଥା ପରିବେଶକୁ ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନ ସୃଷ୍ଟି କରିବା ସହିତ ଲୋକଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ରାଇରଙ୍ଗପୁର ପୌରପାଳିକା ତରଫରୁ ଏହି ଅଭିଯାନରେ ସହରର ମୁଖ୍ୟ ରାସ୍ତା ଠାରୁ ଆରମ୍ଭ କରି ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ, ଡାକ୍ତର ଖାନା, ବିଭିନ୍ନ ଧର୍ମପୀଠ, ବଡ଼ବନ୍ଧ, ଉଦ୍ୟାନ, ବିଭିନ୍ନ କାର୍ଯ୍ୟାଳୟ ଇତ୍ୟାଦି ପରିସର ସମେତ ପାହାଡ଼ପୁର ଅଞ୍ଚଳରେ ମଧ୍ୟ ସଫେଇ କାର୍ଯ୍ୟ ଅନୁଷ୍ଠିତ ହେବ।

ଏହି କ୍ରମରେ ଆଜି ସକାଳେ ରାଇରଙ୍ଗପୁର ବସ ଷ୍ଟାଣ୍ଡ ପରିସର ସହିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରକୁ ସଫେଇ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଲୋକମାନଙ୍କୁ ସ୍ୱଛତା ସମ୍ବନ୍ଧରେ ସଚେତନ ହେବାପାଇଁ ବାର୍ତ୍ତା ପହଞ୍ଚାଇବା ସହ ଜନସାଧାରଣ ପଲିଥିନ ବ୍ୟବହାରରୁ ନିବୃତ ରହିବାକୁ ନିମନ୍ତ୍ରିତ ଅତିଥି ବୃନ୍ଦ ନିବେଦନ କରିବା ସହ ପ୍ରଦୂଷଣ ମୁକ୍ତ ସ୍ୱଚ୍ଛ ଭାରତ ତଥା ବିକଶିତ ଭାରତ ଗଠନରେ ସମସ୍ତଙ୍କ ସହଭାଗୀତା କାମନା କରିଥିଲେ।

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ୩ ଦିନ ସ୍କୁଲ ଛୁଟି


ବାରିପଦା/କରଞ୍ଜିଆ,୧୭।୬(ସମିସ): ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲାର କିଛି ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ଶ୍ରେଣୀ ଶିକ୍ଷାଦାନ ସ୍ଥଗିତ ରଖାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜଙ୍କ ପକ୍ଷରୁ ଜାରି ହୋଇଥିବା ଆଦେଶ ଅନୁଯାୟୀ, ଯଶିପୁର, ଜାମଦା, ରାଇରଙ୍ଗପୁର, କୁସୁମୀ, ବିଜାତଳା, ବହଳଦା, ତିରିଂ ଓ ବିଶୋଇ ବ୍ଲକ ଅନ୍ତର୍ଗତ ଚୟନିତ ବିଦ୍ୟାଳୟଗୁଡ଼ିକରେ ଆସନ୍ତା ୧୮ ରୁ ୨୦ତାରିଖ ପର୍ଯ୍ୟନ୍ତ କ୍ଲାସ ବନ୍ଦ ରହିବ। ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ବେଳେ, ଉକ୍ତ ବିଦ୍ୟାଳୟ ପରିସରଗୁଡ଼ିକୁ ସୁରକ୍ଷା ବାହିନୀ ଓ ପୁଲିସ କର୍ମଚାରୀଙ୍କ ରହଣି ଓ ପ୍ରଶାସନିକ କାର୍ଯ୍ୟ ପାଇଁ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି। ତେବେ ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢ଼ା ବନ୍ଦ ରହିଥିଲେ ମଧ୍ୟ ସମ୍ପୃକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିୟମିତ ଭାବେ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକତା ଅନୁଯାୟୀ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ କିମ୍ବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଉଥିବା ଦାୟିତ୍ୱ ସମ୍ପାଦନ କରିବାକୁ ସେମାନଙ୍କୁ କୁହାଯାଇଛି। ଏହି ନିର୍ଦ୍ଦେଶକୁ ତୁରନ୍ତ ସମସ୍ତ ସମ୍ପୃକ୍ତ ବିଦ୍ୟାଳୟକୁ ଅବଗତ କରାଇବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଅନୁରୋଧ କରିଛନ୍ତି।

# 'ଦାଦନ ହଟିବ, ମୟୂରଭଞ୍ଜ ହସିବ' ସଚେତନତା ଶୋଭାଯାତ୍ରା



ବାରିପଦା/ଶୁକ୍ଳି/ଖୁଁଟିଂ,୧୭ ।୬(ସମିସ)

ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ନେଇ ଲୋକଙ୍କ ମଧ୍ୟରେ ସଚେତନତା ଆଣିବା ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏ ନେଇ ଏକ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ 'ଦାଦନ ହଟିବ, ମୟୂରଭଞ୍ଜ ହସିବ' ସ୍ଲୋଗାନ ଦେଇ ଆଜିଠାରୁ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ତମାମ (ସମସ୍ତ ବ୍ଲକ/ମ୍ୟୁନିସିପାଲଟି/ଏନ୍ଏସି) ପର୍ଯ୍ୟାୟ କ୍ରମେ ଭଞ୍ଜସେନା ପକ୍ଷରୁ ଏହି ମଶାଲ ରାଲି ଆୟୋଜନ କରାଯିବ ବୋଲି କୁହାଯାଇଛି। ପୂର୍ବ ଘୋଷଣା ଅନୁଯାୟୀ ପ୍ରବଳ ଝଡ଼ବର୍ଷା ସତ୍ତ୍ୱେ ଆଜି ସଂଗଠନ ପକ୍ଷରୁ ଶୁକ୍ଳି ବ୍ଲକ ଖୁଁଟିଂସ୍ଥିତ ମାଆ କୀଚକେଶ୍ୱରୀ ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା ସାରି ମନ୍ଦିର ସମ୍ମୁଖରୁ ଏକ ମଶାଲ ରାଲି ଜିଲ୍ଲା ରରୁଆଁ ବ୍ଲକ ସଭାପତି ଶୁଭଜିତ୍ ଦାସ ଅଧିକାରୀ, ଶୁକ୍ଳି ବ୍ଲକ ସଭାପତି ସୁବାସ ଚନ୍ଦ୍ର ନାୟକଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାହାରି ଶୁକ୍ଳି ବଜାରରେ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅଧ୍ୟକ୍ଷ ସଂଜୀବ ରାଉତ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ପାଞ୍ଚପୀଢ଼ ଉପଖଣ୍ଡ ସଭାପତି ମାଇକେଲ ମହାନ୍ତ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ଉପସଭାପତି ମନୋରଞ୍ଜନ ବାରିକ, ବାରିପଦା ଉପଖଣ୍ଡ ସଭାପତି ପରିତୋଷ ବାରିକ, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ଜିଲ୍ଲା ସଂଗଠନ ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତି, ସନାତନ ସାହୁ, ପଙ୍କଜ କରଣ ରରୁଆ ବ୍ଲକ ଉପ ସଭାପତି ବିଶାଳ କୁମାର ସୁଲତାନୀଆ, ଦିବ୍ୟଜ୍ୟୋତି ବେହେରା, ସୁନିତା ପାତ୍ର, ରିଙ୍କି ପାତ୍ର, ପୂଜା ପାତ୍ର, ମିନାକ୍ଷୀ ଦାସ, ରାମଚନ୍ଦ୍ର ସାହୁ, ଯତନ ଗିରି,ଗୋରବ ମହାନ୍ତି ମୁକ୍ତି ଦତ୍ତ ପରିଡା ପ୍ରମୁଖ ସାମିଲ ହୋଇଥିଲେ।



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ବୈବାହିକ ଜୀବନରେ ସମସ୍ୟା ଆସିବ । ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜକୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ ।

**କୁମ୍ଭ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

## ଆଜିର ଇତିହାସ

- ୧୮୧୫- ୱାଟର୍ ଲୁ ଯୁଦ୍ଧରେ ନେପୋଲିଅନ୍ ବୋନାପାର୍ଟଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା ।
- ୧୮୩୭- ସ୍ପେନ୍ ନୂଆ ସମ୍ବିଧାନ ଆପଣାଇଲା ।
- ୧୯୫୬- ହିନ୍ଦୁ ଉତ୍ତରାଧିକାର ଅଧିନିୟମ ପାରିତ ହେଲା ।
- ୨୦୦୯- ନାସା ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇଁ ଏକ ବିଶେଷ ଯାନକୁ ପ୍ରେରିତ କଲା ।
- ୨୦୧୩- ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ଆତ୍ମଘାତୀ ଆକ୍ରମଣରେ ୩୧ଜଣଙ୍କ ପ୍ରାଣହାନି ।

# ‘ଧମାଲ ୪’ ଅଜୟ ନେଇଛନ୍ତି ୪୦ କୋଟି



ବଲିଉଡ୍ ଅଭିନେତା ଅଜୟ ଦେବଗନ୍‌ଙ୍କର ଚଳିତବର୍ଷ କୌଣସି ଫିଲ୍ମ ରିଲିଜ୍ ହୋଇନାହିଁ । ‘ଧମାଲ୍ ୪’ ତାଙ୍କର ଚଳିତବର୍ଷର ପ୍ରଥମ ଫିଲ୍ମ ହେବ । ଏହା ଆସନ୍ତା ୧୦ ଜୁଲାଇରେ ରିଲିଜ୍ ହେବ । ଏଥିରେ ଅଜୟଙ୍କ ସହ ଅରଶଦ ୱାର୍ସି, ସଞ୍ଜୟ ମିଶ୍ରା, ଜାଭେଦ ଜାଫ୍‌ରି ଏବଂ ରିତେଶ ଦେଶମୁଖ ପ୍ରମୁଖ ନଜର ଆସିବେ । ଇତିମଧ୍ୟରେ ଫିଲ୍ମର ଟ୍ରେଲର୍ ରିଲିଜ୍ ହୋଇଛି । ଏହାର ଟ୍ରେଲର୍‌କୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ଇନ୍ଦ୍ର କୁମାର ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି । ଅଜୟ ଏଥିରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ଦାୟିତ୍ୱରେ ମଧ୍ୟ ଅଛନ୍ତି । ଏହାରି ମଧ୍ୟରେ ଫିଲ୍ମର କଳାକାରମାନଙ୍କ ଫିସ୍ କଥା ସାମ୍ନାକୁ ଆସିଛି । ଅଜୟ ଏହି ଫିଲ୍ମ ପାଇଁ ୪୦ କୋଟି ନେଇଛନ୍ତି । ଫିଲ୍ମର ବଜେଟ୍ ବଢ଼ିଯିବାରୁ ଅଜୟ ତାଙ୍କ ପାରିଶ୍ରମିକ ହ୍ରାସ କରିଥିବା ଫିଲ୍ମର ସହ ପ୍ରଯୋଜକ ଭୂଷଣ କୁମାର କହିଛନ୍ତି । ଅଜୟ ଏହାର ପ୍ରଯୋଜକ ଥିବାରୁ ଫିଲ୍ମର ଲାଭରୁ ସେ ସେୟାର୍ ପାଇବା ସୁନିଶ୍ଚିତ । ରିତେଶ ଓ ଅରଶଦ ଏହି ଫିଲ୍ମ ପାଇଁ ୧୦ କୋଟି ଲେଖାଏଁ ନେଇଛନ୍ତି । ଏଥିରେ ରବି କିଶନ ମଧ୍ୟ ଖଳନାୟକ ଭାବେ ଦେଖାଯିବେ । ସେ ପାରିଶ୍ରମିକ ବାବଦରେ ୧୦ କୋଟି ନେଇଛନ୍ତି । ସଞ୍ଜୟ ମିଶ୍ରାଙ୍କୁ ଏହି ଫିଲ୍ମ ପାଇଁ ୩ କୋଟି ମିଳିଥିବା କୁହାଯାଉଛି । ସେହିଭଳି ଜାଭେଦ ଜାଫ୍‌ରି ଓ ଈଶା ଗୁପ୍ତାଙ୍କୁ ୨ କୋଟି ଲେଖାଏଁ ମିଳିଛି ।

## ଭିନ୍ନ ଜଣେ ବ୍ୟକ୍ତି

# ବିନା ମେସିନ୍‌ରେ ସଠିକ୍ ଓଜନରେ କାଟିପାରନ୍ତି

ସାମାଜିକ ଗଣମାଧ୍ୟମରେ ପ୍ରତିଦିନ କିଛି ନା କିଛି ନୂଆ ଧରଣର ଭିଡିଓ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଜଣେ ବ୍ୟକ୍ତିଙ୍କର ନିଆରା ପ୍ରତିଭା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି । ବ୍ୟକ୍ତି ଜଣକ କୌଣସି ମେସିନ୍, ତରାଜୁ କିମ୍ବା ଓଜନ ମେସିନ୍‌ର ସାହାଯ୍ୟ ନ ନେଇ ପନିପରିବାକୁ ଏକ ନିର୍ଦ୍ଦିଷ୍ଟ ଓଜନରେ ସଠିକ୍ ଭାବେ କାଟିପାରନ୍ତି । ଓଜନ ମେସିନ୍ ବିନା ସେ ଏପରି ଭାବେ କାଟନ୍ତି ଯେ, ସେଥିରେ ଗୋଟିଏ ଗ୍ରାମ୍‌ର ବି ଫରକ ହୁଏ ନାହିଁ । ଏନେଇ ବ୍ୟକ୍ତି ଜଣଙ୍କର ଏକ ଭିଡିଓ ଭାଇରାଲ ହୋଇଛି । ଏଥିରେ ଦେଖିବାକୁ ମିଳୁଛି ଯେ, ବ୍ୟକ୍ତି ଜଣକ ପ୍ରଥମେ ଗୋଟିଏ ଟମାଟୋକୁ ଓଜନ କରୁଛନ୍ତି । ଏହାପରେ ସେ କ୍ୟାମେରାମ୍ୟାନ୍‌ଙ୍କୁ କେତେ ଓଜନର ଟମାଟୋ କାଟିବା ବୋଲି ପଚାରୁଛନ୍ତି । ଏହାପରେ କ୍ୟାମେରାମ୍ୟାନ୍ ତାଙ୍କୁ ୬୯ ଗ୍ରାମ୍ ଟମାଟୋ କାଟିବାକୁ କହିଥିଲେ । ସେ କାଟିଥିବା ଟମାଟୋକୁ ଓଜନ କରିଯିବା ପରେ ତାହା ଠିକ୍ ୬୯ ଗ୍ରାମ୍ ହୋଇଥିଲା । ଏହାପରେ ତାଙ୍କୁ ଦିଆଯାଇଥିବା ଏକ ନିର୍ଦ୍ଦିଷ୍ଟ ଓଜନରେ ଆଳୁକୁ କାଟି ମଧ୍ୟ ଦେଖାଇଥିଲେ । ମେସିନ୍‌ରେ ଆଳୁର ଓଜନ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏହାର ଓଜନ ବିଲ୍‌କୁଲ ଠିକ୍ ଥିଲା । ଏହି ଭିଡିଓ ଭାଇରାଲ ହେବା ପରେ ଅନେକ ଏଥିରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, ଏହା ଜଣକର ବର୍ଷ ବର୍ଷର ଅଭିଜ୍ଞତାର ପରିଣାମ । ଏନେଇ ବିଶେଷଜ୍ଞଙ୍କ କହିବା କଥା, ପନିପରିବାର ଗଠନ, ଆକାରକୁ ଆଧାର କରି ମଣିଷର ମସ୍ତିଷ୍କ ଏହାର ଓଜନକୁ ଆକଳନ କରିଥାଏ । ଅବଶ୍ୟ ଏତେ ସଠିକ୍ ଭାବେ ଓଜନ ଆକଳନ କରିବା କ୍ଷେତ୍ରରେ ବ୍ୟକ୍ତି ଜଣକ ବ୍ୟତିକ୍ରମ ।




# ବିଶ୍ୱର ସବୁଠୁ ସନ୍ଦେହୀ ମହିଳା



ବୈବାହିକ ଜୀବନରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବେଳେବେଳେ ପରସ୍ପରକୁ ସନ୍ଦେହ କଲା ଭଳି ସ୍ଥିତି ଉପୁଜିଥାଏ । ପରବର୍ତ୍ତୀ ମୁହୂର୍ତ୍ତରେ କଥାବାର୍ତ୍ତା କିମ୍ବା ଆପୋଷ ବୁଝାମଣା ଦ୍ୱାରା ଏହା ଠିକ୍ ହୋଇ ଯାଇଥାଏ । ହେଲେ ବ୍ରିଟେନର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ଉପରେ ଏତେ ମାତ୍ରାରେ ସନ୍ଦେହ କରନ୍ତି ଯେ, ତାଙ୍କ ଜୀବନକୁ ନର୍କ କରି ଦେଇଛନ୍ତି । ଡେବି ଉଡ୍ ନାମ୍ନୀ ଏହି ମହିଳା ଜଣକ ବିଶ୍ୱର ସବୁଠୁ ସନ୍ଦେହୀ ମହିଳା ଭାବେ ପରିଚିତ । ସେ ତାଙ୍କ ସ୍ୱାମୀ ଷ୍ଟିଭ୍‌ଙ୍କ ଉପରେ ଏତେ ମାତ୍ରାରେ ସନ୍ଦେହ କରନ୍ତି ଯେ ଏଥିପାଇଁ ତାଙ୍କୁ ପ୍ରତିଦିନ ଲାଇ ଡିଟେକ୍ଟର ଟେଷ୍ଟର ସମ୍ମୁଖୀନ ହେବାକୁ ପଡୁଛି । ଡେବି ଓଥେଲୋ ସିଣ୍ଡ୍ରୋମ ରୋଗରେ ପୀଡ଼ିତ । ଏଥିରେ ଆକ୍ରାନ୍ତ ବ୍ୟକ୍ତି ତାଙ୍କ ଜୀବନସାଥିଙ୍କ ଉପରେ ସବୁବେଳେ ସନ୍ଦେହ କରନ୍ତି । ଷ୍ଟିଭ୍ ଘରୁ ବାହାରକୁ ଗଲେ କିମ୍ବା କାମ ସାରି ଘରକୁ ଫେରିଲେ, ପ୍ରତିଥର ତାଙ୍କର ସତ୍ୟତା ପରୀକ୍ଷା ପାଇଁ ଡେବି ଲାଇ ଡିଟେକ୍ଟର ଟେଷ୍ଟ କରାଇଥାନ୍ତି । ଏହାବାଦ୍ ସେ ଷ୍ଟିଭ୍‌ଙ୍କ ଫୋନ୍, ଇମେଲ୍ ଏବଂ ବ୍ୟାଙ୍କ ଷ୍ଟେଟମେଣ୍ଟ ଦିନରେ ଅନେକ ଥର ଯାଞ୍ଚ କରନ୍ତି । ଏପରିକି ସେ ତାଙ୍କ ସ୍ୱାମୀଙ୍କୁ ଟିଭିରେ କୌଣସି ମହିଳାଙ୍କୁ ଦେଖିବାକୁ କିମ୍ବା ପତ୍ରିକାରେ ମହିଳାଙ୍କ ଫଟୋ ଦେଖିବାକୁ ମଧ୍ୟ ବାରଣ କରିଛନ୍ତି । ଷ୍ଟିଭ୍ ଏଥିଯୋଗୁଁ ବ୍ୟତିବ୍ୟସ୍ତ ରହୁଥିବାବେଳେ ପତ୍ନୀଙ୍କ ରୋଗ ପାଇଁ ସବୁ ସହିଯାନ୍ତି । ଏନେଇ ମନସ୍ତତ୍ତ୍ୱବିତ୍‌ଙ୍କ କହିବା କଥା, ଏହି ରୋଗର ତୁରନ୍ତ ଚିକିତ୍ସା କରା ନ ଗଲେ ଏହି ସମସ୍ୟା ଗମ୍ଭୀର ହୋଇପାରେ ।

# ପଣସ ମଞ୍ଜିରୁ ଆତ୍ମନିର୍ଭର

**ଅନେକେ ପଣସ ଖାଇବା ପରେ ଏହାର ମଞ୍ଜିକୁ ଫୋପାଡ଼ି ଦିଅନ୍ତି । କିଛି ଏହି ମଞ୍ଜିକୁ ଭଜା, ଭର୍ତ୍ତା ଏବଂ ତରକାରି କରି ଖାଇଥାଆନ୍ତି । ଏହି କ୍ରମରେ ପଣସ ମଞ୍ଜିରୁ ଭଲିକି ଭଳି ଖାଦ୍ୟପୋଯୋଗୀ ଜିନିଷ ସହ କଫି ପ୍ରସ୍ତୁତ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି, କେରଳ ୱାଇନାଡ଼ର ଜେମି ସାଜି । ସେ ପଣସ ମଞ୍ଜିକୁ ନ ଫୋପାଡ଼ି ଏଥିରୁ ଉନ୍ନତମାନର କଫି ପ୍ରସ୍ତୁତ କରୁଛନ୍ତି । ଏହା ଅସଲି କଫିର ଅନୁଭୂତି ଦେବା ସହ କେଫିନ୍ ମୁକ୍ତ ହୋଇଥାଏ ।**






### ବ୍ୟବସାୟ ପ୍ରତି ଆଗ୍ରହ

୨୦୧୯ ମସିହାରେ ଏଗ୍ରିକଲ୍‌ଚର୍ ଡିପାର୍ଟମେଣ୍ଟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ପଣସ ମଞ୍ଜିର ବହୁବିଧ ଉପକାରିତା ବାବଦରେ ଜାଣିବାକୁ ପାଇଥିଲେ । ପଣସମଞ୍ଜିକୁ ନ ଫୋପାଡ଼ି ଏହାକୁ କିପରି ଭଲ ଉପାୟରେ ବ୍ୟବହାର ହୋଇପାରିବ ତାହା ଶିଖିଥିଲେ । ପଣସ ମଞ୍ଜିକୁ ଶୁଖାଇ ଗୁଣ୍ଡ କରି ସେଥିରେ ପ୍ରଥମେ ସେ ଦକ୍ଷିଣ ଭାରତର ପ୍ରସିଦ୍ଧି ଲାଭ କରିଥିବା ମିଠାମାନ ପ୍ରସ୍ତୁତ କରିଥିଲେ । ଏହାକୁ ନିଜ ପଡ଼ୋଶୀଙ୍କ ସମେତ ସମ୍ପର୍କୀୟଙ୍କୁ ଖାଇବାକୁ ଦେଇଥିଲେ । ସେମାନେ ଏହାକୁ ଖାଇ ପସନ୍ଦ କରିବା ସହ ଏଥିପାଇଁ ବରାଦ ଦେଇଥିଲେ । ଏଥିରୁ ତାଙ୍କ ବ୍ୟବସାୟ ଆରମ୍ଭ ହୋଇଥିଲା । ସମୟକ୍ରମେ ବହୁ ପରୀକ୍ଷାନିରୀକ୍ଷା କରି ସେ ହୋଲି କ୍ରସ୍ ଇଣ୍ଡଷ୍ଟ୍ରିଜ୍ ନାମକ କମ୍ପାନି ଆରମ୍ଭ କରିଥିଲେ ।

### ପଣସ ମଞ୍ଜି କଫି ଏବଂ ଉତ୍ପାଦ

ସେ ନିଜ କମ୍ପାନିରେ ପଣସରୁ ନିର୍ମିତ ବିଭିନ୍ନ ଜିନିଷ ଯଥା -ଜ୍ୟାକ୍ ଫ୍ରେଶ୍ ବ୍ରାଣ୍ଡ ଡୋସା ମିକ୍ସ, ଷ୍ଟିମ୍ କେକ୍ ମିକ୍ସ, କଫି ପାଉଡର୍ ସମେତ ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରିଥାନ୍ତି । ଜେମିଙ୍କ କହିବାନୁଯାୟୀ ଏହି ପଣସମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ, ପ୍ରୋଟିନ୍, ଆଇରନ୍, ଭିଟାମିନ୍ – ଏ ଭରପୁର ଥିବାରୁ ଏହା ଏନିମିଆ, ଚର୍ମଜନିତ ରୋଗ ଭଲ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏଥିସହ କେଶକୁ ମଧ୍ୟ ସୁସ୍ଥ ରଖିଥାଏ । ଏଥିରେ ନାନା ଔଷଧୀୟ ଗୁଣ ରହିଛି ।

### କଫିର ଚାହିଦା

ଜେମିଙ୍କ କହିବାନୁଯାୟୀ, ବଜାରରେ ଏହି ପଣସମଞ୍ଜି କଫିର ଖୁବ୍ ଚାହିଦା ରହିଛି । ବିଶେଷ କରି ପଣସମଞ୍ଜିକୁ ପ୍ରକ୍ରିୟାକରଣ କରିବା ପରେ ଏଥିରୁ କଫି ଭଳି ସୁଗନ୍ଧ ବାହାରିଥାଏ । ତେଣୁ ସେ ପଣସମଞ୍ଜିରୁ କଫି ପ୍ରସ୍ତୁତ କରିବାକୁ ଭାବିଥିଲେ । ଏହାକୁ ପ୍ରସ୍ତୁତ କରି ବିକ୍ରି କରିଥିଲେ । ଏହା ବଜାରରେ ମିଳୁଥିବା କଫି ଠାରୁ ଖୁବ୍ ଉନ୍ନତ ଏବଂ ସ୍ୱାସ୍ଥ୍ୟପ୍ରଦ । ଏହି ପ୍ରଡକ୍ଟ କେରଳର ପ୍ରତ୍ୟେକ ଦୋକାନରେ ଉପଲବ୍ଧ ହୋଇଥାଏ । ଏହା ୨୫-୪୫୦ ଟଙ୍କା ପର୍ଯ୍ୟନ୍ତ ରହିଛି । ସେ ନିଜର ଏହି କମ୍ପାନୀରେ ଅନ୍ୟ ମହିଳାଙ୍କୁ ମଧ୍ୟ ରୋଜଗାର ଦେଇଛନ୍ତି ।

## ଆଜି ରୋଷେଇ ଘରେ

# ତେନ୍ତୁଳି ପାଣି କୁକୁଡ଼ା ଝୋଳ

### ଆବଶ୍ୟକ ସାମଗ୍ରୀ

ଦେଶୀ କୁକୁଡ଼ା ମାଂସ – ୫୦୦ ଗ୍ରାମ୍, ରସୁଣ ଛେଚା – ଦୁଇଚାମଚ, ଅଦା ବଟା- ଦୁଇଚାମଚ, କଟା ପିଆଜ– ଦୁଇ କପ୍, ଧନିଆ ପତ୍ର – ଅଳ୍ପ, ହଳଦୀଗୁଣ୍ଡ- ଅଧା ଚାମଚ, ତେନ୍ତୁଳି ପାଣି – ଏକ କପ୍, ଲୁଣ- ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।



### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ପାତ୍ରରେ ତେଲ ନେଇ ସେଥିରେ କଞ୍ଚାମାଂସ, ହଳଦୀଗୁଣ୍ଡ, ଲୁଣ, ପିଆଜ, ଅଦାରସୁଣ ବଟା, ଧନିଆପତ୍ର, ସମେତ ଶୁଖିଲା ଲଙ୍କା ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ସେଥିରେ ଗୋଳାଇ ରଖିଥିବା ଚିକେନ୍ ଦିଅନ୍ତୁ । ଏହାକୁ ପିଠାଖଡ଼ିକାରେ ଏପାଖସେପାଖ କରି ଘୋଡ଼ାଇ ସିଝାନ୍ତୁ । କୁକୁଡ଼ା ମାଂସ, ୭୦ ପ୍ରତିଶତ ସିଝି ଆସିଲେ ଏଥିରେ ପାଣି ଦିଅନ୍ତୁ । ଏହାକୁ ଏପାଖସେପାଖ କରି ଶେଷରେ ତେନ୍ତୁଳି ପାଣି ଦିଅନ୍ତୁ । ଏହା ଉପରେ ଧନିଆ ପତ୍ର ପକାଇ ପରଷନ୍ତୁ ସ୍ୱାଦିଷ୍ଟ ‘ତେନ୍ତୁଳି ପାଣି କୁକୁଡ଼ା ଝୋଳ’ ।

## ସୁଶ୍ରୀ

# ଘିମିରିର ଘରୋଇ ଉପଚାର...



**ଖରାଦିନେ ତ୍ୱଚାଜନିତ ନାନା ସମସ୍ୟା ଉପୁଜିଥାଏ । ସେଥିମଧ୍ୟରୁ ଗୋଟିଏ ଘିମିର । ଟାଣ ଖରା, ଝାଳ ଯୋଗୁ ଶରୀରରେ ନାଲି ହୋଇ ଫଳିଯିବା ସହ କୁଣ୍ଡାଇ ହୋଇଥାଏ । ପିଲାଠୁ ନେଇ ବୟସ୍କ ସଭିଙ୍କ ଠାରେ ଏହି ସମସ୍ୟା ଦେଖାଯାଏ । ଏହାଦ୍ୱାରା ତ୍ୱଚାରେ ଜ୍ୱଳନ ହୋଇଥାଏ । ଦାମୀ ପାଉଡର୍ ଏବଂ କ୍ରିମ୍ ଲଗାଇଲେ ମଧ୍ୟ ସୁଫଳ ମିଳି ନ ଥାଏ । ତେବେ ଚାହିଁଲେ ଘରୋଇ ଉପାୟ ଆପଣାଇ ଘିମିରି ପ୍ରଭାବକୁ କମ୍ କରିପାରିବେ ।**

### ଘିକୁଆଁରି ଏବଂ ଗୋଲାପଜଳ

ଗୋଟିଏ ପାତ୍ରରେ ଅଳ୍ପ ଘିକୁଆଁରୀ ଏବଂ ଗୋଲାପଜଳ ନେଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଘିମିରି ହୋଇଥିବା ସ୍ଥାନରେ ଲଗାନ୍ତୁ । ଏହା ସତେଜ ଅନୁଭୂତି ଦେବା ସହ ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ । ସମ୍ବେଦନଶୀଳ ତ୍ୱଚା ଥିଲେ, ପ୍ରଥମେ ଏହାକୁ ପ୍ୟାଚ୍ ଟେଷ୍ଟ କରି ଲଗାଇବା ଜରୁରି ।

### ସୂତାପୋଷାକ

ଦିନରେ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ଆବଶ୍ୟକ । ଏଥିସହ ଢିଲା ଏବଂ ଆରାମଦାୟକ ସୂତା କପଡ଼ା ପିନ୍ଧିବା ଜରୁରି । ଅଧିକ ସମୟ ଧରି ଝାଳ ପୋଷାକ ନ ପିନ୍ଧିବା ଭଲ । ଖରାରୁ ଫେରିବା ମାତ୍ରେ ଗାଧାନ୍ତୁ । ତ୍ୱଚାକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।

### ଖାଦ୍ୟର ରଖନ୍ତୁ ଧ୍ୟାନ

ପଇଡ଼ ପାଣି, ଛାଚ୍ ଏବଂ ମୋସମ୍ବୀ ଜୁସ୍ ଆଦି ପିଇବା ଭଲ । ଅଧିକ ତେଲ ମଶଲା ଯୁକ୍ତ ଖାଦ୍ୟରୁ ଯଥା ସମ୍ଭବ ଦୂରେଇ ରୁହନ୍ତୁ । କାକୁଡ଼ି, ତରଭୂଜ ସେବନ କରନ୍ତୁ ।

# ଟ୍ରେଣ୍ଡି ବାଙ୍ଗଲ୍ସ

**ଆଧୁନିକ ଆଉଟ୍‌ଫିଟ୍ ସହ ବାଙ୍ଗଲ୍ସ ପିନ୍ଧିବାକୁ ଅଧିକାଂଶ ମହିଳା ପସନ୍ଦ କରନ୍ତି । ଏହା ଷ୍ଟାଇଲିଶ୍ ଦିଶିବା ସହ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ । ଏହି କ୍ରମରେ ଏବେ କେତେକ ଟ୍ରେଣ୍ଡି ବାଙ୍ଗଲ୍ସ ଲୋକପ୍ରିୟ ରହିଛି । ଜାଣିବା ସେ ବାବଦରେ...**

**କାଠ ଚୁଡ଼ି -** ଆଉଟ୍‌ଫିଟ୍‌କୁ ସୁନ୍ଦର ଏବଂ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, କାଠର ଚୁଡ଼ି ପିନ୍ଧିପାରିବେ । ଏହା ମୋଟା, ପତଳା ବିଭିନ୍ନ ଡିଜାଇନ୍‌ରେ ଥାଏ ।

**ଘୁଙ୍ଗୁର ଚୁଡ଼ି-** କାଶ୍ମୀର ଚୁଡ଼ିରେ ଛୋଟ ଛୋଟ ଘୁଙ୍ଗୁର ଲାଗିଥିବାରୁ ଏହା ବେଶ୍ ସୁନ୍ଦର ଏବଂ ଆକର୍ଷଣୀୟ ହୋଇଥାଏ । ଏହାକୁ ଉଭୟ ଆଧୁନିକ ଏବଂ ପାରମ୍ପରିକ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ ।

**ରେଜିନ୍ -** ଏହା ଦେଖିବାକୁ ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ । ଏହାକୁ ବିଶେଷ କରି ସେଟ୍ କରି ଲଗାଇଲେ ବେଶୀ ସୁନ୍ଦର ଲାଗିଥାଏ ।

# ଗୋଲ୍ଡ ସ୍କ୍ରବ୍ ଟ୍ରେଣ୍ଡ



**ଗୋଲ୍ଡ ଫେସିଆଲ୍ ଭଳି, ଏବେ ଗୋଲ୍ଡ ସ୍କ୍ରବ୍ ଖୁବ୍ ଲୋକପ୍ରିୟ ରହିଛି । ବ୍ୟସ୍ତ ଜୀବନଶୈଳୀ, ପ୍ରଦୂଷଣ, ଧୂଳି, ମାଟି, ତ୍ୱଚାକୁ ନିଷ୍କ୍ରିୟ କରିଦିଏ । ତେଣୁ ତ୍ୱଚାକୁ ଉଜ୍ଜ୍ୱଳ କରିବା ସହ ସତେଜ ଅନୁଭୂତି ଚାହୁଁଥିଲେ ଗୋଲ୍ଡ ସ୍କ୍ରବ୍ କରିପାରିବେ ।**

- ଗୋଲଡ ସ୍କ୍ରବ୍ ତ୍ୱଚାକୁ ନ ରଗଡ଼ି, କୌଣସି ପ୍ରକାର କ୍ଷତି ନ ପହଞ୍ଚାଇ, ମୃତକୋଷ କାଢ଼ିବା, ତ୍ୱଚାକୁ ଉନ୍ନତ କରିବା ସହ ତ୍ୱଚାରେ ଚମକ ଆଣିବାରେ ସାହାଯ୍ୟ କରିଥାଏ ।
- ପ୍ରଥମେ ଗୋଲ୍ଡ କେବଳ ଅଳଙ୍କାରରେ ସୀମିତ ଥିଲା । ହେଲେ ଏବେ ବିୟୁଟି ଇଣ୍ଡଷ୍ଟ୍ରୀ ସହ ଗୋଲ୍ଡକୁ ଯୋଡ଼ାଯାଉଛି । ଗୋଲ୍ଡ ଆଧାରିତ ସ୍କିନ୍ କେୟାର୍ ପ୍ରଡକ୍ଟ ମହିଳାଙ୍କୁ ଏକ ରାଜକୀୟ ଅନୁଭୂତି ଦେବା ସହ ତ୍ୱଚାକୁ ସତେଜ ଏବଂ ସୁନ୍ଦର କରିଥାଏ ।
- ମହିଳାମାନେ କେବଳ ଗୋରା ନୁହେଁ, ସୁସ୍ଥ, ପଲିସ୍‌ଡ ଏବଂ ଉଜ୍ଜ୍ୱଳ ତ୍ୱଚା ଚାହାଁନ୍ତି । ସେହିପରି ଗୋଲ୍ଡ ସ୍କ୍ରବ୍ ଏ ସମସ୍ତ ଆବଶ୍ୟକତାକୁ ପୁରା କରିଥାଏ ।






# ଏମ୍‌ବାପ୍ପେ ଫ୍ରାନ୍ସର ସର୍ବକାଳୀନ ସ୍କୋରର୍

**ନ୍ୟୁୟର୍କ, ୧୭।୬ (ଏଜେନ୍ସି):** ଟାଇଟଲ୍ ଦାବିଦାର ତଥା ଦୁଇଥରର ବିଜେତା ଫ୍ରାନ୍ସ ଚଳିତ ଫିଫା ବିଶ୍ୱକପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗତକାଲି ରାତିରେ ନ୍ୟୁୟର୍କସ୍ଥିତ ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଆଇ'ର ଏକ ମ୍ୟାଚରେ ଫ୍ରାନ୍ସ ୩-୧ ଗୋଲ୍‌ରେ ସେନେଗାଲ୍‌କୁ ହରାଇଦେଇଛି। ଷ୍ଟାର୍ ଖେଳାଳି କିଲିଆନ ଏମବାପ୍ପେ ଡବଲ୍ ଗୋଲ୍ ସ୍କୋର କରି ଫ୍ରାନ୍ସକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମ୍ୟାଚର ୬୬ତମ ଓ ଦ୍ୱିତୀୟାର୍ଦ୍ଧର ଇଞ୍ଜୁରୀ ଟାଇମ୍ (୯୦+୬)ରେ ଗୋଲ୍ ଦେଇଥିଲେ। ବ୍ରାଡଲୀ ବାର୍କୋଲା ଫ୍ରାନ୍ସ ପାଇଁ ଅନ୍ୟତମ ଗୋଲ୍‌ଟି ସ୍କୋର କରିଥିଲେ। ସେନେଗାଲ୍ ପାଇଁ ଇବ୍ରାହିମ୍ ବାଏ ଗୋଟିଏ ଗୋଲ୍ ଶୁଝିଥିଲେ। ଏମ୍‌ବାପ୍ପେଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଗୋଲ୍ ସଂଖ୍ୟା ଏଥିସହ ୫୮ରେ ପହଞ୍ଚିଛି। ଫଳରେ ସେ ଫ୍ରାନ୍ସ ପାଇଁ ସର୍ବକାଳୀନ ସର୍ବାଧିକ ଗୋଲ୍‌ସ୍କୋରର୍ ହୋଇଛନ୍ତି। ଏହିକ୍ରମରେ ସେ ଓଲିଭର ଗିରୋଡ (୫୭ ଗୋଲ୍)ଙ୍କୁ ପଛରେ ପକାଇଛନ୍ତି। ସେହିଭଳି ଫିଫା ବିଶ୍ୱକପ୍‌ରେ ଏମବାପ୍ପେଙ୍କ ଏହା ୧୪ତମ ଗୋଲ୍ ହୋଇଛି।

## ଜୋର୍ଡାନକୁ ହରାଇଲା ଅଷ୍ଟ୍ରିଆ

**ଲକ୍ଷ୍ନୌ, ୧୭।୬ (ଏଜେନ୍ସି):** ସହଜ ବିଜୟରୁ ଅଷ୍ଟ୍ରିଆ ଚଳିତ ଫିଫା ବିଶ୍ୱକପରେ ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ଗ୍ରୁପ୍-ଜେ'ର ଏକ ମ୍ୟାଚରେ ଅଷ୍ଟ୍ରିଆ ୩-୧ ଗୋଲରେ ଜୋର୍ଡାନକୁ ମାତ୍ ଦେଇଛି। ରୋମାନୋ ସ୍କମିଦ ଅଷ୍ଟ୍ରିଆ ପାଇଁ ପ୍ରଥମ ଗୋଲ୍ ଦେଇଥିଲେ। ଏହି ବିଜୟ ସହ ଅଷ୍ଟ୍ରିଆ ୩ ପଏଣ୍ଟ ପାଇ ଖାତା ଖୋଲିଛି।

# ମେସିଙ୍କ ହ୍ୟାଟ୍ରିକ୍: ଆର୍ଜେଣ୍ଟିନାର ବିଜୟ ଅଭିଯାନ

**କନସାସ୍, ୧୭।୬ (ଏଜେନ୍ସି)**

ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଦମ୍‌ଦାର ବିଜୟରୁ ଚଳିତ ଫିଫା ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିଛି। ବୁଧବାର ଭୋର ସମୟରେ ଅନୁଷ୍ଠିତ ଗ୍ରୁପ-ଜେ'ର ଏକ ମ୍ୟାଚରେ ଆର୍ଜେଣ୍ଟିନା ୩-୦ ଗୋଲରେ ଆଲ୍‌ଜେରିଆକୁ ହରାଇଛି। ଏହି ମ୍ୟାଚରେ ଅଧିନାୟକ ତଥା ମହାନ ଖେଳାଳି ଲିଓନେଲ ମେସି ହ୍ୟାଟ୍ରିକ ଗୋଲ୍ ଦେଇ ଆର୍ଜେଣ୍ଟିନାକୁ ପ୍ରଥମ ବିଜୟ ସ୍ୱାଦ ଚଖାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଜୟ ସହ ୨୦୨୨ ଚାମ୍ପିଅନ ଆର୍ଜେଣ୍ଟିନା ୩ ପଏଣ୍ଟ ମଧ୍ୟ ପାଇ ଖାତା ଖୋଲିଛି। ମେସିଙ୍କ ଦଳ ପରବର୍ତ୍ତୀ ମ୍ୟାଚରେ ଜୁନ ୨୨ (ସୋମବାର) ଅଷ୍ଟ୍ରିଆକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଆମେରିକାର କାନସାସ୍ ସିଟି ଷ୍ଟାଡିୟମରେ ଅନୁଷ୍ଠିତ ଆଲ୍‌ଜେରିଆ ବିପକ୍ଷ ଏହି ମ୍ୟାଚରେ ଆର୍ଜେଣ୍ଟିନା ପ୍ରାରମ୍ଭରୁ ଅଗ୍ରଣୀ ନେବାରେ ସଫଳ ହୋଇଥିଲା। ମ୍ୟାଚର ୧୭ତମ ମିନିଟ୍‌ରେ ଆଲ୍‌ଜେରିଆ ଗୋଲ୍‌ପୋଷ୍ଟର ପେନାଲ୍ଟି ଏରିଆ ବାହାରୁ ମେସି ବାମ ପାଦରେ ଏକ ଜୋର୍‌ଦାର୍ ସଟ୍ ମାରିଥିଲେ। ମେସିଙ୍କ ଏହି ସଟ୍‌ଟି ଆଲ୍‌ଜେରିଆ ଗୋଲ୍‌ରକ୍ଷକ ଲୁକା ଜିଦାନେଙ୍କୁ ଚକ୍‌ମା ଦେଇଥିଲା। ଫଳରେ ଆର୍ଜେଣ୍ଟିନା ପ୍ରଥମ ଗୋଲ୍ ସହ ୧-୦ର ଅଗ୍ରଣୀ ହାସଲ କରିଥିଲା। ଅବଶ୍ୟ ଏଥିପୂର୍ବରୁ ମେସିଙ୍କ ଏକ ଗୋଲ୍‌କୁ ରେଫରୀ ଅଫ୍-ସାଇଟ୍ ସହ ନାକଚ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ୩୮ ବର୍ଷୀୟ ମେସି ଆହୁରି ଚମତ୍କାର ପ୍ରଦର୍ଶନ କରିଥିଲେ। ଏପରିକି ୧୬ ମିନିଟ୍ ବ୍ୟବଧାନରେ ଦୁଇଟି ଗୋଲ୍ ଦେଇ ଏହି କିମ୍ବଦନ୍ତୀ ଖେଳାଳି ଚଳିତ ବିଶ୍ୱକପ୍‌ର ପ୍ରଥମ ଖେଳାଳି ଭାବେ ହ୍ୟାଟ୍ରିକ ପୂରଣ କରିଥିଲେ। ମେସି ୬୦ତମ ମିନିଟ୍‌ରେ ଦ୍ୱିତୀୟ ଓ ୭୬ତମ ମିନିଟ୍‌ରେ ୩ୟ ଗୋଲ୍‌ଟି ଦେଇଥିଲେ। ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ୩-୦ର ଏହି ଅଗ୍ରଣୀକୁ ବଜାୟ ରଖି ଆର୍ଜେଣ୍ଟିନା ସହଜ ବିଜୟ ହାସଲ କରିଥିଲା। ସମ୍ପୂର୍ଣ୍ଣ ମ୍ୟାଚରେ ପାସ୍ ଓ ପାସ୍ ଆକ୍ୟୁରେସିରେ ଆର୍ଜେଣ୍ଟିନାଠାରୁ ଆଲ୍‌ଜେରିଆ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ୍‌ସ୍କୋର ଖାତା ଖୋଲିପାରି ନ ଥିଲା।



## ମେସିଙ୍କ ରେକର୍ଡ

### ୧ ସର୍ବାଧିକ ଗୋଲ୍‌ରେ କ୍ଲୋଜଙ୍କ ସମକକ୍ଷ

ଆସନ୍ତା ୨୪ ତାରିଖରେ ୩୯ ବର୍ଷରେ ପାଦ ଥାପିବାକୁ ଯାଉଥିବା ଆର୍ଜେଣ୍ଟିନା କିମ୍ବଦନ୍ତୀ ଖେଳାଳି ଲିଓନେଲ ମେସି ଫିଫା ବିଶ୍ୱକପ୍ ଇତିହାସରେ ସର୍ବାଧିକ ଗୋଲ୍ ଦେବାରେ ଜର୍ମାନୀର ମିରୋସ୍ଲାଭ କ୍ଲୋଜଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଉଭୟ ମେସି ଓ କ୍ଲୋଜ ଏବେ ୧୬ଟି ଲେଖାଏ ଗୋଲ୍ ଦେଇ ମିଳିତ ଭାବେ ତାଲିକାର ଶୀର୍ଷରେ ରହିଛନ୍ତି। ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଅତିକମ୍‌ରେ ଆହୁରି ଦୁଇଟି ମ୍ୟାଚ୍ ଖେଳିବାକୁ ବାକି ଥିବାରୁ ମେସିଙ୍କ ନିକଟରେ ସର୍ବକାଳୀନ ସର୍ବାଧିକ ଗୋଲ୍‌ସ୍କୋରର କରିବାର ସୁଯୋଗ ରହିଛି। ୧୫ଟି ଗୋଲ୍ ସହ ବ୍ରାଜିଲର ରୋନାଲ୍ଡୋ ୩ୟ ଓ ଫ୍ରାନ୍ସର କିଲିଆନ ଏମ୍‌ବାପ୍ପେ ୧୪ ଗୋଲ୍ ସହ ତାଲିକାରେ ତଳକୁ ରହିଛନ୍ତି।

### ୨ ବିଶ୍ୱକପ୍‌ରେ ବୟୋଜ୍ୟେଷ୍ଠ ହ୍ୟାଟ୍ରିକ ସ୍କୋରର୍

ଫିଫା ବିଶ୍ୱକପ୍ ଇତିହାସରେ ହ୍ୟାଟ୍ରିକ ଗୋଲ୍‌ସ୍କୋର କରିବାରେ ମେସି ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ଆଲ୍‌ଜେରିଆ ବିପକ୍ଷରେ ହ୍ୟାଟ୍ରିକ ବେଳକୁ ମେସିଙ୍କୁ ୩୮ ବର୍ଷ ୩୫୭ ଦିନ ହୋଇଥିଲା। ଏହିକ୍ରମରେ ସେ ପର୍ତ୍ତୁଗାଲ୍ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ଟପିଛନ୍ତି। ୨୦୧୮ ବିଶ୍ୱକପ୍‌ରେ ରୋନାଲ୍ଡୋ ୩୩ ବର୍ଷ ୧୨୨ ଦିନରେ ସ୍ପେନ ବିପକ୍ଷରେ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ଅନ୍ତର୍ଜାତୀୟ ଫୁଟବଲରେ ମେସିଙ୍କ ଏହା ୧୭ତମ ହ୍ୟାଟ୍ରିକ ଥିଲା।

### ୩ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଏକାଧିକ ଗୋଲ୍

ଫିଫା ବିଶ୍ୱକପ୍‌ର ଏକ ମ୍ୟାଚରେ ଏକାଧିକ ଗୋଲ୍ ଦେବାରେ ମେସି ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ଆଲ୍‌ଜେରିଆ ବିପକ୍ଷରେ ହ୍ୟାଟ୍ରିକ ଗୋଲ୍ ଦେବା ସମୟରେ ମେସିଙ୍କୁ ୩୮ ବର୍ଷ ୩୫୭ ଦିନ ହୋଇଥିଲା। ଏହିକ୍ରମରେ ସେ କାମେରନ ଖେଳାଳି ରୋଜର ମିଲ୍ଲାଙ୍କୁ ପଛରେ ପକାଇ ଦେଇଛନ୍ତି।

### ୪ ୨୦୦ ମ୍ୟାଚ୍ ଓ ୧୨୦ ଗୋଲ୍


ଆଲ୍‌ଜେରିଆ ବିପକ୍ଷ ମୁକାବିଲା ସହ ମେସି ଅନ୍ତର୍ଜାତୀୟ ଫୁଟବଲରେ ୨୦୦ତମ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ଏଠାରେ ହ୍ୟାଟ୍ରିକ ଗୋଲ୍ ସହ ମେସିଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଗୋଲ୍‌ସଂଖ୍ୟା ୧୨୦ରେ ପହଞ୍ଚିଛି। ଅନ୍ତର୍ଜାତୀୟ ପୁରୁଷ ଫୁଟବଲରେ ସର୍ବାଧିକ ଗୋଲ୍ ଦେବାରେ ପର୍ତ୍ତୁଗାଲ୍ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ୧୪୩)ଙ୍କ ପଛକୁ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଲଜେରିଆ ବିପକ୍ଷ ମ୍ୟାଚ୍ ଖେଳି ମେସି ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରର ୬ଷ୍ଠ ବିଶ୍ୱକପ୍ ଖେଳିଛନ୍ତି।

# ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜ୍ ଫାଇନାଲରେ ଭାରତ-ଏ

**ଡାମ୍ବୁଲା, ୧୭।୬ (ଏଜେନ୍ସି):** ଶ୍ରୀଲଙ୍କାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଦିନିକିଆ କ୍ରିକେଟ୍ ସିରିଜର ପ୍ରଥମ ଦଳ ଭାବେ ଭାରତ-ଏ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ଏକ ରାଉଣ୍ଡ-ରବିନ ମ୍ୟାଚରେ ଭାରତ-ଏ ଦଳ ୧୦୧ ରନର ବୃହତ୍ ବ୍ୟବଧାନରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା। ଫଳରେ ଭାରତ ଚତୁର୍ଥ ମ୍ୟାଚରୁ ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଛି। ଶୁକ୍ରବାର ଆୟୋଜକ ଶ୍ରୀଲଙ୍କା-ଏ ଓ ଆଫଗାନିସ୍ତାନ-ଏ ମଧ୍ୟରେ ଅନ୍ତିମ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପରେ ରବିବାର କେଉଁ ଦଳ ଭାରତ-ଏ ସହ ଫାଇନାଲ ଖେଳିବ ତାହା ସ୍ପଷ୍ଟ ହେବ। ବୁଧବାର ଅନୁଷ୍ଠିତ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ-ଏ ୫୦ ଓଭରରେ ୯ ୱିକେଟ୍ ହରାଇ ୩୧୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓପନର୍ ପ୍ରିୟାଂଶ ଆର୍ଯ୍ୟ ଓ ୱିକେଟକିପର କୁମାର କୁଶାଗ୍ର ୫୮ ରନ ଲେଖାଏ କରିଥିଲେ। ସେହିଭଳି ଅଧିନାୟକ ତିଳକ ବର୍ମାଙ୍କ ବ୍ୟାଟରୁ ୫୯ ରନର ଅର୍ଦ୍ଧଶତକୀୟ ପାଳି ଦେଖିବାକୁ ମିଳିଥିଲା। କିନ୍ତୁ ଭାରତ-ଏ ଦଳରୁ ପଦାର୍ପଣ କରିବାର ୪ଟି ମ୍ୟାଚ୍ ଖେଳିସାରିଥିଲେ ମଧ୍ୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଅର୍ଦ୍ଧଶତକ ହାସଲ କରିବାରେ ବିଫଳ ହୋଇଛନ୍ତି। ସେ ୩୮ ରନ କରି ଆଉଟ୍ ହୋଇଥିଲେ। ଜବାବରେ ନିଶାନ୍ତ ସିନ୍ଧୁଙ୍କ ବୋଲିଂକୁ ସାମ୍ନା କରି ନ ପାରି ଆଫଗାନିସ୍ତାନ ୩୬.୫ ଓଭରରେ ୨୧୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୪ଟି ୱିକେଟ୍ ନେଇଥିବା ସିନ୍ଧୁ ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ସୂର୍ଯ୍ୟବଂଶୀଙ୍କୁ ଜୋରିମାନା

**ଡାମ୍ବୁଲା, ୧୭।୬ (ଏଜେନ୍ସି):** ତ୍ରି-ରାଷ୍ଟ୍ରୀୟ ସିରିଜ ଖେଳିବା ଲାଗି ଶ୍ରୀଲଙ୍କା ଗସ୍ତରେ ଯାଇଥିବା ଭାରତ-ଏ କ୍ରିକେଟ୍ ଦଳର ଦୁଇ ଖେଳାଳି ଅଧିନାୟକ ତିଳକ ବର୍ମା ଓ ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ଆର୍ଥିକ ଜରିମାନା କରାଯାଇଛି। ଶ୍ରୀଲଙ୍କା-ଏ ବିପକ୍ଷ ଗତ ମ୍ୟାଚକୁ ଭାରତ-ଏ ସୁପର୍ ଓଭରରେ ହାରିଯାଇଥିଲା। ଏହି ମ୍ୟାଚ୍ ପରେ ଭାରତୀୟ ଖେଳାଳି ସୂର୍ଯ୍ୟବଂଶୀ ଓ ଅଧିନାୟକ ତିଳକଙ୍କ ସହ ଶ୍ରୀଲଙ୍କା ଦଳର ବିଶେନ ହାଲାମବାଗେ ଓ ୱିକେଟ୍‌କିପର ନିରୋଶାନ ଡିକୱେଲାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ବିଶୃଙ୍ଖଳିତ ଆଚରଣ ଲାଗି ମ୍ୟାଚ ରେଫରୀ ଉଭୟ ସୂର୍ଯ୍ୟବଂଶୀ ଓ ବିଶେନଙ୍କ ମ୍ୟାଚ ପାଉଣାର ୫୦ ପ୍ରତିଶତ ପାଉଣା ଜରିମାନା କରିଛନ୍ତି। ସେହିଭଳି ତିଲକଙ୍କ ୩୦ ପ୍ରତିଶତ ଓ ଡିକୱେଲାଙ୍କ ୨୦ ପ୍ରତିଶତ ପାଉଣା କଟାଯାଇଛି।



| ଫିଫା ବିଶ୍ୱକପ୍ ମୁକାବିଲା |
| --- |
| ଜୁନ୍-୧୮, ଗୁରୁବାର ରାତି |
| ଚେକିଆ-ଦ.ଆଫ୍ରିକା |
| ଆଟଲାଣ୍ଟା, ରାତି ୯.୩୦ |
| ସ୍ୱିଜରଲାଣ୍ଡ-ବୋସନିଆ |
| ଲସ୍ ଏଞ୍ଜେଲ୍ସ, ରାତି ୧୨.୩୦ |
| କାନାଡା-କତାର |
| ଭାଙ୍କୋଭର, ରାତି ୩.୩୦ |
| ଜୁନ୍-୧୯ ଶୁକ୍ରବାର |
| ମେକ୍ସିକୋ-ଦ.କୋରିଆ |
| ଜାପୋପାନ୍, ସକାଳ ୬ଟା୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

# ନରୱେ-୪; ଇରାକ-୧



**ଫକ୍ସବର୍ଗ, ୧୭।୬ (ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍‌ରେ ବୁଧବାର ଅନୁଷ୍ଠିତ ଗ୍ରୁପ୍-ଆଇ'ର ଅନ୍ୟ ଏକ ମ୍ୟାଚରେ ନରୱେ ୪-୧ ଗୋଲ୍‌ରେ ସହଜରେ ଇରାକକୁ ପରାସ୍ତ କରିଛି। ଆମେରିକାର ଫକ୍ସବର୍ଗସ୍ଥିତ ବୋଷ୍ଟନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍ ସାରା ନରୱେ ପ୍ରଭାବ ବିସ୍ତାର କରି ଖେଳିଥିଲା। ନରୱେ ପ୍ରଥମାର୍ଦ୍ଧରେ ଦୁଇଟି ଓ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଦୁଇଟି ଗୋଲ୍ ଦେଇଥିଲା। ନରୱେର ଷ୍ଟାର ଖେଳାଳି ଏର୍ଲିଙ୍ଗ ହଲାଣ୍ଡ ୨ଟି ଗୋଲ୍ ଦେଇ ବିଜୟରେ ନାୟକ ସାଜିଥିଲେ। ସେ ପ୍ରଥମାର୍ଦ୍ଧର ୨୯ତମ ଓ ୪୩ତମ ମିନିଟ୍‌ରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ଦ୍ୱିତୀୟାର୍ଦ୍ଧ ତଥା ୬୬ତମ ମିନିଟ୍‌ରେ ଲିଓ ଓଷ୍ଟିଗାର୍ଡ ନରୱେ ପାଇଁ ୩ୟ ଗୋଲସ୍କୋର କରିଥିଲେ। ଇଞ୍ଜୁରୀ ଟାଇମରେ ଆୟେମେନ ହୁସେନ ଇରାକ ପାଇଁ ଏକ ଆତ୍ମଘାତୀ ଗୋଲ୍ ଦେଇଥିଲେ। ଫିଫା ବିଶ୍ୱକପ୍ ଇତିହାସରେ ହର୍ଲାଣ୍ଡ ପ୍ରଥମ ନରୱେ ଖେଳାଳି ଭାବେ ଗୋଟିଏ ମ୍ୟାଚରେ ଦୁଇଟି ଗୋଲ୍ ଦେବାର ସୌଭାଗ୍ୟ ଲାଭ କରିଥିଲେ।

**ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତର ସର୍ବବୃହତ୍ ସ୍କୋର**

# ନେଦରଲ୍ୟାଣ୍ଡସକୁ ୨୧୦ ରନ୍‌ର ଟାର୍ଗେଟ୍



**ଲିଡ୍ସ,୧୭।୬(ଏଜେନ୍ସି):** ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ଏକ ଐତିହାସିକ ସଫଳତା ହାସଲ କରିଛି। ନେଦରଲ୍ୟାଣ୍ଡସ ବିପକ୍ଷ ମ୍ୟାଚ୍‌ରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୦୯ ରନ୍ ସଂଗ୍ରହ କରିଛି। ଏହା ବିଶ୍ୱକପ୍ ଇତିହାସରେ ଭାରତର ସର୍ବୋଚ୍ଚ ସ୍କୋର ସାବ୍ୟସ୍ତ ହୋଇଛି। ଏଥିସହ ଭାରତ ପ୍ରଥମ ଥର ପାଇଁ ୨୦୦ ରନର ସୀମା ପାର୍ କରିଛି। ଭାରତ ପକ୍ଷରୁ ଓପନର ସ୍ମୃତି ମାନ୍ଧନା ଏବଂ ଶେଫାଳି ବର୍ମା ଦମଦାର ବ୍ୟାଟିଂ କରି ପ୍ରଥମ ୱିକେଟ୍ ପାଇଁ ୧୧୫ ରନ୍‌ର ଭାଗିଦାରୀ କରିଥିଲେ। ମାନ୍ଧନା ୪୭ ବଲ୍‌ରୁ ୭୪ ରନ୍ (୧୧ ଚୌକା, ୧ ଛକା) କରିଥିବା ବେଳେ ଶେଫାଳି ୩୮ ବଲ୍‌ରୁ ୫୫ ରନ୍‌ର ଇନିଂସ ଖେଳିଥିଲେ। ଶେଷ ଆଡ଼କୁ ରିଚା ଘୋଷ ମାତ୍ର ୮ ବଲ୍‌ରୁ ଅପରାଜିତ ୨୦ ରନ୍ ଏବଂ ଦୀପ୍ତି ଶର୍ମା ଶେଷ ଓଭରରେ ଆକ୍ରମଣାତ୍ମକ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୨୦୯ରେ ପହଞ୍ଚାଇଥିଲେ। ଭାରତ ପାଇଁ ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସେଜ ୧୯, ଅଧିନାୟିକା ହରମନପ୍ରୀତ କୌର ୧୨ ରନ ସଂଗ୍ରହ କରିଥିବା ବେଳେ ଦୀପ୍ତି ଶର୍ମା ୧୦ ରନକରି ଅପରାଜିତ ରହିଥିଲେ। ନେଦରଲ୍ୟାଣ୍ଡ ପକ୍ଷରୁ କାରୋଲିନ ଡି ଲାଙ୍ଗେ ସର୍ବାଧିକ ୨ଟି ୱିକେଟ୍ ନେଇଛନ୍ତି। ବିଜୟ ପାଇଁ ନେଦରଲ୍ୟାଣ୍ଡକୁ ୨୧୦ ରନ୍‌ର ବଡ଼ ଲକ୍ଷ୍ୟ ମିଳିଛି। ପୂର୍ବରୁ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ବୃହତ ୬୪ ରନରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା।

## ଅଷ୍ଟ୍ରେଲିଆର ବାଜିମାତ୍

**ଚଟ୍ଟୋଗ୍ରାମ, ୧୭।୬ (ଏଜେନ୍ସି):** ଘରୋଇ ବାଂଲାଦେଶ ବିପକ୍ଷରେ ବୁଧବାର ଏଠାରେ ଅନୁଷ୍ଠିତ ଟି-୨୦ ସିରିଜର ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ୪ ୱିକେଟ୍‌ରେ ବିଜୟୀ ହୋଇଛି। ଟସ୍ ଜିତି ବାଂଲାଦେଶ ପ୍ରତିପକ୍ଷ ସ୍ପିନ ଆଟାକ୍‌କୁ ସାମ୍ନା କରି ନ ପାରି ୧୩୧ ରନରେ ଅଲ୍‌ଆଉଟ୍ ହୋଇଥିଲା। ଚାରି ଅଷ୍ଟ୍ରେଲୀୟ ସ୍ପିନର ଆଦାମ ଜାମ୍ପା (୩/୧୮), ପଦାର୍ପଣକାରୀ ଜୋଏଲ ଡେଭିସ୍ (୩/୧୭), ମ୍ୟାଟ୍ ରେନସ (୨/୨୬) ଓ ଅନ୍ୟତମ ପଦାର୍ପଣକାରୀ ଭାରତୀୟ ବଂଶୋଦ୍ଭବ ନିଖିଳ ଚୌଧୁରୀ (୧/୧୪) ମିଳିତ ଭାବେ ୯ଟି ୱିକେଟ୍ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୬ ୱିକେଟ୍ ହରାଇ ୧୦ଟି ବଲ୍ ବଳକା ଥାଇ ବିଜୟୀ ହୋଇଥିଲା।

**କବାଡ଼ି ଓ ଟଗ୍ ଅଫ୍ ୱାର୍ ଚାମ୍ପିଅନସିପ ଉଦ୍‌ଯାପିତ**

# ପଶ୍ଚିମବଙ୍ଗକୁ କବାଡ଼ିରେ ଡବଲ୍ ଟ୍ରଫି



**ଭୁବନେଶ୍ୱର, ୧୭।୬ (ସମିସ):** ରଜ ପର୍ବ ଉପଲକ୍ଷେ ଭୁବନେଶ୍ୱର ଉପକଣ୍ଠ ମଦନପୁର ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜାତୀୟସ୍ତରର କ୍ରୀଡା ପ୍ରତିଯୋଗିତା କବାଡି ଓ ଟଗ୍ ଅଫ ୱାର ଚାମ୍ପିଅନସିପ ଉଦଯାପିତ ହୋଇଯାଇଛି। ବିଚିତ୍ର ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଚାରି ଦିନଧରି ଚାଲିଥିବା ଏହି ପ୍ରତିଯୋଗିତାର କବାଡ଼ି କ୍ରୀଡ଼ାରେ ପଶ୍ଚିମବଙ୍ଗକୁ ଡବଲ୍ ଟ୍ରଫି ମିଳିଛି। କବାଡି ପୁରୁଷରେ ଭୁବନେଶ୍ୱରର ପଟ୍ଟନାୟକ ଏକାଡେମୀକୁ ହରାଇ କୋଲକାତା ପୁଲିସ ଚାମ୍ପିଅନ ହୋଇଛି। ସେହିଭଳି ମହିଳାରେ ପଶ୍ଚିମବଙ୍ଗ ଚାମ୍ପିଅନ ଓ ଛତିଶଗଡ଼ ଦଳ ରନର୍ସଅପ ହୋଇଥିଲା। କବାଡିରେ ମୋଟ ୧୬ଟି ଦଳ ଓଡିଶାରୁ ଜଟଣୀ,ୱାନ ଭଏସ, ଜୟ ଓଡିଶା ଆସ୍କା, ପଟ୍ଟନାୟକ, ଜିଏନଏସଓ, ସମ୍ବଲପୁର, କିଟ, ରେନବୋ, ନୂଆପଡା, କଳିଙ୍ଗ ଷ୍ଟାଡିୟମ ଓ ଆରଏସପି ଏବଂ ରାଜ୍ୟ ବାହାରୁ ଛତିଶଗଡ଼, ହରିଆନା, ଭୋପାଳ ଓ କୋଲକାତା ପୁଲିସ ଦଳ ରହିଥିଲେ। ପୁରୁଷରେ ଚାମ୍ପିଅନ ଦଳକୁ ୫୦ ହଜାର ଓ ରନର୍ସଅପ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ମହିଳାରେ ଚାମ୍ପିଅନଙ୍କୁ ୩୦ ହଜାର ଓ ରନର୍ସଅଫ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଦିଆଯାଇଥିଲା। ଉଦଯାପନୀ ଉତ୍ସବରେ ବିଜେଡି ନେତା ମନ୍ମଥ ରାଉତରାୟ, ଚାରିଟେବୁଲ ଟ୍ରଷ୍ଟର ଆବାହକ ତଥା ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସ, ବିଶୁଧାନନ୍ଦ ବେହେରା ଓ ସୁରଜିତ ମଙ୍ଗରାଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ଗିଲ୍-କିଶାନଙ୍କ ଦମ୍‌ଦାର ଶତକ**

# ଭାରତର ଆଗୁଆ ସିରିଜ୍ କବ୍‌ଜା

**ଲକ୍ଷ୍ନୌ, ୧୭।୬ (ଏଜେନ୍ସି)**

ଘରୋଇ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଦିନିକିଆ ସିରିଜର ଦ୍ୱିତୀୟ ମୁକାବିଲା ବୁଧବାର ସ୍ଥାନୀୟ ଏକନା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଦମ୍‌ଦାର ପ୍ରଦର୍ଶନ କରିଛି। ଅଧିନାୟକ ଶୁବମନ ଗିଲ୍ ଓ ଯୁବ ୱିକେଟ୍‌କିପର ଇଶାନ କିଶାନଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୪୯.୫ ଓଭରରେ ୪୦୨ ରନର ବିଶାଳ ସ୍କୋର କରି ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ଏହି ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଆଫଗାନିସ୍ତାନ ୧୭୦ ରନରେ ପରାସ୍ତ ହୋଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ୭ ୱିକେଟରେ ଜିତିଥିବା ଭାରତ ଏଥିସହ ୨-୦ରେ ଆଗୁଆ ସିରିଜ କବଜା କରିନେଇଛି। ଅନ୍ତିମ ତଥା ୩ୟ ଦିନିକିଆ ଶନିବାର ଚେନ୍ନଇରେ ଖେଳାଯିବ।

୪୦୩ ରନର ଲକ୍ଷ୍ୟକୁ ପିଛା କରିଥିବା ଆଫଗାନିସ୍ତାନ ରହମତ ଶାହ ୭୭ ରନର ଲଢ଼ୁଆ ପାଳି ଖେଳିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଦଳ ୪୩.୩ ଓଭରରେ ୨୩୨ ରନ କରି ଅଲଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରହମନୁଲ୍ଲା ଗୁରବାଜ ୪୧, ସେଦିକୁଲ୍ଲା ଅଟଳ ୪୨, ଇବ୍ରାହିମ ଜର୍ଦାନ ୨୧, ରଶିଦ ଖାନ ୧୨ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁପାରନ ଥିଲେ। ବୋଲିଂରେ ଭାରତ ପକ୍ଷରୁ ଅର୍ଶଦୀପ୍ ସିଂହ ଓ ଗୁରନର୍ ବ୍ରାର ୩ଟି ଲେଖାଏ ୱିକେଟ୍ ନେଇଥିଲେ। ସେହିଭଳି ଆଇପିଏଲ୍ ତାରକା ତଥା ଏଠାରେ ଦିନିକିଆ କ୍ୟାରିୟର ଆରମ୍ଭ କରିଥିବା ପ୍ରିନ୍ସ ଯାଦବଙ୍କୁ ୨ଟି ୱିକେଟ୍ ମିଳିଥିଲା।





ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦ୍ୱିତୀୟ ଓଭରରେ ଓପନର୍ ଯଶସ୍ୱୀ ଜୟସ୍ୱାଲ (୪ ରନ)ଙ୍କ ୱିକେଟ ହରାଇଥିଲା। ଅନ୍ୟତମ ଓପନର ରୋହିତ୍ ଶର୍ମା ୪୮ ରନର ଉପଯୋଗୀ ପାଳି ଖେଳି ଆଉଟ୍ ହୋଇଥିଲେ। ତେବେ ତୃତୀୟ ୱିକେଟରେ ଅଧିନାୟକ ଗିଲ୍ ଓ ଇଶାନ କିଶାନ ଦମ୍‌ଦାର ଶତକୀୟ ପାଳି ଖେଳି ଦଳକୁ ବିଶାଳ ସ୍କୋର ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗିଲ୍ ୧୧୦ ବଲରୁ ସର୍ବାଧିକ ୧୫୪ ରନ (୨୨ ଚୌକା ଓ ୨ ଛକା) ଓ ଇଶାନ ୭୯ ବଲରେ ୧୨୫ (୧୪ ଚୌକା ଓ ୭ ଛକା) ରନର ଶତକୀୟ ପାଳି ଖେଳିଥିଲେ। ତୃତୀୟ ୱିକେଟରେ ଏହି ଯୋଡ଼ି ୧୧୦ ବଲରୁ ୨୨୪ ରନ ଉଠାଇବାରୁ ଭାରତ ୪୦୨ ରନ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରେୟସ ଆୟର ୨୬, ୱାଶିଂଟନ ସୁନ୍ଦର ୧୯ ରନ କରିଥିବାବେଳେ ଲୋକେଶ ରାହୁଲ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଆଫଗାନିସ୍ତାନ ପାଇଁ ନାନଗେୟାଲି ଖରୋଟି ୪ଟି ଓ ରଶିଦ ଖାନ ୩ଟି ୱିକେଟ୍ ନେଇଥିଲେ।

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 20.06.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS